
JUL 1969

ଶ୍ରୀ ଶୁକଦେବ ସାହୁଙ୍କର

# ଝଡ଼ ଓ ଝରାଫୁଲ

ଦ୍ୱିତୀୟ ଅଳକା ସଂସ୍କରଣ
ଜାନୁୟାରୀ-୧୯୫୬

ପ୍ରକାଶିକା—
ଶ୍ରୀମତୀ ତିଳୋତ୍ତମା ସାହୁ
ଅଳକା ପ୍ରକାଶନୀ,
କଟକ—୩

କଥାବସ୍ତୁ ମୁଦ୍ରାକର—
ଶ୍ରୀ ଘନଶ୍ୟାମ ଖଣ୍ଡୁଆଳ
ନବଯୁଗ ପ୍ରେସ,
କଟକ—୨

ପ୍ରଚ୍ଛଦପଟ ମୁଦ୍ରଣ ଓ ବ୍ଲକ ନିର୍ମାଣକାରୀ
କାଲି ପ୍ରୋସେସ ଓ୍ୱାର୍କସ,
କଲିକତା—୧୨

**ଏକଟଙ୍କା ଚାରିଅଣା**



# ଏଇ ଲେଖିକାଙ୍କ ପ୍ରକାଶିତ

## ଉପନ୍ୟାସ

ନବକଳ୍ପ

ଖସଡ଼ା ପଥରେ

ପରବାସୀ

ବିଦେଶ ବାହୁଡ଼ା

ମନର ଯେତେ ଆଶା

ମନ ହରଣୀ କାନ୍ଦେ

ଝଡ଼ ଓ ଝରାଫୁଲ

★

## ଗଳ୍ପ ସଂଗ୍ରହ

ଶେଫାଳୀ ଝଡ଼ିଯାଏ

ଗାଁ ମାଟି ଡାକେ

★

## ଖଣ୍ଡ କବିତା

ପ୍ରେମ ରାଗ

★

## ପ୍ରକାଶମୁଖୀ

ପ୍ରିୟା ଓ ପରକୀୟା

ଦିଗନ୍ତ

କଥାକେତୋଟି

ପ୍ରାପ୍ତିସ୍ଥାନ— ପ୍ରକାଶ ବୁକ୍ ଷ୍ଟୋର, କଟକ—୩

# ଏଇ ଲେଖିକାଙ୍କ ପ୍ରକାଶିତ

## ଉପନ୍ୟାସ

ନବଜନ୍ମ

ଖସଡ଼ା ପଥରେ

ପରବାସୀ

ବିଦେଶ ବାହୁଡ଼ା

ମନର ଯେତେ ଆଶା

ମନ ହରିଣୀ କାନ୍ଦେ

ଝଡ଼ ଓ ଝରାଫୁଲ

★

## ଗଳ୍ପ ସଂଗ୍ରହ

ଶେଫାଳୀ ଝଡ଼ିଯାଏ

ଗାଁ ମାଟି ଡାକେ

★

## ଖଣ୍ଡ କବିତା

ପ୍ରେମ ରାଗ

★

## ପ୍ରକାଶମୁଖୀ

ପ୍ରିୟା ଓ ପରକୀୟା

ଦିଗନ୍ତ

କଥାଠକଗୋଟି

ପ୍ରାପ୍ତି ସ୍ଥାନ— **ପ୍ରକାଶ ବୁକ୍ ଷ୍ଟୋର,** କଟକ—୩

କବିତା ଭବନ, କଟକ

ତା ୧୫ । ୪ । ୫୧

ଆକଭୁର ଓ ଗୃହ୍ଣୁ ନୂଆବୋଉ,

ସୁଖଦୁଃଖର ସଂସାର ତମର ଗଢ଼ି ଚାଲିଛି । ତମେ ଦେଖିବ ଠିକ୍ ଗୋଟିଏ ବୃନ୍ତରେ ଦୁଇଟି ଫୁଲ୍ ପରି ହସି ଉଠିଛି । ଅଭାବନୀୟ ଘଟଣା ତରଙ୍ଗରେ ଭାସି ଯାଇ ନାହିଁ — ଫୁଟିଛି, ହସିଛି — ଦିନୁ ଦିନ ଯାଏ । ଜୀବନକୁ ସରସ ସୁନ୍ଦର କରି ତମ କୋଳରେ ଆଜ ଦିଓଟି ନୂଆ ଅତିଥି ଆସିଛନ୍ତି — କବିତା ଓ କଲ୍ୟାଣୀ । ପ୍ରଣୟର ହୋଇଛି ରୂପାନ୍ତର — ଭଲ ପାଇବାର ଦାନ ପ୍ରତିଦାନର ଛବି କବିତା ଓ କଲ୍ୟାଣୀ ।

ଆକାଶରେ ଫୁଟି ଉଠିଛି ଅସୁମାରି ତାରା । ଚନ୍ଦ୍ର ହସୁଛି । ଘଡ଼ିକ ପରେ ପୁଣି ଲୁଚି ଯାଉଛି — ଦିଗ ଦିଗନ୍ତରରେ ଝଡ଼ର ସୂଚନା । ପବନ ବେଗି ବେଗି ପିଟୁଛି । ଘର ଦୁଆର ମଣିଷ ସହିତ କି ଧରଣୀକୁ ରସାତଳକୁ ଠେଲି ଦେବ । ଅନ୍ୟାୟ, ଅତ୍ୟାଚାର, ଭଲ ପାଇବାର ପ୍ରତିଦାନରେ ବିଷ । ଜୀବନଟା ହୁ ହୁ ହୋଇ ଜଳି ଉଠୁଛି । ଜଳି କି ପୋଡ଼ି ନାହିଁ —

ନିଭି ଯାଉଚି । ପୁଣି ଶୀତଳ । ଗୃହଅଡ଼େ ଜୋସ୍ନାର ଝଙ୍କାର—ଧରଣୀ ସୁନ୍ଦର ।

ମଣିଷ ଭୁଲୁଚି । ଖସଡ଼ା ପଥ—ଭେଳିକି ଦୁନିଆ । ସେମିତି ଅତି ଆଦରରେ ଗଢ଼ା ମୋର "ପୁନି"ର ଜୀବନରେ ଅସିଚି ଭେଳିକି, ତା'ପରେ ପ୍ରବଳ ଝଡ଼ । ଝଂଝାଫୁଲ ପରି ସେ ଝୁରି ଝୁରି ଗୁଲୁଚି ତା' ଯାତ୍ରାର ଅମଡ଼ା ଛନ୍ଦହୀନ ପଥରେ । ମରଣର ଦ୍ୱାର ନିକଟରେ ପହଞ୍ଚି ବି ଜୀବନର ମାୟା ତୁଟେ ନାହିଁ । କିଏ ଜାଣେ ତା' ଯାତ୍ରାର ଶେଷ କେଉଁଠି ?

'ଝଡ଼ ଓ ଝଂଝାଫୁଲ' ଆଜି ମୋର ତମରି ଦୁହିଁଙ୍କ ହାତରେ—ଗରିବ ଲେଖକର ଜୀବନ ଯାକର ଭେଟି । ଆଶା "ପୁନି" ଟିକୁ ମୋର ସ୍ନେହ ଦୃଷ୍ଟିରେ ଦେଖିବ—କବିତା, କଲ୍ୟାଣି ପରି । ପର ବୋଲି ଭାବିବ ନାହିଁ ।

ସବୁ ଦନର ସେହି
ସ୍ନେହର ଶୁଭ

'ଝଡ଼ ଓ ଝରାଫୁଲ' ପ୍ରକାଶ ହେବାର ଗୋଟିଏ ବର୍ଷ ଭିତରେ ଶେଷ ହୋଇ ଯାଇଥିଲା । ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଁ ବହୁଦିନରୁ ଉଦ୍ୟମ ହୋଇ ମଧ୍ୟ କାର୍ଯ୍ୟକାରୀ ହୋଇ ନଥିଲା । ଆଜି ପାଠକ ସମାଜ ଉଦାସୀନ । ଏପରି ସମୟରେ ମୋ ଭଳି ଲେଖକଙ୍କୁ ଦ୍ୱିତୀୟବାର ପ୍ରକାଶିତ ବହି ଖଣ୍ଡିକ କପର ଅଦ୍ଭୁତ ହେବ ଜାଣେନା ।

ଜଣେ ବନ୍ଧୁ ପତ୍ନୀ 'ଝଡ଼ ଓ ଝରାଫୁଲ' ପଢ଼ି ଖୁବ୍ ପ୍ରଶଂସା କରିଥିଲେ ଓ ପୁନି ଜୀବନର ପରବର୍ତ୍ତୀ ଘଟଣା ନେଇ ଏହାର ଦ୍ୱିତୀୟ ଭାଗ ଲେଖିବା ପାଇଁ ପତ୍ର ଦ୍ୱାରା ଅନୁରୋଧ ଜଣାଇଥିଲେ । ତାଙ୍କର ଅନୁରୋଧ ରଖିବାକୁ କଥା ଦେଇ ମଧ୍ୟ କାର୍ଯ୍ୟରେ କିନ୍ତୁ କରି ପାରିନାହିଁ । ତାଙ୍କ ନିକଟରେ ଏଥିପାଇଁ ମୁଁ ଲଜ୍ଜିତ । ଏହାର ଦ୍ୱିତୀୟ ଭାଗ "ଯେ ପଥେ ଯାଇଛି ଚାଲି" କଳ୍ପନାରେ ରହିଛି ।

ପୁନଃମୁଦ୍ରଣ ବେଳେ ବହିଟିକୁ କେତେକ ଭାଗରେ ଲେଖନୀ ଚାଳନା କରିବାକୁ ଇଚ୍ଛା ଥିଲେହେଁ କରି ନାହିଁ । 'ଝଡ଼ ଓ ଝରାଫୁଲ' ଲେଖିବା ବେଳର ଅବସ୍ଥା ଓ ମନ ଆଜି ଅନେକ ବଦଳି ଯାଇଛି । ସେଥିପାଇଁ ଅତୀତରେ ଯାହା ଥିଲା ସହଜ, ସୁନ୍ଦର—ଆଜି ତାହା ନିଜକୁ ଖାପଛଡ଼ା ଲାଗୁଛି । ତଥାପି ଜୀବନର ପ୍ରଥମ ସ୍ନିଗ୍ଧ ଅନୁଭୂତିର ମହକ ପ୍ରାଣରେ ଯେତେବେଳେ ଆମୋଦିତ କରି ନୂତନ ମଧୁର ଛନ୍ଦ ତୋଳିଥିଲା—ଆଜି ସେଇ ମଧୁର ଛନ୍ଦକୁ ଶରଧାର ପାଇଁ ମାରି ଦଅନ୍ତି କପରି ?

କବିତା ଭବନ, କଟକ
ତା ୨-୧-୫୬

ଶୁକଦେବ ସାହୁ

# ଝଡ଼ ଓ ଝରାଫୁଲ

ଏଇ ଝଡ଼ ଆସେ
ସାଙ୍କେତିକ ଚିହ୍ନ ସମ ପ୍ରଚ୍ଛନ୍ନ ଆକାଶେ
ବିଦ୍ୟୁତର କୁଟୀଳ ସ୍ୱାକ୍ଷର
ସେ କି ବନ୍ଧୁ, ବିପ୍ଳବର ଆଦ୍ୟ ସ୍ୱୟମ୍ବର—
ଅଗ୍ନି ବରମାଲ୍ୟ, ଆଜ ପ୍ରାନ୍ତରେ ପ୍ରାନ୍ତରେ
ଧୂଳିର ଅଞ୍ଜଳି ଭରି ପୃଥିବୀକି
ଦିଏ ଲଜାଞ୍ଜଳୀ, ଏ ଝଡ଼ରେ
ବ୍ରଜର ବଂଶୀ ବାଜଇ ଆକାଶ କୁଞ୍ଜେ ମେ
ଧ୍ୱଂସ ଚିହ୍ନ ଚୁମେ ।

ଏଇ ଝଡ଼ ଠେଲେ
ଶାଖାଚ୍ଛିନ୍ନ ଫୁଲ ଭାସି ଚଳେ
ପୂର୍ବାପରହୀନ ଏକ ଇତିହାସ ତାର
ହଜି ଅଛି, ଶୁଭେ ଖାଲି ଝଡ଼ର ଚିତ୍କାର
ଏ ଲଗ୍ନରେ ନାହିଁ ଆଜ
ନୀଡ଼ାଶ୍ରୟୀ ପକ୍ଷୀର କାକଳୀ
ଭ୍ରମର ଫେରିଛି ଦୂରେ, କାନ୍ଦେ ବନସ୍ଥଳୀ
ଝରାଫୁଲ ( ଛିନ୍ନ ଆୟୁ ତାର )
କେଉଁ ବିସ୍ମୃତିର ଗର୍ଭେ
ରଚେ ଏଇ ଝଡ଼େ ଅଭିସାର !

ଶ୍ରୀ ବିନୋଦଚନ୍ଦ୍ର ନାୟକ ଏ

## ✻ ଏକ ✻

ସୁଖ କଷ୍ଟରେ କଟେଣ ଅଛୁ ।

ସେ ଦିନ ପାହାନ୍ତା ପହରୁ ବୋଉ ମୋତେ ଉଠାଇଁ ଦେଲା । କହିଲା, ପୁନିଲୋ ଉଠୁ, ଉଠୁ, ଆଜି ପରା ମହାଜନ ଘର ପାଇଟିକୁ ଯିବାକୁ ହେବ। ଆଉ କେଇଟା ଦିନଗଲେ ଦଶ'ରା । ମହାଜନଘର ପରବ। କେତେ ଲୋକ ଆସିବେ ଯିବେ। ଘର ଖାଲି ଅଳିନ୍ଦରେ ଉଚ୍ଛୁଳି ଉଠିବ । ଧୁଆ ଧା, ଠା ଖଞ୍ଜା — ଲିପାପୋଛା କେତେ ପାଇଟି । ମୁଁ ଏକୁଲା ଆଉ ପାରୁନି — ବଳ ବୟସ ଗଲାଣି । ବୁଢ଼ୀ ହେଲିଣି କଥା ସରିଲା, ତରବରକା ବାସି ପାଇଟି ସାରି ଶୁଲି ।

ମୁଁ ନିଦ ମଳ ମଳ ଆଖିରେ ଉଠିଲି । ଆଉ ଟିକିଏ ଡାଳି [illegible] ଶୋଇବାକୁ ମନ ହେଉଥାଏ । କିନ୍ତୁ ବୋଉର ଡାକ ଶୁଣି ଅଳସ [illegible] ମାଡ଼ି ଉଠି ବାହାରକୁ ଆସିଲି । ଉପରେ [illegible]

ନିଦ ଭଲ କରି ଭାଙ୍ଗି ନଥାଏ । କାଲୁଆ ଶୀତ ପବନଟା ବହୁ ଆସୁ-ଥାଏ । ଦେହ ମୁଣ୍ଡରେ ଲଙ୍ଗା ସଜାଡ଼ି ଦାଣ୍ଡଟା ଓଳାଇ ବସିଲି । ଛେରା ପାଣି ପକାଇ ଗଲି ବାସନ ମାଜିବାକୁ । ବାସନ ଦି,ଟଣ୍ଡ ମାଜି ଦେଇ ଘରଭିତରୁ ବାହାର ଯାଏ ସବୁ କାମ ଦଣ୍ଡକରେ ସାରିଦେଲି ।

ସେତେବେଳକୁ ବାସୀ ତରିଫୁଲ ମଉଳି ଝଡ଼ି ପଡ଼ିଲାଣି । ସକାଳ ସୂର୍ଯ୍ୟର କଅଁଳ ଆଲୁଅ ଆମ ଘର ମଝାନ ଛୁଇଁ ଓଳିତଳେ ବିଛାଡ଼ି ହୋଇ ପଡିଲାଣି । ନଡ଼ିଆ ଗଛ ଉପରେ କାଉ ଗୁଡ଼ା ବସି କା,କା ରବ ଛାଡ଼ୁଥାନ୍ତି । ବୋଉ କହିଲା, ପୁନିଲୋ ଆସୁ ଆସୁ ଯାଇଁ କେତେବେଳ ହେବ, ଦିଟା ପଖାଳ ଖାଇ ଯିବା । ଲଗେଇ ଖାଇବାକୁ କିଛି ନଥାଏ ବୋଲି ମୋ ମନଟା କାହିଁକି ଆଗୋଉ-ନଥାଏ । ବୋଉ ପୁଣି କହିଲା, ଯା କାଲି ଯୋଉ ବାଇଗଣ ଆଣିଥିଲି ସେଥିରୁ ଦିଟା କେଉଁଠି ସାଇରୁ ପୋଡ଼ିଆଣ । ସତକୁ-ସତ ଡେରି ହେବ ଜାଣି ବୋଉ କଥାରେ ରାଜି ହୋଇ ବାଇଗଣ ଦିଟା ପୋଡ଼ି ଆଣିଲି । ପଖାଳ କଂସାଏ ବାଢ଼ି ବୋଉକୁ ଖାଇବାକୁ ଡାକିଲି । ଦିହେଁ ସାଙ୍ଗ ହୋଇ ଦିଟା ଖାଇଲୁ । ଟୁନ ଆସି ଖାଇବି ବୋଲି ବୋଉ ପାଖରେ ଅଳି ଲଗାଇଲା । ଟୁନ ମୋର ସାନଭାଇ —ବୋଉର କୋଡ଼ପୋଛା ପୁଅ । ବୋଉ ମୁଠି ଦିଟା ଆଣି ଟୁନକୁ ଦେଲା । ଟୁନ ଖାଇ ଗୁହାଳିକି ଚାଲିଗଲା । ଆମେ ଦିହେଁ ମହାଜନ ଘର ମୁହାଁ ଧରିଲୁ ।

ଗାଁର ମଝି ରାସ୍ତା ଲମ୍ବି ଯାଇଛି । ଏକପଟକୁ ଦି'ସାହାସ୍ତ ଘର । ବଇଁଶା—ସବୁ ଜାତିର ଲୋକେ ବାସ କରନ୍ତି । ଆମଘର ପଟର ପଟର ଛାଡ଼ିଲେ ବ୍ରାହ୍ମଣ ସାହି । ତା ପରକୁ ଖଣ୍ଡାଇତ ବସ୍ତି

—ମହାଜନ ଘର । ଜଗବନ୍ଧୁ ରାଉତରାୟ—ବୁନିଆଦ ଘର । ଧନରେ ଯେମିତି—ମାନରେ ସେମିତି । ଗାଁରେ ସମସ୍ତେ ରାଉତରା ଘରକୁ ଖାତିର କରନ୍ତି । ଜଗବନ୍ଧୁ ରାଉତରା ବାପ ନୀଳମଣି ରାଉତରା । ନୀଳମଣି ଚାରିଭାଇ । ନୀଳମଣି ସବା ସାନ । କିନ୍ତୁ ସେ ବର୍ଷ ଝାଡାବାନ୍ତି ହେଲା ଯେ ସମସ୍ତେ ଗୋଟି ଗୋଟି ହୋଇଗଲେ ମରି । ଆଗେ ଦାମୋଦର, ଦ'ଦିନ ପରେ ସୁଧାକର, ତା' ଚାରିଦିନ ପରେ କୁଳମଣି । ଗୋଟି ଗୋଟି ହୋଇ ତାଙ୍କ ହାକ ଆଖି ବୁଜିଲେ ଏକା ରହିଲା ନୀଳମଣି ରାଉତରା । ରାଉତରାର ଗୋଟିଏ ପୁଅ ଜଗବନ୍ଧୁ—ଆଉ କିଛି ନାହିଁ । ଷାଠିଏ ବରଷର ବୁଢ଼ା ନୀଳମଣି ରାଉତରା ଆରବରଷ ଅଶିଣ ମାସରେ ଆଖି ବୁଜିଲା । ବୁଢ଼ା ଭାରି କୃପଣ । ପଇସାଟିଏ କାହାରିକୁ ଛାଡ଼ିବ ନାହିଁ କିନ୍ତୁ ଜଗବନ୍ଧୁ ରାଉତରା ସେପରି ନୁହେଁ । ଦୟାବନ୍ତ ଲୋକ । ପରକୁ ଆପଣାର କରିବାରେ ସିଦ୍ଧହସ୍ତ । ରାଉତରା ସ୍ତ୍ରୀ ଟି ମଧ୍ୟ ସେହିପରି । ପର ଦୁଃଖ ଦେଖିଲେ ତା ଆଖିରୁ ଆପେ ଆପେ ଲୁହ ଝରିପଡ଼େ ।

ବ୍ରାହ୍ମଣ ସାହି ପାର ହୋଇ ଆସିଲା ପରେ ରାଉତରା ଘର ଦେଙ୍ଗା ନଡ଼ିଆ ଗଛ ଦିଶିଲା । ବୋଉ ଆଗେ ଆଗେ ଚାଲିଥାଏ—ମୁଁ ପଛରେ । ମହାଜନ ଘର ପାଖରେ ଆସି ପହଞ୍ଚିଲୁ । ରାଉତରା ବୁଢ଼ା ଦାଣ୍ଡ ପିଣ୍ଡାରେ ବସିଥାଏ—ପାଖରେ ତାଙ୍କ କୋଠିଆ ମହଣୀ । ମହଣୀକୁ କଣ ବୁଢ଼ା ପଚାରୁଥାଏ । ବୋଉ ଓ ମୁଁ ମୁଣ୍ଡରେ ଓଢ଼ଣୀ ଦେଇ ବାଟେ ଭାଙ୍ଗି ତାଙ୍କ ସେପାଖ ଖଞ୍ଜାକୁ ଗଲୁ । ମାଉସୀ ( ରାଉତରା ସ୍ତ୍ରୀ ) କହିଲେ, ଝିନୁ ବୋଉ ସାଥିରେ 'ସେ'ଟି କିଏ ? ବୋଉ କହିଲା, ସେ ପରା ପୁନି । ମାଉସୀ ହସିଲେ । କହିଲେ, ମୁଁ ତ ପୁନିକୁ ଚିହ୍ନିପାରୁ ନାହିଁ—ଏତେ ବଡ଼ ହୋଇ ଗଲାଣି

ଆଇଲି, ଝିଅ ଭଲ କରି ତୋତେ ଦେଖେ । ମୁଁ ଯାଇ ମାଉସୀଙ୍କ ଗୋଡ଼ତଳେ ମୁଣ୍ଡିଆ ମାରିଲି । ମାଉସୀ କହିଲେ ସତେ ଟେ ନ ବୋଉ ପୁନିକି ଦେଖିଲେ ତୋ ଝିଅ ବୋଲି କେହି କହିବ ନାହିଁ । ରୂପ ଯେମିତି—ସାକ୍ଷାତ ଲକ୍ଷ୍ମୀଟି ପରି । ମାଉସୀଙ୍କ କଥା ଶୁଣି ମୋର ଅନ୍ତର ଗର୍ବରେ ଫୁଲି ଉଠୁଥାଏ । ବୋଉ କହିଲେ ଏକଲା ଏତେବଡ଼ ଖଞ୍ଜା ଲିପାପୋଛାକୁ ପାରିବ ନାହିଁ ବୋଲି ପୁନିକୁ ନେଇ ଆସିଲି । ମାଉସୀ କହିଲେ, ହଉ ଚଞ୍ଚଳ ଚଞ୍ଚଳ ହାତ ଦେଲେ ଆଜି ଏ ପୁରୁଣା ଖଞ୍ଜା ସରିଯିବ । ଏତିକି କହି ମାଉସୀ ଘରଆଡ଼େ ଗଲେ । ଆମେ ଦୁହେଁ କାମରେ ଲାଗିଲୁ ।

ଷୋଳ ବରଷର ଝିଅ ହେଲଣି ଏଠି କେବେ ଆଗରୁ ଲିପା ପୋଛା କରି ଆସିନାହିଁ । ହତଭାଗୀତ ମୁଁ ପିଲାବେଳେ ବାପାକୁ ଖାଇଲି ମୋ ଜନ୍ମ ହେବା ସାତ ବରଷ ପରେ । ଠିକ୍ ସେତେ ବେଳେ ବୋଉ ପେଟରେ ଥାଏ । ହଠାତ୍ ଦିନେ ସଂଜବେଳେ ବାପାଙ୍କୁ ଜର ଆସିଲା । ସେହି ଦିନଠୁ ସେହି ଜର ବଢ଼ିବାରେ ଲାଗିଲା । ବୋଉ ଯେତେ ଯୁଆଡ଼ୁ ଔଷଧ ଆଣିଦେଲା, କିଛି ହେଲା ନାହିଁ । ଦିନେ ନିଶା ଗର୍ଜି ଚ; ଅନ୍ଧାର ରାତି । ବାପା ଚିରଦିନ ପାଇଁ ଆଖି ବୁଜିଲେ । ବୋଉ କୁହେ ସେଦିନ ରାତି ଅନ୍ଧାର ପରି ସେ ଆଉ କେବେ ଏପରି ଅନ୍ଧାର ଦେଖିନାହିଁ ।

ବାପା ଗଲେ ଆମେ ହେଲୁ ଅନାଥ । ନିଜ ଦାଦି ଯିଏ, ସେ ପୁଣି ସାତ ପର । ବାପାଙ୍କ ଶିରୀ ଦେଖି ପାରନ୍ତି ନାହିଁ । ଆଖି ବୁଜିଲା ବେଳେ ବାପା କହିଲେ ଧୀମ ମୋର ଜୀବନ ଦୀପରୁ ତେଲ ସରିଲା—ଆଉ ବଞ୍ଚିବି ନାହିଁ । ପୁନି ବୋଉ, ପୁନି ତୋତେ ଲଗିଲା । ବାପା ଗଲା ପରେ ସେ ଆମକୁ ନିଜର କରିବେ କଣ ଓଲଟି ଦାଉ ସାଧିବାକୁ ଲାଗିଲେ । ଖୁଡ଼ୀ ଯିଏ

ଖୁଡ଼ୀର ନୁହେଁ—ମୁଁ କହେ ରାକ୍ଷସୀ । ସିଏ ଯେଉଁ ଦିନଠୁ ଘରେ ଗୋଡ଼ ଦେଲା—ସେହି ଦିନଠୁ ଘର ଭାଙ୍ଗିବାର ଖିଅ ଯୋଡ଼ିଲା । ବାପା ଦାଦାଙ୍କୁ ଭାରି ଭଲ ପାଆନ୍ତି । ଦାମଦାଦା ମଧ୍ୟ ସେମିତି ବାପାଙ୍କୁ ଭାରି ଭକ୍ତି କରନ୍ତି । କିନ୍ତୁ ଖୁଡ଼ୀ ଆସିବା ପରେ ଦାମଦାଦା ବଦଳି ଗଲେ । ଭାଇଟା—ସିଏ ସାତ ପର, ସିଏ ନିଜର ହେଲା । ଅନ୍ତପାଡ଼ ମା' ଯାକୁ ଜନ୍ମ ଦେଇଛି—ନିଜ ରକ୍ତର—ସେଇ ଭାଇ ନିଜର ହେଲା ନାହିଁ । ବୋଉର ଖୁଡ଼ୀର ପଡ଼ିଲା ନାହିଁ । ତାପରେ ଦିନେ ଘର ଭାଙ୍ଗିଲା । ଦିହେଁ ହେଲେ ଅଲଗା—ଭିନେ । ବାପା ମରିବା ଚାରି ମାସ ପରେ ଝୁନୁ ଜନ୍ମ ହେଲା । ଝୁନୁକୁ ଦେଖି ବୋଉ ବାପାଙ୍କୁ ହରାଇବା ଦୁଃଖ ଭୁଲିଲା । ଆମର ତେଲି ଘର । ଗଣ୍ଡାଏ ଆମେ—କାହାରି ଭଲ ମନ୍ଦରେ ନଥାଉ । ସାଉଁତରା ଘର ମାଉସୀ ବୋଉକୁ ଭାରି ଭଲ ପାଆନ୍ତି । ଭଲ ମନ୍ଦରେ ମାଉସୀ ଆମକୁ ସାହା ହୁଅନ୍ତି । ବାପା ମଲା ପରେ ସେହି ଆମର ନିଆଶ୍ରୀ ଜୀବନର ଭରସା ।

ବୋଉ ଖଞ୍ଜା ବାହାରେ ଲିପୁଥାଏ । ମୁଁ ଥାଏ ଭିତରେ । ଆଉ ଘଡ଼ିକ ପରେ ଲିପା ସରିଯିବ । ବେଳକୁ ଅନାଇଲି କଅଁଳ ଗାଧୁଆ ବେଳ ହେବ । ତର ତର ହୋଇ କାମରେ ହାତ ଦେଲି । ବୋଉକୁ ଡାକି କହିଲି, ଚଞ୍ଚଳ ହାତ କର—ଘରକୁ ଯିବା । ଝୁନୁ ଆସିବା ବେଳ ହେଲାଣି । ଲିପି ଚାଲିଥାଏ କେତେବେଳେ ଦେହରୁ ମୁଣ୍ଡରୁ ଲୁଗା ଖସି ପଡ଼ିଛି ସେ ଆଡ଼କୁ ନଜର ନାହିଁ, ଲିପି ସାରି ପିଡ଼ାରୁ ଓହ୍ଲାଇଲି ବେଳକୁ ହଠାତ୍ ଗୋଟିଏ ଗୌର ସୁନ୍ଦର ଯୁବକଟିଏ ଘର ଭିତରକୁ ପଶି ଆସିଲେ । ତାଙ୍କ ଆଡ଼କୁ ଚାହିଁବା ମାତ୍ରେ ମୋର ଚକ୍ଷୁ ସହିତ ତାଙ୍କ ଚକ୍ଷୁର ମିଳନ ହୋଇଗଲା । ତାଙ୍କୁ ଦେଖି ମୁଁ ଲାଜରେ ସଢିଗଲି । ଦେହ ମୁଣ୍ଡରେ ଲୁଗା ସଜାଡ଼ି

ମୁଣ୍ଡର ଓଢ଼ଣା ଟିକିଏ ଟାଣି ଛିଡ଼ା ହେଲି । ସେ ଘଡ଼ିଏ କାଳ ଅନାଇ ରହିଗଲେ । ତାଙ୍କ ଦୃଷ୍ଟିରୁ ବିସ୍ମୟ ଓ ଆନନ୍ଦର ଆଭା ଫୁଟି ଉଠୁଥିଲା । ସରମ ଝାଳ ମୋ ଦେହରୁ ବହିଗଲା । ସେ ଚାଲିଗଲା ପରେ ଟିକିଏ ଶାନ୍ତିର ନିଶ୍ୱାସ ମାରିଲି ମନକୁ ମନ ଭାବିଲି କିଏ ଚିହ୍ନି ପାରିଲି ନାହିଁ ତ ? ଭଲକରି ମୁଁ ତାଙ୍କୁ ଦେଖିନାହିଁ । ତେବେ ଯେତିକି ଦେଖିଚି, ସେତିକିରୁ ମନେ ହେଉଥିଲା ସେ ଖୁବ୍ ସୁନ୍ଦର । ଯୌବନର ଗୋରା ତକତକ ପୁରିଲା ମୁହଁଟି ତାଙ୍କର ଛବିଟି ପରି ଦେଖା ଯାଉଥିଲା । ପଦାକୁ ଆସିଲି । ବୋଉକୁ ଖୋଜିଲି—ପାଇଲି ନାହିଁ । କାନ୍ଥକୁ ଅନାଇଲି ଲିପା ସବୁ ସରି ଯାଇଛି ।

ଏ ଖଞ୍ଜାକୁ ଆସି ଦେଖେ ବୋଉ, ମାଉସୀ ଓ ସେହି ଯୁବକଟି । ତିନିହେଁ କଣ କଥାଭାଷା ହେଉଛନ୍ତି । ଯୁବକଟିକୁ ଦେଖି ଘରଭିତରକୁ ନଯାଇ ପଦାରେ ଛିଡ଼ା ହେଲି । ମାଉସୀ ଦେଖି ଡାକିଲେ, ଆସୁନୁ ପୁନି, ଗୋପକୁ ଦେଖି ଲାଜ କରୁଛୁନା କଣ, ଭାଇଟା ହେବ ପରା—ଏତେ ଲାଜ କଣ । ମନକୁ ମନ ଭାବିଲି, ଆଉ ଗୋପ ଭାଇଙ୍କୁ ମୁଁ ଚିହ୍ନି ପାରୁନାହିଁ ଏ ଭିତରେ ଏତେ ବଦଳି ଗଲେଣି । ଚାରିବରଷ ତଳେ ଦେଖିଥିଲି । କଟକରେ ଥାଇ ଆଉ ଏ ଭିତରେ ମୋଟେ ଗାଁକୁ ଆସି ନାହାନ୍ତି । ଏତେ ବଦଳି ଯାଇଛନ୍ତି—ସତେ ଚିହ୍ନି ହେଉନାହିଁ । ଏଠି ଥିଲା ବେଳେ କି ରୋଗା ଥିଲେ—ସବୁ ବଦଳି ଯାଇଛି । ଯୌବନର ପ୍ରଥମ ମଳୟ ଯେତେବେଳେ ଅନ୍ତର ସ୍ପର୍ଶ କରେ—ସେତେବେଳେ ଆପେ ଆପେ ସୌନ୍ଦର୍ଯ୍ୟ ଫୁଟି ଉଠେ—କଳାଭଅଁରର ଚିକ୍କଣ ରୂପ ଗଉରବ ପରି । ଅନ୍ତର କହିଲା ଗୋପ ଭାଇଙ୍କୁ ଏତେ ଲାଜ କଣ ମ ? ଗାଁ ପୁଅ—ପିଲାବେଳ ସାଥୀ—ପୁଣି ଅତି ଆପଣାର ମାଉସୀଙ୍କର ସ୍ନେହର ଦୁଲାଳ । ଭିତରକୁ

ଗଲି । ପୁଣି ପରକ୍ଷଣରେ ଲାଜ ଆସି ଗୋଡ଼ ଦୁହାଁକୁ ପଛକୁ ଠେଲୁଥାଏ । କଣ କରିବି—ଗଲି । ବୋଉ କହିଲା; ଗୋପ ଭାଇଙ୍କୁ ଦଣ୍ଡବତଟା ହେଉନାହୁଁ । ସତେ ତ ଛିଃ ଛିଃ ସେ କଣ ଭାବିଥିବେ ଦଣ୍ଡବତ ହେବାକୁ ନଇଁ ପଡ଼ିଲି । ସେ ହାତ ଧରି ଉଠାଇ କହିଲେ ଥାଉ ସେଇ ହେଲା ନାହିଁ । ତାଙ୍କର କର ପରଶରେ ମୋ ଦେହରେ ବିଜୁଳି ଖେଳିଗଲା । ଲାଜରେ ମୁହଁ ହେଂପଟକୁ କଲି । ଗୋପଭାଇ କହିଲେ, ପୁନି ଏତେ ବଡ଼ ହୋଇଗଲାଣି ମାଉସୀ; କାଲି ପରି ଲାଗୁଛି ଏତେ ଟିକିଏ ଥିଲା— ଆମର ଘରେ ଆସି ଡେଉଁଥିଲା । ଅଜ ପୁଣି ଏତେ ଦିନ ପରେ ପୁନିକୁ ଗୋଟିଏ ନୂଆ ବୋଉ ବେଶରେ ଦେଖିବି ବୋଲି ମୋର ଧାରଣା ନ ଥିଲା ।

ବୋଉ ହସି କହିଲେ ଗୋପର ପିଲାଳିଆ କଥା ଢଙ୍ଗ ଆଜିଯାଏ ଗଲା ନାହିଁ । ମୁଁ କଣେଇ କରି ତାଙ୍କର ଆଡ଼କୁ ଅନାଇଲି । ଦେଖିଲି ସେ ମୋ ଆଡ଼କୁ ବାର ବାର ମୁଗ୍ଧ ଦୃଷ୍ଟିରେ ଅନାଉଛନ୍ତି । ଲାଜ ମାଡ଼ିଲା । ଦେହକୁ ଅନାଇଲି ଲୁଗାପଟା କେଉଁଠୁ ଖସି ଯାଇ ନାହିଁ ତ । ନାହିଁ, ସବୁ ତ ଠିକ୍ ଅଛି । ଆଉ ଏତେ କାହିଁକି ଅନାଉଛନ୍ତି । କିଛି ବୁଝି ପାରିଲି ନାହିଁ । ମନେ ମନେ ବୋଉ ଉପରେ ଭାରି ଚିଡ଼ୁଥାଏ । ଚାଲି ନାହିଁ କାହିଁକି ଘରକୁ । ଖାଲି ଗପ—ଏଆଡ଼େ ଗଲା ସିଆଡ଼େ । ଦିନ ସରିବ କିନ୍ତୁ ତାର ଗପ ସରିବ ନି । ମୁହଁ ଖୋଲି କହିଲି ବୋଉ ଯିବା ଚାଲ । ହୃନ ଆସି ଖୋଲୁଥିବ । ଗୋପଭାଇ କହିଲେ, ପୁନି କଅଣ ପିଞ୍ଜରାରେ ଅଛି କି ଏତେ ଉଚ୍ଛନ୍ନ କାହିଁକି ହେଉଛୁ । ମାଉସୀ କହିଲେ ଭାରି ଲାଜକୁଳୀ ଝିଅଟା ସେ । ତୁ ଅଛୁ ବୋଲି ତାକୁ ଅଡ଼ୁଆ ଲାଗୁଛି । ସତେ ମାଉସୀ ମୋ ମନକଥା ଜାଣିଲେ କିପରି; କିନ୍ତୁ ପରକ୍ଷଣରେ ମୋର ଭାରି ଦୁଃଖ ହେଲା,

ଗୋପ ଭାଇ ଚାଲିଗଲେ । ମୁହଁ ଖୋଲି କହି ପାରିଲିନି—ଦୁର୍ବଳତା ଆସିଲା ।

ବୋଉ କହିଲା, ଯାଉଛ ବେଳ ଆସି ମୁଣ୍ଡ ଉପରେ ହେଲାଣି । ମାଉସୀଙ୍କଠାରୁ ବିଦାୟ ନେଇ ଆସିଲି । ମାଉସୀ କହିଲେ, କାଲି ଚଞ୍ଚଳ ଆସ ଏ ଖଞ୍ଜଣା ସାରିଦେବ । ଆସିଲାବେଳେ ଅସରନ୍ତି ଭାବନା ମନ ଉପରେ ଧାଁ ଧପଡ଼ କରୁଥାଏ । ଗୋପଭାଇଙ୍କ ସହିତ ଆଖିର ବିନିମୟ । ତା’ ପରେ ସେ କାହିଁକି ମୋ ଆଡ଼କୁ ବାର ବାର ଚାହୁଁଥିଲେ । ମୋଠୁ ବା କଣ ସେ ଏତେ ଦେଖୁଥିଲେ । କିଛି ଭାବିବାର ଥଳକୂଳ ପାଇଲି ନାହିଁ । ଗୋପଭାଇଙ୍କର ସୁନ୍ଦର ମୁହଁରୁ ହସ ହସ ମିଳମିଳିଆ କଥା କେଇ ପଦ କାନରେ ବାଜି ଯାଉଥିଲା । ତାଙ୍କର କର ପରଶରେ ଯେଉଁ ଅଜଣା ଶିହରଣ ଦେହରେ ଖେଳିଗଲା ତା’ର ସ୍ପନ୍ଦନ ଏବେ ବି ହୃଦୟରେ ପଡ଼ୁଥିଲା । ଘରେ ଆସି କେତେବେଳେ ପହଞ୍ଚି ଗଲିଣି—ଜଣା ନ ଥିଲା । ହଠାତ ଭାବନା ତନ୍ଦ୍ରା ମୋର ଭାଙ୍ଗିଗଲା ।

# * ଧୂଈ *

ଦିନ ଆଲୁଅ ଲିଭି ଲିଭି ଗଲା ଠିକ୍ ବାସୀ ଗୋଲପର ଲିଭିଲା ହସ ପରି । ଦୂର ନଡ଼ିଆ ଗଛ ସେ ପଟେ ସରଗ ମଥାନରୁ ରୁପା ଥାଳିଆ ଜହ୍ନ ହସି ଉଠିଲା । ଗାଁଟାଯାକ କ୍ଷଣକରେ ହାଲୋଳ ଦିଶିଲା । ଜୋଛନା ଆଲୁଅରେ ଆମ ବାରିରେ ଜହ୍ନି ଫୁଲ ଜରଶାଢ଼ୀ ପିନ୍ଧି ସମୀର ପରଶରେ ଦୋଳି ଖେଳୁଥାଏ । ବୋଉ କୁଆଡ଼େ ଗାଁ ଆଡ଼େ ଯାଇଥାଏ । ମୁଁ ତଅଣ ରାନ୍ଧି ସାରି ଭାତ ବସାଇ ଥାଏ । ନୂନା ଗାଁ ପିଲାଙ୍କ ସାଙ୍ଗରେ ଖେଳିବାକୁ ଚାଲି ଯାଇଥାଏ । ଘରେ ଏକାଲୁଟା —ଭଲ ଲାଗୁ ନଥାଏ । ମାଣିକ କାହିଁକି ଆଜି ଆସି ନଥାଏ ! ନନ୍ଦ ଅଜାଙ୍କ ଝିଅ ମାଣିକ । ମାଣିକ ମୋର ସାଙ୍ଗ । ଏକା ମାସରେ ଜନ୍ମ —ଏକା ବରଷରେ । ଦୁହିଙ୍କର ଭାରି ଭାବ—ଚାଣି ଗଲେନି । ଅଧେ ଦିନ ରାତିରେ ସେ ଆମ ଘର ଆଡ଼େ ଆସେ । କେତେ ଗପ ଘଟେ । ଗାଁ ଗଣ୍ଡା ଗପ—ସାଙ୍ଗ ସରସାଙ୍କ ଗପ—ଦୁନିଆ ଯାକର ।

ବୋଉ ବେଳେ ବେଳେ ଚିଡ଼େ । କୁହେ, କଣ ଏତେ ଭୁଇଁରୁ ଭାତରେ ହେଉଚ—ଯା, ରାତି ଆସି ଦ'ପହର ହେଲଣି । ବୋଉ ଗାଳି ଶୁଣି ମାଣିକ ଉଠେ । କୁହେ, ଯାଉଚି ଲୋ ପୁଣି—କାଲି ଆସିବ ।

କାହିଁକି କେଜାଣି ମାଣିକର ଦ ଦିନ ହେବ ଦେଖା ନାହିଁ । ମାଣିକ କଥା ଭାବୁ ଭାବୁ କା'ର ପାଟି ଶୁଭିଲା । ଦାଣ୍ଡ ଦରଜାରେ ଛିଡ଼ା ହୋଇ କିଏ ଡାକିଲା, ମାଉସୀ ମାଉସୀ । ପାଟି ଶୁଣି ମୁଁ ଆସି ଅନାଇଲି । ଦେଖିଲି, ଗୋପଭାଇ । ଆଗକୁ ପାଦ ଚଳିଲା ନାହିଁ କି ଲାଜରେ ପାଟିରୁ ମୋର ଘଡ଼ିଏ କାଳ କଥା ବାହାରିଲା ନାହିଁ । କଣ କରିବି । ଅତି କଷ୍ଟରେ ପାଟିରୁ ବାହାରି ଆସିଲା, ବୋଉ ନାହାନ୍ତି—ଗାଁ ଆଡ଼େ ଯାଇଚନ୍ତି । ମୋ କଥା ଶୁଣି ସେ ଫେରି ଯାଉ ଚାଲି ଯିବାକୁ ବସିଲେ । କହିଲି, ଗୋପ ଭାଇ ଘରକୁ ଆସୁ ନାହାନ୍ତି—ଟିଆ ଠିଆ ଆସି ଚାଲିଯିବେ । ବୋଉ ଆଉ ଘଡ଼ିକ ପରେ ଆସିବେ ନାହିଁକି । କଣ ଭାବି ଗୋପ ଭାଇ ଘର ଭିତରକୁ ଆସିଲେ । ମୁଁ ଘରୁ ମସିଣାଟା ଆଣି ଦୁଆରେ ବିଛାଇ ଦେଲି । ଦଣ୍ଡେ ବିତି-ଗଲା । ଆରେ ଗୋପ ଭାଇଙ୍କି ପାନ ଖଣ୍ଡେ ଦେଇନାହିଁ । ପୋଡ଼ା ମନଟା—ଏତେବେଳେ ମନେ ପଡ଼ୁଚି । କଣ ସେ ଭାବିବେଣି । କହିଲି, ଗୋପଭାଇ ବସ । ମୁଁ ପାନ ଆଣୁଚି । ପାନ ଦିଖଣ୍ଡି ଭଲ କରି ଭାଙ୍ଗି ଗୋପ ଭାଇଙ୍କ ହାତକୁ ବଢ଼ାଇ ଦେଲି । ସେ ଅତି ଆଗ୍ରହରେ ପାନ ଦିଖଣ୍ଡି ନେଲେ । କହିଲେ ଯାଉଥିଲି—ଭାବିଲି ଭୁନିକି ଥରେ ଦେଖିଯାଏ । ଚାଲି ଆସିଲି ।

ତାଙ୍କର ଏଇ କଥା ପଦକରେ ସତରେ ମୋ ହୃଦୟ ଗଙ୍ଗରେ ଫୁଲ ଫୁଟିଲା । ସତେ କଣ ଗୋପଭାଇ ମୋତେ ଦେଖିବାକୁ

ଦଉଡ଼ି ଆସିଗଲ୍ । ଉତ୍ତର କହିଦେଲି, ବଡ଼ଲୋକ ତୁମେ ଗୋପଭାଇ—ଗରିବ ଘରେ ପାଦ ଦେଲେ ଆମର ଭାଗ୍ୟ ବୋଲି ଭାବିବାକୁ ହେବ । ମୋ କଥାରେ ସେ ହସି ହସି କହିଲେ କେବେଠୁ ଏତେ ବଡ଼ ବଡ଼ କଥା କହି ଶିଖିଲୁଣି । କାହିଁକି ମୁଁ କଣ ତମ ଘରକୁ ଆସେ ନାଁ । ଆଜିକୁ ଦୀର୍ଘ ଚାରି ବରଷ ତଳର ଘଟଣା । ସ୍ମୃତି ଗୁଡ଼ା ମିଞ୍ଜି ମିଞ୍ଜି ହୋଇ ଜଳୁଚି—ଏତେ ଜୀବନର ଝଡ଼ ବତାସରେ ବି ଲିଭି ନାହିଁ । ସତେ ପୁନି ଏଇ କେଇଟା ଦିନରେ ତୁ କେତେ ବଡ଼ ହୋଇଗଲୁଣି । ତୋତେ ଦେଖିଲେ ଘଡ଼ିଏ କାଳ ମନ ପୁରାଇ ଅନାଇବାକୁ ଇଚ୍ଛା ହୁଏ । ସତେ ପଦ୍ମଫୁଲ ବି ତୋର ଏଇ ଅଯତନ ଶୋଭାର ମୂଲ କେହି ଦେଇ ପାରିବ ନାହିଁ । ତାଙ୍କ କଥା ଶୁଣି ଲାଜରେ ମୁଁ ସଢିଗଲି । ପାଖରେ ଛିଡ଼ା ନହୋଇ ଭାତ ହେଲାଣି କି ନାହିଁ ଦେଖିବାକୁ ଆସିଲି । ଦେଖିଲି ଭାତ କଅଁଳା ହୋଇଗଲାଣି । ତର ତର ହୋଇ ଭାତ ଗାଳି ପକାଇଲି । ଅନାଇଲି ଗୋପ ଭାଇ ଆଡ଼କୁ । ସେ ମୋରି ଆଡ଼କୁ ଏକ ନୟନରେ ଚାହିଁଛନ୍ତି । ଲାଜ ଆସି ଜମାଟ ବାନ୍ଧିଲା । ଆଉ ଗୋପ ଭାଇଙ୍କି ଯାଇ କିଛି କହିବାକୁ ସାହାସ ହେଲା ନାହିଁ ।

ସେ ଉଠି ପଡ଼ିଲେ । କହିଲେ, ଯାଉଚି ପୁନି । ତୁତ ଠିକ୍ କରୁଛୁ ନାହିଁ—ଆଉ ମିଛଟାରେ ବସିବି କାହିଁକି ? ସେ ଚାଲି ଗଲେ । ଉତ୍ତର ଖୋଲି ପଦେ କହି ପାରିଲି ନାହିଁ । ମନରେ ଭାବନା ଲାଗିଲା, ସତେ କଣ ଗୋପଭାଇ ରାଗିକରି ଚାଲିଗଲେ । କେତେ ଆଗ୍ରହରେ ସେ ଦଉଡ଼ି ଆସିଥିଲେ । କିନ୍ତୁ ମୁଁ ହତଭାଗୀ ତାଙ୍କୁ ପଦେ ସ୍ନେହଭରା କଥା ବି କହି ପାରିଲି ନାହିଁ । ମନଟା ଗାଳେଇ ଘାଣ୍ଟି ହେଲା । ବୋଉ ଆସି ପହଞ୍ଚିଲା । ଭାତ ଖାଇ

ହେଲ ବୋଉ ଉପରେ । କହିଲି, କୁଆଡ଼େ ଚାଲିଗଲୁ ବୋଉ, ଗୋପଭାଇ ଆସି ବସି ବସି ଏଇ ଲଟେ ଚାଲିଗଲେ । ବୋଉ କହିଲା, ସତେ ଗୋପ ଆସିଥିଲା । ମୁଁ ଜାଣେ ଲୋ ପୁନି ବଡ଼ଲୋକ ପୁଅ ହେଲେ କଣ ହେବ ଗୋପ ଆମର ଗରିବଙ୍କ ସାଙ୍ଗରେ ବେଶ୍ ମିଶିପାରେ । ଈଶ୍ୱର ତାକୁ କୋଟି ପରମାୟୁ ଦିଅନ୍ତୁ । ସେ ମଣିଷ ହେଉ—ବାପ ଅନନ୍ତ ରାଉତରା ବଂଶର ନାଁ ରଖୁ । ହସି ହସି ବୋଉକୁ କହିଲି, ମୁଁ କିଛି ତାଙ୍କୁ କହିଲି ନାହିଁ ବୋଲି ଗୋପ ଭାଇ ରାଗି ଚାଲିଗଲେ । କହିଲେ, ତୁତ ଠିକେ ପଚୁରୁ ନାହୁଁ—ମିଛଟାରେ ବସିବି କାହିଁକି ? ସତେ ବୋଉ ମୋତେ ଭାରି ଲାଜ ମାଡ଼ିଲା । ଏକୁଟିଆ ଟା—କିଛି କହିବାକୁ ତୁଣ୍ଡ ଫିଟିଲା ନାହିଁ । ବୋଉ କହିଲା, ଅକାଳେ ସକାଳେ ଦିନେ ଅପରୁବ ପର ପାଦ ଦେଉଥିଲା ଯେ, ତୁ ତା ମନରେ ଦୁଃଖ ଦେଇ ଛାଡ଼ିଲୁ । ତୋତେ ସେ ଭଲପାଏ ବୋଲି ଚାଲି ଆସିଥିଲା—କିନ୍ତୁ ତୋର ଖାଲି ଲାଜ । କାହିଁକି, ତୋର ସାଙ୍ଗର ପିଲାଟା ଗୋପ—ତାକୁ ପୁଣି ଏତେ ଲାଜ । ଟୁନି କୁଆଡେ ଥିଲା ଦଉଡ଼ି ଆସି ମୋ ବେକରେ ଓହଳି ପଡ଼ି କହିଲା, ନାନୀ ଭୋକ କଲାଣି, ଖାଇବା, ମୁଁ ଉଠି ଭାତ ବାଢ଼ିଲି । ବୋଉ, ଟୁନି, ମୁଁ ଖାଇ ଶୋଇବାକୁ ଗଲୁ ।

କ୍ଷଣିକ ପରେ ବୋଉ, ଟୁନି ଶୋଇ ପଡ଼ିଲେ । ମୋତେ କିନ୍ତୁ ନିଦ ହେଉ ନଥାଏ । ଗୋପ ଭାଇଙ୍କର କଥା ସବୁ କାନରେ ବାଜି ଯାଉଥାଏ । ସତେ ସତେ, କଣ ଗୋପଭାଇ ମୋତେ ଭଲ ପାଆନ୍ତି । ମନକୁ ମନ ପୁଣି ଭାବେ, ଛିଃ ତାଙ୍କ ତୁଳନାରେ ମୁଁ କେଡ଼େ ଅସୁନ୍ଦର । ତାଙ୍କ ସୁନ୍ଦର ପଣରେ ମୁଁ କୋଉ କଣିକା ! ଭାବି ଭାବି କେତେବେଳେ ନିଦ ହୋଇଗଲା ଜାଣେ ନାହିଁ ।

ଯେଉଁଥିପାଇଁ ମୁଁ ଡର ମରୁଥିଲି—ସେଇଆ ହେଲା । ଦୁ' ଘଡ଼ି ପରେ ଗୋପ ଭାଇ ଘର ଭିତରକୁ ପଶି ଆସିଲେ । ଲମ୍ବ ଲମ୍ବ ହାତ ମୋର ଗଳା ଅଠିକି—ମୁଣ୍ଡରେ ଲୁଗା ଦେଇ ଛିଡ଼ା ହେଲି । ସେ ହସି ହସି କହିଲେ, ପୁନି ତୋର ହସ ହସ ଫୁଲିଲା ମୁହଁକୁ ଠିକେ ଦେଖିବା ଲାଗି ଦଉଡ଼ି ଆସେ ବୋଲି, ତୁ ଜାଣି ଜାଣି ହାତେ ଓଢ଼ଣା ଟାଣୁ କାହିଁକି ? ସତେ ମୋ ମନରେ ଭାରି ଦୁଃଖ ହୁଏ । ତାଙ୍କର ଏଇ କଥା ପଦକ ମୋ ହୃଦୟକୁ ତରଳାଇ ଦେଲା ସିନା, କିନ୍ତୁ ପରକ୍ଷଣରେ ଭାରି ଲାଜ ମାଡ଼ିଲା । ସେ କହିଲେ, ମୁହଁରୁ ଓଢ଼ଣା ଟାଣିବୁତ ଟାଣ—ନଇଲେ ମୁଁ ଯାଇ ଓଢ଼ଣାକୁ ମୁଣ୍ଡ ଉପରକୁ ଟାଣିଦେବି । ମୁଁ ଯେମିତି ଛିଡ଼ା ହୋଇଥିଲି—ସେହିପରି ରହିଲି । ସେ ମୋର ଆଡ଼କୁ ଚାଲି ଆସି ଜବରଦସ୍ତି ମୋ ମୁହଁରୁ ଓଢ଼ଣା ଟାଣିବାକୁ ଲାଗିଲେ । ମୁଁ ଜୋରକରି ଧରିଲି । ସେ ମୋ ଦୁଇ ହାତକୁ ଧରି କୋଳକୁ ଆଉଜାଇ ନେଇ ଓଢ଼ଣା ଟାଣିଦେଲେ । ଓଢ଼ଣା ମୁଣ୍ଡ ତଳକୁ ଖସି ପଡ଼ିଲା । ଦେହରୁ ଫାଳେ ଲୁଗା ବାହାରି ଗଲା । ତାଙ୍କର ଏହି ବ୍ୟବହାରରେ ମୁଁ ବାଧା ଦେଇ ପାରିଲି ନାହିଁ । କେଜାଣି କାହିଁକି କ୍ଷଣିକ ପାଇଁ ତାଙ୍କ କୋଳରେ ମୁଁ ଶାନ୍ତି ଅନୁଭବ କଲି । ପଦାରୁ ଧାଇ ବୋଉ ଡାକିଲା, ପୁନି ଲମ୍ପା ସରିଲା । ଭୟରେ ଛାତି ଥରି ଉଠିଲା । କହିଲି, ଗୋପ ଭାଇ ବୋଉ ଡାକିଲାଣି ଛାଡ଼ି ଦିଅ । ସେ ଭଲ ପିଲାଟି ପରି ଛାଡ଼ିଦେଲେ । ମୁହଁରୁ ତାଙ୍କର ଲାଳସା ଫୁଟି ଉଠୁଥିଲା । ପରକ୍ଷଣରେ ସେ ଚାଲିଗଲେ । ଚାଲି ଗଲା ବେଳେ ତାଙ୍କ ଓଠରେ ହସ ଲାଗି ରହିଥିଲା ।

ଲୁଗା ସଜାଡ଼ି ପୂର୍ବ ପରି ମୁଁ କାମରେ ଲାଗିଲି । ଘଡ଼ିକ ପରେ ଏ ଘର ସାରି ଆର ଘରକୁ ଗଲି । ଆର ଘରେ ଗୋପଭାଇ

ଖୋଇବା ଘର । ମନକୁ ମନ ଖୁବ୍ ଯତନ କରି ଗୋପ ଭାଇଙ୍କ ଘର ଲୁଚିବାରେ ଲାଗିଲି । ଘଣ୍ଟାଏ ପରେ ଗୋପ ଭାଇ ହସି ହସି ଆସି କହିଲେ, ମୋ ଘର ବୋଲି ଏତେ ଯତନ କରି ଲୁଚୁଛୁ ନା କଣ ? ମନକୁ ମନ କହିଲି, ଏ ପୁଣି ମୋ ଅନ୍ତର କଥା ଜାଣିଲେ କିପରି ? କହିଲି, ତମ ଘର ବୋଲି ମୁଁ ଜାଣିଲି କେମିତି ? ସେ କଥା ବଦଳେଇ କହିଲେ, ଦେଖନା ପୁନୀ ଲୁଚି ଲୁଚି ତୋ ସୁନା ଦେହ କିପରି କଳା ପଡ଼ିଗଲାଣି । ମୁଁ ଛଳନା କରି କହିଲି ତମେ ଏଠୁ ଯିବତ ଗୋପଭାଇ—ମୋତେ ବିରକ୍ତ କରନା । ସିମିତି ଚିଡ଼ାଇବତ ମାଉସୀଙ୍କି ଡାକିବି । ସେ ହସି ହସି କହିଲେ, ଡାକୁନୁ ମୁଁ କଣ ବୋଉକୁ ଡରେ । ସେତିକିବେଳେ ଗୋପଭାଇଙ୍କ ବୋଉ ଆସି ପହଞ୍ଚିଲେ । ମୁଁ କହିଲି, ଦେଖିଲ ମାଉସୀ ଗୋପଭାଇ ମୋତେ କିପରି ଚିଡ଼ାଇ ମାରୁଛନ୍ତି ।

ମାଉସୀ ହସିଲେ—ଫୁଟି ଆସୁଥିବା ଅମଳିନ ଧଳା କଇଁ ଫୁଲ ପରି ତାଙ୍କ ହସ ଦିଶୁଥିଲା ସୁନ୍ଦର । ସେ ହସରେ ଥିଲା ତାଙ୍କର ଅସୀମ ସ୍ନେହ ଓ କରୁଣା । କହିଲେ, ଛିଃ ଗୋପ ତା ସଙ୍ଗରେ ଲାଗନା । ତୁ ଯେମିତି—ପୁନୀଟି ମୋର ସମିତି । ସତେ ପୁନୀକି ଦେଖିଲେ ଭାରି ଦୟା ହୁଏ । କେଡ଼େ ସୁନ୍ଦର ଝିଅଟି । ଗରିବ ଘରେ ହୀନାକପାଳୀର ଜନ୍ମ ସିନା—କିନ୍ତୁ ରୂପ, ଗୁଣରେ ବାଡ଼ିବାକୁ ଏ ଖଣ୍ଡ ମଣ୍ଡଳରେ କେହି ନାହିଁ । ଗୋପ ଭାଇ ଇଚ୍ଛାକରି କହିଲେ ଯୋଉ ରୂପତ, ପାତିମାଙ୍କଡ଼ ଆହୁରି କେଡ଼େ ସୁନ୍ଦର । ଗୋପଭାଇଙ୍କ କଥା ଶୁଣି ମୋତେ ଭାରି ହସ ମାଡ଼ିଲା । ମୁହଁ ବୁଲେଇ ପାଟିରେ ଲୁଗା ଦେଇ ବହେ ହସିଲି ।

ବୋଉ ଆସି ପହଞ୍ଚିଲା । ସେତେବେଳକୁ ଠାଣି ଗାଧୁଆ ବେଳ ଗଡ଼ିବା ଉପରେ । ତଥାପି ଲୁଚା ସରି ନଥାଏ । ବୋଉକୁ ଦେଖି

ମାଉସୀ କହିଲେ, ଆଜି ଏତିକି ଥାଉ ପୁଣି ବୋଉ । ଛାଇ ଲେଉଟିଲଣି । କାଲି ଆଉ ଦି ଘଡ଼ି ପାଇଁ ଆସି ବାକିଆ ତକ [illegible] ଦେଇଯିବ । ଗୋପଭାଇ କହିଲେ, ହଁ ବୋଉ, ପୁଣିକି ଭାରି ବାଧିଲାଣି—ଆଜି ଏତିକି ଥାଉ । ବୋଉ କିନ୍ତୁ ଆପତ୍ତି କଲା ନାହିଁ । କାରଣ ବୋଉ ଦେହରୁ ମନେ ହେଉଥିଲା ସେ ଥାକିଆ ହୋଇ ଗଲାଣି । ବୋଉ କହିଲା, ହଉ ତେବେ ଆସୁଛୁ ଗୋପବୋଉ । ଏହିଁ ବିଦାୟ ନେଇ ଆସିଲୁ । ଆସିଲାବେଳେ ଗୋପଭାଇଙ୍କ ଚଞ୍ଚଳ ଆଖି ଦଇଟା ମୋତେ ଖାଲି ବାରବାର ଲକ୍ଷ ଦେଉଥାଏ ।

ତେଜ ତେଜିକା ଦୂର ପାହାଡ଼ ସେ ପଟରେ ସୂରୁଯ ଦେବତା [illegible] ଲୁଚିଲେ । ଧରଣୀ ଉପରେ କିଏ ଗୁଳି ଧରି ରଙ୍ଗ ବୋଳି ଦେଇଗଲା । ଠାଏ ଠାଏ ନେଳିଆ—ଠାଏ ଠାଏ ନାଲି—ପୁଣି କେଉଁଠି ଠାଏ ନେଳି ନାଲି—ମିଶା ମିଶି ରଙ୍ଗର ଅପରୂପ ଚିତ୍ର ସମ୍ଭାର । ଚଗଣ୍ଡାଳିଆଟା ଉଡ଼ଉଡ଼ ଦଉଡ଼ି ଆକାଶ ପଥରେ ଚାଲିଗଲା । [illegible] ଅନ୍ଧାରରେ କାଳେ, ପଥ ଭୁଲିଯିବ—ସେଇଥି ପାଇଁ ସେ ଚଞ୍ଚଳ ଘରମୁହାଁ ହୋଇ ଛୁଟିଥିଲା । କିଛିକ ପରେ ଅନ୍ଧାର କୁହୁଡ଼ି ଭଳି ପୂରୁବ ଆକାଶ ପଟରେ ଜହ୍ନମାମୁଁର ଜୋର ହସଟିକ ଦିଶିଲା । ଅନ୍ଧାରରେ ଦହୁଡ଼ି ଜଳିଲା ପରି ତା'ର ଟିକିଏ ରୂପଟି ଦିଶୁଥିଲା ସୁନ୍ଦର । ଆମ ଦୁଆରେ ହରି ଗଉଡ଼ ଗଛର ଖାଲୁଆ ମୁହଁରେ କିଏ [illegible] ଥାଉଡ଼ର ତୋଳି ଦେଇଗଲା । [illegible]

ଜହ୍ନ ଉଇଁଲା ବେଳକୁ ମୋତେ [illegible] ବୋଉ ଠିକକୁ ନେଇ ସୁମୀ ବୋଉ ଘରକୁ [illegible] ଯାଉଥାଏ । [illegible] ଯାଏ ତାଙ୍କ ଘରକୁ । ସେଇଠି [illegible]

ତେମି ମାଉସୀ, କୁଣ୍ଡୁରୀଗାଗା, କମଳା ଅପା, ଶଇଁଠା ବୋଉ—କମ୍ପିଛି ଗାଁ ଯାକର ପୁରୁଖା ମାଇପିଙ୍କର ମେଳ ବସେ । ଯାଏ ତେଉଁଠ ଯାଉଛି, ଝିଙ୍କିଲାଠୁ ଆରମ୍ଭ କରି ଗାଁ ଗୋଠାଙ୍କର ଖବର ଦେଖଲଚି ଚାଲେ । ତେମି ମାଉସୀ ଜିଭଟା ସମସ୍ତଙ୍କ ଉପରେ ଦେଖେ—ମୁରବି । ସତରେ ସତେ ତେମି ମାଉସୀକି ଦେଖିଲେ ଭାରି ଭୟ ମାଡେ଼ । ସେ ଯେଉଁ ଲୋକ, ଟିକିଏ ଯଦି କାହାର ଦୋଷ ଦେଖିବ ଟିକକ କଥାକୁ ତାଲ କରି ଦଣ୍ଡକରେ ଗାଁଟା ଯାକ ହାଟ କରି ଦେବ । ତେମି ମାଉସୀଙ୍କୁ ଗାଁ ଗୋଟାକରେ ସମସ୍ତିଙ୍କର ଡର ।

ଖାଇ ବାଢ଼ି ସାରିଲା ବେଳକୁ ଦେହେଶ ଦୁଆରେ ଅନ୍ଧାରି ଆଲୁଅ—ଅନ୍ଧାରି ଛାଇ । ମନ ହେଲା ଜୋଛନା ଆଲୁଅରେ ମସିଣାଟା ପକାଇ ଶୋଇବାକୁ । ଘରୁ ମସିଣାଟା ଆଣି ବିଛାଇ ଦେଲି । ତା'ର ଉପରେ ନିଜର ଅଳସ ଦେହଟାକୁ ବିଛାଇ ଦେଲି । ଆକାଶକୁ ଅନାଇଲି, ତାରା ଗୁଡ଼ା ମିଟି ମିଟି କରି ସତେ ଯେପରି ପଲକ ବିହୀନ ଆଖିରେ ମୋରି ଆଡ଼କୁ ଅନାଇଛନ୍ତି । ଖଣ୍ଡେ ଖଣ୍ଡେ ଧଳା ବଉଦ କୁଆଡ଼େ ଭାସି ଆସୁଛି—ହାତୀ, ଘୋଡ଼ା, ସୈନ୍ୟ ସାମନ୍ତ କେତେ ଭଳି ରୂପ ଧରି । ସରଗ ଶଶୀ କ୍ଷଣିକ ପାଇଁ ଲୁଚି ଯାଉଚି । ପୁଣି ପରକ୍ଷଣରେ ମୁହଁଟି ତା'ର ଭାସି ଉଠୁଛି—ମେଘ ଓଢ଼ଣା ତଳୁ ନୂଆ ବୋହୂଟି ପରି ।

ସରଗର ଚାନ୍ଦ ପରି ଆଉ ଗୋଟିଏ ସୁନ୍ଦର ମୁହଁ ହଠାତ୍ ମୋର ଅଖି ଅଗରେ ଭାସି ଆସିଲା । ଗୋପଭାଇ—ସତେ ଗୋପଭାଇଙ୍କର ରୂପଟି କେତେ ସୁନ୍ଦର—ଠିକ୍ ଏଇ ଆକାଶର ଚାନ୍ଦ ପରି । ହଁ ନାଁ ଏହାଠୁ ଅଧିକ ସୁନ୍ଦର—ଅଧିକ [illegible] ସୁନ୍ଦର । ତାଙ୍କର ଚାହାଣୀ [illegible] ଥିଲା ଜୋଛନା [illegible]

ଶୀତଳ ପରଶ—ମୁହଁରେ ସରୁ ହସ । ପଦ୍ମବନର ଉଦ୍ଦାମ ତରଳ ଆଖି ଦୁଇଟି ଠିକ୍ ଏଇ ଆକାଶର ତାରା ପରି ଜଳି ଉଠୁଥିଲା । ଗୋପଭାଇ, ଆଜି ଏଇ ସରଗର ଚାନ୍ଦ—କିଏ ସୁନ୍ଦର । ଗୋପଭାଇ, ହଁ ମୋର ଗୋପଭାଇ ସୁନ୍ଦର । ହଠାତ୍ ଆଖିପତା ମୋର ନଇଁ ଆସିଲା ।

ହଠାତ୍ କା'ର ହାତଟା ବାଜି ମୋର ଅଜଣା ନିଦଟା ଝଟ୍‌କିର ଭାଙ୍ଗିଗଲା । ଅନାଇଲି, ଗୋପଭାଇ ମୋର ହାତ ଧରି କହୁଛନ୍ତି, ପୁନି ସଞ୍ଜବେଳଟାରେ ଶୋଇଛୁ କାହିଁକି ଉଠ । ଗୋପଭାଇଙ୍କୁ ଦେଖି ମୁଁ ଧଡ଼ପଡ଼ ହୋଇ ଉଠି ବସିଲି । ମିଛରେ ଛଳନା କରି କହିଲି, ଦେହଟା ଭଲ ଲାଗିଲା ନାହିଁ—ଶୋଇ ପଡ଼ିଲି । ଗୋପଭାଇ ମୋ ଦେହ ମୁଣ୍ଡରେ ହାତମାରି କହିଲେ, କାହିଁ ଦେହତ ଖରାପ ଜଣା ପଡୁନାହିଁ । ଆଜି ସକାଳେ ଆମ ଘରେ ଯେଉଁ ଖଟିଣି । ସତ ପୁଣି ଇମିତି ଖଟିଲେ ଦି ଦିନରେ ସୁନା ଦେହ ମଉଳି କଳା କାଠ ପଡ଼ିଯିବ । ଗୋପଭାଇଙ୍କ ଉପଦେଶ ଗୁଡ଼ା ମୋତେ ଭଲ ଲାଗୁ ନଥିଲା । ଗରିବ ବୋଲି ତାଙ୍କର କଥା-ଗୁଡ଼ା ଯେପରି ମୋତେ ଉପହାସ କରି ଉଠୁଥିଲା । କହିଲି, ଗୋପଭାଇ ଗରିବ ଆମ ରୂପକୁ ଘୋରି ପିନ୍ଧିଲେ ପେଟ ପୋଷିବୁ କିପରି ? ତୁମେ ସିନା ବଡ଼ଲୋକ ରୂପ ତୁମକୁ ଖୁବ୍ ବଡ଼ । ସେ କହିଲେ, ଭାରି ଅଭିମାନିନୀ ତୁ ପୁନି—ପିଲାବେଳେ ଯେମିତି ଥିଲୁ, ଆଜି ଠିକ୍ ସେମିତି, ଟିକିଏ ବି ବଦଳି ନାହୁଁ ।

କଥା ବାଆଁରେଇ କହିଲି, ଗୋପଭାଇ ତମେ ବସ ମୁଁ ବୋଉକୁ ଡାକିଆଣେ । ସେ କହିଲେ, ନାହିଁ ବୋଉକୁ ଡାକିବା ଦରକାର ନାହିଁ—ମୁଁ ଚାଲି ଯାଉଛି, ମୋର ଟିକିଏ କାମ ଅଛି ।

ବୁଝିଲି ଗୋପଭାଇ ମୋ କଥାରେ ଧୋକା ହୋଇ ଯାଇଛନ୍ତି । କହିଲି କାମ ଯଦି ଥିଲା ଆସିଲ କାହିଁକି ? ସେ କହିଲେ, ଆସିଲା ପରେ ମନେ ପଡିଲା—ଭାବିଲି ଆସିଲିଣିତ, ଟିକିଏ ବୁଲିଯାଏ । ଏତିକି କହି ଗୋପଭାଇ ଚାଲି ଯିବାକୁ ବସିଲେ । ପିଲାଦିନରୁ ଗୋପଭାଇ ଭାରି କ୍ଷଣକୋପୀ । ଟିକି ଟିକି କଥାରେ ଧୋକା ହୁଅନ୍ତି । ସତେ ସତେ ଗୋପଭାଇ ଫେରିପଡି ଦୁ'ହାତ ଆଗକୁ ଚାଲିଗଲା ପରେ ମୋର ଖିଆଲ ଆସିଲା । ଅନ୍ତରଟା ମୋର ତାଙ୍କୁ ଫେରାଇ ଆଣିବାକୁ ବାରବାର ତାଗିଦ କରି ଉଠିଲା । ଦଉଡି ଯାଇ ତାଙ୍କ ଆଗରେ ଛିଡ଼ା ହୋଇ ବାଟ ଓଗାଳିଲି । ହସି ହସି କହିଲି, କାମିତ ଗଲା ଯାଆତ ଗୋପଭାଇ । ସେ ମୋତେ ଆଡ଼େଇ ଯିବାକୁ ଚେଷ୍ଟା କଲେ । ତାଙ୍କ ହାତ ଧରି କହିଲି, ଗୋପଭାଇ ମୋ ରାଣ— ଫେରିଆସ । ତାଙ୍କ ଓଠରେ ହସ ଫୁଟି ଉଠିଲା ।

ଜୋଛନା ପାଉଡର ମିଶା ତାଙ୍କ ଚିକ୍କଣ ମୁହଁଟି ହସିଲା ବେଳେ ବେଶ ମାନୁଥିଲା । ସେ ମୋ ହାତ ପାପୁଲିକୁ ତାଙ୍କ ମୁଠାରେ ରଖି ଜୋରରେ ଚିପିଦେଲେ । କହିଲେ, ପୁନି ତୋର ଏଇ ଫୁଲ କଅଁଳ ହାତଟି କେଡେ ସୁନ୍ଦର । କହିଲି, ଗୋପଭାଇ ତମର ଏଇ ସୁନ୍ଦର ଅସୁନ୍ଦର ମାନେ ମୁଁ କିଛି ବୁଝିପାରେ ନାଁ । କାହିଁକି ମୋତେ ପରିହାସ କରୁଛ । ସେ ମୁରୁକି ମୁରୁକି ହସିଲେ । କିଛି ନ କହି ଘର ଭିତରକୁ ଆସି ଦୁଆରେ ପଡିଥିବା ମସିଣା ଉପରେ ବସି ପଡିଲେ । କହିଲେ, ପୁନି ତୋତେ ଦେଖିବାକୁ ସବୁବେଳେ ମନରେ ମୋର ଆଶାର ଆଲୋକ ଜାଗିଉଠେ—ସେଇଥିପାଇଁ ଦଉଡି ଆସେ । ତୋର ମୁହଁ ଛବି ଥରେ କରି ଥରେ ଦେଖିଲେ ମନଟା ଅଜଣା ଆନନ୍ଦର ପରିତୃପ୍ତ ହୋଇ

ଉଠେ । ସତ କହ ପୁନି ମୋର ଏଇ ବ୍ୟବହାର, ଯିବା—ଆସିବା ଦ୍ୱାରା ତୁ ମୋତେ କଣ ଭୁଲ ଭାବରେ ଗ୍ରହଣ କରୁଛୁ ।

ତାଙ୍କର ଏଇ ପ୍ରଶ୍ନରେ ଭରି ରହିଥିଲା ମୋତେ ପାଇବାର ବ୍ୟାକୁଳତା । ଗୋପଭାଇ, ସାଉଁତଙ୍କ ବଂଶ ବୁନିଆଦି ଘରର କୁଳର ପ୍ରଦୀପ ଏବଂ ଗୋପଭାଇ ଅଜି ମୋ ପରି ଗୋଟାଏ ହତଭାଗୀଟାକୁ ସତେ କଣ ଭଲ ପାଆନ୍ତି । ଏଇ ପ୍ରଶ୍ନ ମନରେ ଗୁମୁରଇ ଉଠେଇ ହେଲା । ମନକଥା ମୋର ଗୋପଭାଇଙ୍କ ଆଡକୁ ସ୍ନେହରେ ନଇଁ ଆସିଲା । କହିଲି, ଗୋପଭାଇ ମୋ ପରି ଗୋଟାଏ ନିରିମାଖିଟାକୁ କାହିଁକି ଏତେ ଆପଣାର କରୁଛନ୍ତି ମୁଁ ତୁମର କେଉଁ ଗୁଣକୁ ଯୋଗ୍ୟ । ସେ କହିଲେ, ପୁନି ମୁଁ ଯଦି ବଡଲୋକ ଘରେ ଜନ୍ମ ନ ହୋଇ ତୋରି ପରି ଗୋଟିଏ ଗରିବ ଘରେ ଜନ୍ମ ହୋଇଥାନ୍ତି ତେବେ ତୁ କଣ ମୋର ସ୍ନେହରେ ସନ୍ଦେହ କରନ୍ତୁ । ତୁ ଆଜିଠାରୁ ମନେ କରିବୁ ମୁଁ ତୋରି ପରି ଗରିବ । ତୋର ଏଇ ରୂପଗୁଣର ଆଲୋକ ତଳେ ବଡ଼ଲୋକର ଆଭିଜାତ୍ୟ ମୋର ମରିଯାଇଛି— ଦୀର୍ଘ ଦୁଇବର୍ଷ ପରେ ଫେରି ଯେଉଁ ଦିନ ତୋତେ ପ୍ରଥମ ଥର ଆଇଁ ଦେଖିଲି । ଏତକି କହି ସେ ମୋ ଆଡକୁ ମୁଗ୍ଧ ଚାହାଁଣୀରେ ଅନାଇ ରହିଲେ ।

ଘରେ କେହି ନାହିଁ । ଉପରେ ନେଳିଆ ରଙ୍ଗର ଆକାଶ ଚାନ୍ଦୁଆ ତଳେ ପାଖାପାଖି ଆମେ ଦୁହେଁ । ମଝିରେ ବିରାଟ ନୀରବତା । କୁଆଡିରେ ହରଗଉରା ଫୁଲଗୁଡ଼ା ଆମକୁ ଚାହିଁ ହସୁଥିଲେ । ଗୋପଭାଇ ମୋ ହାତଟାକୁ ଧରି ପାଖକୁ ଟାଣିନେଲେ । ତାଙ୍କ ହାତର ତାତିଲା ଶିରଶିର ହେମା ଛାତିରେ ବାଜିଲା । ମୁଁ ଭୟରେ ତାଙ୍କଠାରୁ ମୁକ୍ତ ହେବାକୁ କହିଲି, ଛି ଗୋପଭାଇ ଛାଡ଼ିଦିଅ । ସେ ଛାଡ଼ିଲେ ନାହିଁ—

ପାଗଲ ପରି ମୋର ଦୁଇ ଗାଲରେ ଚୁମ୍ବନ ଦେବାକୁ ଲାଗିଲେ ମନାକରି ପାରିଲି ନାହିଁ—ଗୋପଭାଇ କାହିଁକି ମୋତେ ଅବାଟକୁ ଟାଣିନେଇ ପଥ ଦେଖାଉଛି ।

ହଠାତ୍ ଆକାଶରେ ନୀଡ଼ହରା ପକ୍ଷୀଟା ଡାକିଗଲା କର୍ ର୍ କର୍ ର୍ । ଗୋପଭାଇ ଚମକିପଡ଼ି ମୋତେ ଛାଡ଼ି ଦେଲେ । ମୁଁ ତାଙ୍କ କୋଳରୁ ଉଠି ପଦାକୁ ପଳାଇ ଆସିଲି ଦେହଟା ମୋର ବରଡ଼ା ପତର ପରି ଥରୁଥିଲା । ଆକାଶକୁ ଅନାଇଲି, ଦେଖିଲି, ଦୁଇଖଣ୍ଡ ଦୁଇଟା ମେଘ ଭାସି ଆସି ଏକାଠି ହୋଇଗଲେ । ପରସ୍ପରଙ୍କୁ ଆଲିଙ୍ଗନ କରି ଚାଲିଗଲେ ସୀମାହୀନ ଅନନ୍ତ ପଥରେ……

ପଦାରେ ଛିଡ଼ା ହୋଇଛ ! ବୋଉ ପାଟି ଶୁଭିଲା । ଡାକିବା ଛଳ କରି କିଛି ଦୂର ଯାଇ କହିଲି, ବୋଉ ତତେ ମୁଁ ଡାକିବାକୁ ଯାଉଥିଲି, ଗୋପ ଭାଇ ଆସିଛନ୍ତି । ବୋଉ ହସି ହସି କହିଲା ସତେ ଚାଲ ଚାଲ ।

ବୋଉକୁ ଦେଖି ଗୋପ ଭାଇ କହିଲେ, କୁଆଡେ ଯାଇଥିଲ ମାଉସୀ । ବୋଉ କହିଲା, କୁଆଡେ ଯିବି ବାପ, ଟିକିଏ ଏଇ ସୁମି ବୋଉ ଘରେ ବସିଥିଲି । ବୋଉର ଗୋପ ଭାଇଙ୍କର ଘଡ଼ିଏ କାଳ ଆଉ ସାଉ କେତେ କଥା ପଡ଼ିଲା । କଥା ମଝିରେ ମଝିରେ ଗୋପ ଭାଇ ମୋର ପ୍ରଶଂସା କରିବାକୁ ଛାଡୁ ନଥାନ୍ତି, କେତେବେଳ ପରେ ଗୋପ ଭାଇ ଉଠିଲେ । ଯିବା ବେଳେ ହସି ହସି କହିଲେ ମାଉସୀ ପୁନି ରନ୍ଧା ଭାତ ଦିନେ ଖୁଆଇଲ ନାହିଁ । ବୋଉ କହିଲା, ଦୁଧ ଭାତ ଖିଆ ପାଟିକି ଗରିବ ଘର ଶାଗ ମୁଗ ଭାତ ତିଅଣ କଣ ଭଲ ଲାଗିବ ବାପ । ଗୋପ ଭାଇ କହିଲେ, ଆଚ୍ଛା ମାଉସୀ ଦିନେ

ଲୋକ କଣ ମଣିଷ—ଗରୀବ କଣ ମଣିଷ ନୁହେଁ । ତମେ ମୋତେ ଆଉ ଦିନେ ଇମିତକା କଥା କହିବ ନାହିଁ । ସତେ ମାଉସୀ ଇମିତକା କଥା କହିଲେ, ମୋ ମନରେ ଭାରି ଦୁଃଖ ହୁଏ । ପୁଣି ତମର ଯିମିତ—ମୁଁ ସିମିତ । ଏତକ କହି ଗୋପ ଭାଇ ବିଦାୟ ନେଲେ ।

ସେତେବେଳକୁ ଭୃଗୀସ୍ବାର ବଙ୍କା ଜହ୍ନ ବୁଡ଼ି ଯାଉଥାଏ— ଆମ ସେହି ଝଙ୍କା ବରଗଛ ସେ ପଟରେ । ଧୀରେ ଧୀରେ ଗାଁଟା ଅନ୍ଧାରିଆ ହୋଇ ଆସୁଥାଏ । ବାଡ଼କୁ ଅନାଇ ଦେଖେ ଜହ୍ନି ଫୁଲ ମୁହଁ ଫିକା ପଡ଼ିଗଲାଣି ।

## * ତିନି *

ତା, ପର ସକାଳ ଉଠିଲା ବେଳକୁ କାନ୍ଥରେ ଆସି ଖରା ପଡ଼ିଲାଣି, ରାତିରେ ଭଲ କରି ନିଦ ହୋଇ ନଥିଲା । ଗୋପ ଭାଇଙ୍କ କଥା ଭାବୁ ଭାବୁ ରାତିର ଶେଷ ପହରକୁ କେତେବେଳେ ଆଖିରେ ତନ୍ଦ୍ରାର କଜଳ ରେଖା ଲାଗି ଆସିଲା, ଜାଣେ ନାହିଁ । ବୋଉ ବାସୀ କାମ ସବୁ ସାରି ପୁନକୁ ଖାଇବାକୁ ଦେଉଥାଏ । ମୋତେ ଦେଖି କହିଲା, ପୁନି ଦେହ କଣ ଖରାପ ହେଲାକି— ଏତେ ଡେରି ଯାଏ ଶୋଇଲୁ କାହିଁକି । କହିଲି, ନା ବୋଉ କାଲି ରାତିରେ ଠିକେ ଡେରିରେ ନିଦ ହେଲା, ଏତିକି କହି ଦାନ୍ତକାଠି ଖଣ୍ଡେ ଭାଙ୍ଗିବାକୁ ଆମ ବାଉଁଶ ବୁଦା ଆଡକୁ ଗଲି । ଦଣି ଚଢ଼େଇ ଦିଟା ବାଉଁଶ ଗଛ ପତର ଗହଳିରେ ବସି କଣ ମନ ଖୁସିରେ ଗୋପନ କଥାଭାଷା ହେଉଥିଲେ । ମୋତେ ଦେଖି ଫର କରି ଉଡିଗଲେ । ତାଙ୍କ ଦେହ ବାଜି ପତର ଉପରୁ ଥୋପି ଥୋପି କାକର ବିନ୍ଦୁ ମୋ

ଉପରେ ଖସି ପଡ଼ିଲା । ଦେହ ମୁଣ୍ଡରୁ ଝାଳର ପୋଛି ଦାନ୍ତ କାଠି ଖଣ୍ଡେ ଭାଙ୍ଗି ଦାନ୍ତ ଘଷିବାକୁ ଲାଗିଲି ।

ମନେ ପଡ଼ିଲା, ସାଇତରା ଘର ଲିପା ବାକି ଅଛି । ଆଉ ଦି' ଘଡ଼ିର କାମ । ଆଜି କାହିଁକି ଆଉ ବୋଉ ସାଙ୍ଗରେ ଯିବାକୁ ମନ ବଳିଲା ନାହିଁ । ଗୋପ ଭାଇଙ୍କ ସହିତ କାଲିକାର କଥା ମନେ ପଡ଼ିଲା । ଛିଃ, ଗୋପ ଭାଇ ପୁଣି ଏଡ଼ିକି ଦୁଷ୍ଟ । ମନଟା ଅତୀତ ଭିତରକୁ ଦଉଡ଼ି ଗଲା ।

ଛ' ସାତ ବରଷ ତଳର କଥା । ଗୋପ ଭାଇ, ମଧୁ ଭାଇ ମୋର ସାଙ୍ଗର । ପିଲାବେଳେ ମୁଁ ମଧୁ ଭାଇଙ୍କି ଭାରି ଭଲ ପାଉଥିଲି । ଗୋପ ଭାଇଙ୍କି ଭଲ ପାଉଥିଲି ସତ—କିନ୍ତୁ ମଧୁଭାଇ ପରି ଭଲ ପାଉ ନ ଥିଲି । ମଧୁ ଭାଇଟା ପୁଣି ଏଡ଼ିକି ଦୁଷ୍ଟ । ମୋତେ କହେ ପୁନି ବଡ଼ ହେଲେ ତୁ ହେବୁ କନିଆ—ମୁଁ ବର ହେବି—ମୁଁ ହେବି ବର । ବେଦୀ ବନ୍ଧା ହେବ । ବ୍ରାହ୍ମଣ ଆସି ମନ୍ତ୍ର ପଢ଼ିବ । ତା' ପରେ ଆମେ ଦୁହେଁ ଘର କରିବା ଆମ ସାଇର ବୀର ଭାଇ ନୂଆବୋଉ ଯିମିତି ମୁଣ୍ଡରେ ହାତେ ଓଢ଼ଣା ଦେଇ ଥିରି ଥିରି ଚାଲନ୍ତି—ସିମିତି ତୁ ଚାଲିବୁ ଥିରି ଥିରି । ମୁଁ କହୁଛି, ପୁନି ପିଲା ବେଳେ ମିଛି ମିଛିକା ବର କନିଆଁ ଖେଳ ଆମ ଜୀବନରେ ସତ ସତକା ଖେଳ ହୋଇଗଲା । ମୁଁ ଭାରି ଚିଡ଼େ । କୁହେ ମଧୁ ଭାଇ ସିମିତିକା କଥା କହିବ ତ ତୁମ ଘରକୁ କେବେ ଆସିବି ନାହିଁ । ତଥାପି ବି ମଧୁ ଭାଇ ମୋତେ ଛାଡ଼ନ୍ତିନି—ଚିଡ଼ାଇ ମାରନ୍ତି । ମୁଁ ତାଙ୍କ ଘରକୁ ରୋଷା ହୋଇ ଦିନେ ଦି' ଦିନ ଯାଏନା । ପୁଣି ମାଣିକ ଆସି କୁହେ, ପୁନି ! ଭାଇ କହୁଥିଲେ ତୁ କାହିଁକି ଆମ ଘରକୁ ଯାଉନାହୁଁ । ମାଣିକ ଟାଣି ଟାଣି ତାଙ୍କ ଘରକୁ ନେଇଯାଏ । ମନରେ

ଖାଲି ତମାରୁ ମନରେ ପଡେ଼ । ମଧୁ ଭାଇ ଆମର ଭାଇ ! ସେଇଥି ପାଇଁ କୋଉ କୁଟୁମ୍ବ, ମଧୁଟି ଭାଇ ଭଲ ପିଲା । ଈଶ୍ୱର ଯଦି କରନ୍ତି ତେବେ ଜନ୍ମଯାଏ ମଧୁ ହାତରେ ମୁଁ ପୁଅଙ୍କ ସମର୍ପି ଦେବି ।

ଦିନ ଗଡ଼ି ଯାଉଛି । ପିଲା ଦିନ ଖେଳ ଭିତରେ କେଉଁ ଦିନ ଆମେ ଏତେ ବଡ଼ ହୋଇଗଲୁ ଭାବିଲେ ଥଳ କୂଳ ମିଳେନା । ମଧୁଭାଇ ଆଜି କଲିକତାରେ କୋଉ ଅଫିସରେ କାମ କରନ୍ତି କେଜାଣି, ବରଷରେ ମୋଟେ ମାସେ ଛୁଟି ମିଳେ । ଗାଁକୁ ଆସିଲେ, ମୋହି ପାଇଁ ବାସନା ତେଲ, ସ୍ନୋ, ସାବୁନ ଇମିତି କେତେ ଜିନିଷ ଆଣନ୍ତି । କିନ୍ତୁ ମଧୁ ଭାଇଙ୍କଠାରୁ ମୁଁ ଦୂରେଇ ଦୂରେଇ ରହେ । ସେ ହସି ହସି କହନ୍ତି, ଏଇ ଲାଜ ତୋର ଦିନେ ଛଡ଼ାଇ ଦେବି ଯେ ରହ ।

ଗୋପ ଭାଇଙ୍କର ପିଲାବେଳେ କି ପତଳା ନଛ ନଛ ଚେହେରା ଥିଲା—ଟିପ ମାରିଲେ ପଡ଼ିଯିବେ । ଖେଳିଲାବେଳେ ଗୋପ ଭାଇଙ୍କୁ ଆମେ ସବୁଥିରେ ହରାଉ । ମଧୁଭାଇ, ମୁଁ, ବଳିଆ, ଦାମନା ତାଳି-ମାରି ଚିଡ଼ାଉ । ସେ ଚିଡ଼ି ଉଠିଲେ ବେଳେ ବେଳେ ଆମ ଗାଲରେ ଠୋ କରି ଚାପୁଡ଼ା ମାରି ଦଉଡ଼ି ପଳାନ୍ତି । ବଡ଼ ଘରର ପୁଅ ବୋଲି ଡରି ହରି ଗାଁରେ ଗୋପଭାଇଙ୍କି କେହି କିଛି କହନ୍ତି ନାହିଁ । ସେ ବର୍ଷ ଗୋପଭାଇ ମାଟ୍ରିକ୍ ପାଶ୍ କରି ପଢ଼ିବାକୁ କଟକ ଗଲେ । ସେହି ଦିନଠୁ ଦୀର୍ଘ ଚାରି ବର୍ଷ ପରେ ଗୋପଭାଇ ବି, ଏ, ପାଶ୍ କରି ଗାଁକୁ ଫେରି ଆସିଛନ୍ତି ।

ଆଗରେ ଦଶହରା । ଘରେ ତାଙ୍କର ଦୁର୍ଗା ମେଢ଼ ହୁଏ । ଗାଁ ଗୋଟାକରେ ତିନି ଯାଗା ମେଢ଼ ହୁଏ । ବଙ୍ଗାଳୀ ସାହି, ପଟ୍ଟନାୟକ ସାହି ଓ ସରଭଙ୍ଗୀ ଘର । ସବୁଠୁ ସରଭଙ୍ଗୀ ଘର ଦୁର୍ଗା ପ୍ରତି ବର୍ଷ ଭଲ ହୁଏ ।

ଲଟେଇ ଯାଏ ହୁଏ । ଗାଁ ଦାଣ୍ଡ ଲୋକ ଗହଳରେ ପାଣି ପଡ଼େ । ଏତିକିବେଳେ ବୋଉ ଡାକିଲା ପୁଣି ଦାନ୍ତଘଷା ସରିଲା ? ଘରେ କଣ ଭାବୁଚି ମୁଁ ଚଞ୍ଚଳ ଦାନ୍ତ ଘଷି ଉଠି ଆସିଲି । କହିଲି, ବୋଉ ଆଉରି ଦ,ଘଣ୍ଟାର କାମ ଅଛି ତୁ ଆଜି ଏକଲା ରାଉତରା ଘରକୁ ଯା । ମୁଁ ଯିବି ନାହିଁ । ବୋଉ ଆଉ କିଛି ନକହି ଚାଲିଗଲା ।

ଟିକିଏ ପରେ ମାଣିକ ଡାକି ଡାକି ଆସିଲା ପୁଣି ଗାଧୋଇଯିବା ଆ । ବାଡ଼ରେ ମୁଁ ଜହ୍ନି ତୋଳୁଥାଏ । ବୋଉ କହିଯାଇଥାଏ ଆଜି ଜହ୍ନି ଗଇତା କରିବାକୁ । ମାଣିକକୁ ଦେଖି କହିଲି, ମାଣିକ ଟିକେ ରହ, ମୁଁ ଆଉ ଦଶଟା ଜହ୍ନି ତୋଳି ଦିଏ । ସେ ଟିକିଏ ରହି ଆସି ମୋ ସାଥିରେ ଜହ୍ନି ତୋଳିଲା । ଦହେଁ ଜହ୍ନି ତୋଳୁଥାଉଁ । ପଚାରିଲି, ମାଣିକ କୁଆଡ଼େ ଯାଉଛୁ—ରାତିରେ କାହିଁକି ଆମ ଘର ଆଡ଼େ ଆସୁନ । ମାଣିକ କହିଲା, ଯିବି କୁଆଡ଼େ—ଆସିଲା ବେଳକୁ ବୋଉ ଖାଲି କଠକଠ ହେଉଚି । କହୁଚି, ଏତେ ବଡ଼ ଝିଅଟା ହେଲୁଣି, କାଲି ସକାଳେ ବାହା ହେବୁ, ସାଇ ବୁଲା ଆଜି ଯାଏ ଛାଡ଼ୁନୁ । ପଚାରିଲି, ମାଣିକ ତୋର କଉଁଠି ସମ୍ବନ୍ଧ ପଡ଼ିଲାଣିକି ? ନଇଲେ ବୋଉ କାହିଁକି ଚିଡ଼ନ୍ତା । ମାଣିକ କହିଲା, କେଜାଣି ମୁଁ ଜାଣେନା ।

ଏତିକିବେଳେ କୁଆଡ଼େ ଥିଲା ଗୋଟାଏ କଳା ଭଅଁର ଧାଉଁଡ଼ି ଆସି ମାଣିକ ମୁହଁ ଚାରିପଟେ ଗୁଣୁ ଗୁଣୁ ହେଲା । ମାଣିକ କହିଲା, ପୁଣି ଏ ଭଅଁରଟା କଣ ହେଉଚମ । ମୁଁ ହସି ହସି କହିଲି ତୋ ସୁନ୍ଦର ରୂପକୁ ଦେଖିବା ପାଇଁ ତୋର ବର ପରା ଏ ଭଅଁରଟାକୁ ଦୂତ କରି ପଠେଇଥିଲେ । ଦେଖୁନୁ ତୋ ମୁହଁକୁ କିମିତି ଉଡ଼ି ଉଡ଼ି ଦେଖୁଚି । ଆଉ ଗୁଣୁ ଗୁଣୁ କରି କହୁଚି ମାଣିକ

ତୋ ବରଟି ଖୁବ ସୁନ୍ଦର । ଷାଠିଏ ବରଷର ବୁଢ଼ା ହେଲେ କଣ ହେବ—ପାକୁଆ ପାଟିରେ ପାନ ଖାଇଲେ ବେଶ୍ ମାନେ—ଠିକ୍ ମନ୍ଦାର ଫୁଲ ପରି । ମଧୁଶଯ୍ୟା ରାତିରେ ଯେତେବେଳେ ଠାକୁରା ଗାଲଦାଢ଼ା, ଲମ୍ବା ନାକ ଓ କାନ୍ଧି ମଞ୍ଜିଠ୍ ତୋରା ମୁହଁ ଦେଖା ହେବ —ସେତେବେଳେ କଣ ମାଣିକର ଆଉ ମୋ କଥା ମନେ ଥିବ । ପଢ଼ ବୋଲି ତୋତେ ସେ କୋଳକୁ ଟାଣି ନେଇ ତୋର ଏଇ ତୋରା ମୁହଁରେ ବୋକ ଦେଲା ବେଳେ, ତୁ ଯେମିତ ଭୁତ ବୋଲି କହି ନ ଡରୁଲେ । ଦାହେଁ କାର କାରି ହେଇ ହସି ଉଠିଲୁ । ମାଣିକ କହିଲା, କାହିଁକିଲୋ ମୋର କାହିଁକି ବୁଢା ବର ହେବ— ତୋର ହେଉନ । ଏତକି ବେଳେ ଭଅଁରଟା ଥିଲା ଥିଲା ଉଡ଼ିକରି ଦାଗକୁ ଉଡିଗଲା । କହିଲି, ଦେଖ ମାଣିକ ତୋର ଏଇ ଦାଗରେ ବାହାଘର ହେବଲୋ । ଭଅଁରଟା ପରା ଖବର ଦେଇ ଉଡ଼ି ଗଲାଣି । କଥା ସରିଲା ବେଳକୁ ଜହ୍ନ ତୋଳା ସରିଥିଲା । ବାରିରୁ ଜହ୍ନି ତକ ଆଣି ଘରେ ରଖି ପୋଖରୀ ଆଡକୁ ଗଲୁ ।

ବ୍ରାହ୍ମଣ ସାହି ପାର ହୋଇ ଆସିଲେ ରାସ୍ତା କରକୁ ଗାଁ ପୋଖରୀ । ପୋଖରୀ ହୁଡ଼ା ଉପରେ ମସ୍ତବଡ ଏକ ଝଙ୍କା ବରଗଛ ପୋଖରୀକୁ ଅଧେ ଘୋଇ କରି ରଖିଛି । ପୋଖରୀ ତୁଠରେ ରାଜତରା ବୁଢ଼ାବାପ ପଥର ପାହାଚ ବାନ୍ଧି ଦେଇଛନ୍ତି । ପୋଖରୀ ସେପଟେରେ ତାଳ ଗଛ ଦଶ ବାରଟା ଛନ୍ଦାଛନ୍ଦି ହେଲା ପରି ଲାଗି ଲାଗି ହୋଇ ପାଣି ଦରପଣରେ ନଇତ ମୁହଁ ଦେଖୁଥାନ୍ତି । ତାଳ ଗଛ ଉପରେ ବାୟା ଚଢ଼େଇଙ୍କର ବସା ଗୁଡ଼ା ତଳକୁ ଓହଳିଛି ।

ଆମେ ଦହେଁ ପୋଖରୀ ପାଣି ଭିତରକୁ ପଶିଲୁ । ଆଗରୁ ସୁମାଅପା କମଲୀ ନାନୀ, ସୁମୀ ବୋଉ ଖୁଡ଼ୀ ପ୍ରଭୃତି [illegible]

ମାଇପେ ଗାଧୋଉଛନ୍ତି । ପୋଖରୀ ଭିତରେ ଗାଧୋଉ ଗାଧୋଉ ମାଣିକ କହିଲା, ଦେଖିଲି ସୁନା କି ସୁନ୍ଦର ପଦ୍ମ ଫୁଲଟିଏ ଫୁଟିଛି । ସତେ ଫୁଲଟିକୁ ଦେଖି ଭାରି ଲୋଭ ହେଲା । ମନ ହେଉଥାଏ ପାଣି ଭିତରକୁ ପଶି ତୋଳି ଆଣିବାକୁ । କିନ୍ତୁ ସାହସ ହେଲା ନାହିଁ । ସୁମୀ ବୋଉ ଖୁଡୀ ଦେଖିଲେ ଗାଳି ଦେବ ।

ଟିକିଏ ପରେ ସୁମୀ ବୋଉ ଖୁଡୀ ଗାଧୋଇ ସାରି ଚାଲିଗଲା । କହିଲି, ମାଣିକ ଦଉଡ଼ି ଯା—ସେ ଫୁଲଟା ଛିଣ୍ଡାଇ ଆଣିବୁ । ମାଣିକ ସେ ଫୁଲଟାକୁ ଆଣି ମୋ ହାତକୁ ଦେଲା । ଫୁଲଟିକୁ ଅତି ଯତନରେ ପଥର ପାହାଚ ଉପରେ ରଖି ଲୁଗା ଚିପୁଡ଼ିଲି । ମାଣିକକୁ ଡାକି କହିଲି, ଚାଲ ମାଣିକ ଡେରି କରନା । ମାଣିକ ଉଠି ଲୁଗା ଚିପୁଡ଼ିଲା । ହାତରେ ମୁଁ ସେ ପଦ୍ମ ଫୁଲଟାକୁ ଧରିଥାଏ । ଦହେଁ ଗାଧୋଇ ସାରି ପାହାଚ ଉପରୁ ରାସ୍ତାକୁ ଉଠିଲୁଁ ବେଳକୁ ହଠାତ୍ ଦୃଷ୍ଟି ପଡ଼ିଲା ମୋର ଗୋପ ଭାଇଙ୍କ ଉପରେ । ଗୋପ ଭାଇ ହସି ହସି ପୋଖରୀ ତୁଠ ଆଡ଼କୁ ଆସୁଛନ୍ତି । ଭାରି ଲାଜ ମାଡ଼ିଲା । ଫୁଲକୁ ହାତରେ ଦେଖି ସେ ଏଇଲାଗେ କେତେ ରକମ ଅର୍ଥ କରିବେ ।

ଗୋପଭାଇଙ୍କ ଡରରେ ଫୁଲଟାକୁ ରାସ୍ତାକୁ ଫୋପାଡ଼ି ଦେଲି । ଆମକୁ ଦେଖି ଗୋପଭାଇ ସେତେବେଳକୁ ମୁରୁକି ହସା ଦେଲେଣି । ତାଙ୍କ ଆଡ଼କୁ ଚାଲୁ ଚାଲୁ ବାଆଁରେଇ ଅନାଇଲି ବେଳକୁ ଦେଖେ ତାଙ୍କ ଦୃଷ୍ଟି ଧାଇଠା ଆମ ଉପରେ ଲାଖି ରହିଛି । ଓଦାଲୁଗା ଦେହ ମୁଣ୍ଡରେ ଜଡ଼ି ଯାଉଥାଏ । ଭାରି ଅଡୁଆ ଅଡୁଆ ଲାଗିଲା । ଦହେଁ ଚଞ୍ଚଳ ଚଞ୍ଚଳ ପାଦ ପକାଇ ଆଗକୁ ଚାଲିଲୁ ।

ରାତିରେ—

ସବୁଦିନ ପରି ଚନ୍ଦ୍ର ଉଦୟ ମାତ୍ର ଜହ୍ନମାମୁଁ ଆକାଶରେ ମୁହଁ ଦେଖାଇଲେ । ଜହ୍ନ ଆଲୁଅରେ ଆମ ଘର ଦୁଆର ହସି ଉଠିଲା । ଭାତ ରାନ୍ଧି ସାରି ତରଅଣ ବସାଇଛି, ମାଣିକ ଆସି ପହଞ୍ଚିଲା । ବୋଉ ନଥାଏ ।

ମାଣିକ କହିଲା, ପୁନି ଆ ଦୁଆରେ ବସି ଖୁସିଗପ କରିବା । ଅଛା କରି କହିଲି, ତୋର ସିନା ବାହାଘର ଦିନ ପାଖେଇ ଆସୁଛି ବୋଲି ଲୋ ମାଣିକ, ମନଟା ଯାଇ ଦୂର ପବନରେ ଉଡୁଛି । ସେଥିପାଇଁ ଖୁସିଗପ, ମିଠା କଥା ସବୁ ତତେ ଭଲ ଲାଗୁଛି । ଆମର କଣ, ଆମକୁ ସେଗୁଡ଼ା ପିତା । ମାଣିକ କହିଲା, ହଉଲେ ରହ ରହ ଟିକେ ତୋର ତ ପୁଣି ଦିନକାଳ ଆସିବ । ଲୁଖୁ ଶୀତ ଗଲେ ପରେ ବସନ୍ତ ଆସିଲେ—କୋଇଲିଟା ଯିମିତି ପ୍ରେମରେ ଗଦ ଗଦ ହୋଇ ଆମ୍ବ ବଉଳର ମହୁଆ ବାସନା ଭିତରୁ ଡାକେ "କୁହୁ" "କୁହୁ" ସିମିତଲେ ଦିନେ ତୋର ଯଉବନରେ ଅଦିନ ମଳୟ ପରଶ ଚହଟି ଯିବ । ଆଉ ତୁ ବି ପ୍ରେମରେ ଗଦ୍ ଗଦ୍ ହୋଇ କହିବୁ, ମାଣିକ ! ଏଇ ଜୋଛନା ରାତିଟା କେଡ଼େ ସୁନ୍ଦର ଲାଗେ—ଇମିତିଆ ମୁଁ ଆଗରୁ ଜାଣି ନଥିଲି । ମୁଁ କହିଲି, ଯାଲୋ ଥୋଉଛୁ—ତୋ ପରି କଣ ମୁଁ ହେଉଛି । ମାଣିକ ହସି ହସି କହିଲା, ଭୁଲଣୀ ଗଛ, ଆହା ଆହା କେତେ ଜାଣେ ନାଁ । ଏତିକି କହି ମୋ ଛାତିରେ ହାତଟା ମାରିଦେଲା । ଚିଡ଼ି ଉଠି କହିଲି, ମାଣିକ ତୋର ବଜାରୁଣୀ ଢଙ୍ଗ ଏଯାଏ ଗଲା ନାହିଁ । କାଲି ସକାଳେ ପରା ବା' ସା. ହେଇ ଘର ସଂସାର କରିବୁ । ମାଣିକ ମୋର ମୁହଁ ଶୁଖିଲା କଥା ଶୁଣି ଖିଙ୍ଗିଗଲା । ମୁହଁ ଶୁଖେଇ କହିଲା, ହଉଲେ ଆମ ବଜାରୁଣୀ ଆଗରୁ ଥାଉ । ତୋ କଥାକୁ ଦାଣ ବଡ଼ଲୋକ ଆସୁଛି ବୋଲି ଅସୁଖ ଲାଗୁଛି ମନା କରୁ ହେଉନି । ଏତିକି କହି ଖୋସା ଉଡ଼ାଇ ଗଲି ଯିବାକୁ

ବସିଲି । ମନଟା ମୋର ଦୁଃଖରେ ନଇଁ ଆସିଲା । ସତେ, ମାଣିକକୁ କାହିଁକି ଏତେ କଥାଟା କହିଦେଲି । ମାଣିକ—ଠିକ୍ ଆକାଶର ଜୁଳୁଜୁଳିଆ ଟିକି ଜହ୍ନଟି ପରି ସୁନ୍ଦର ଏଇ ମାଣିକ । କ୍ଷଣିକରେ ସେ ପରକୁ ଆପଣାର କରି ନେବ—ପର ପାଇଁ ଜୀବନ ଦେଇଦେବ । ଏବଡ଼ବିଟା, କେତେବେଳେ କଣ କହେ—ତା' କଥାକୁ କେହି ଧରନ୍ତି ନାହିଁ । ମୋତେ ପୁଣି ସେ ଜୀବନଠୁ ଅଧିକ କରେ । କାହିଁକି ମୁଁ ତା ମନରେ ଦୁଃଖ ଦେଲି ।

କଥା ବାଆଁରେଇ ତା ହାତ ଧରି କଅଁଳେଇ କହିଲି, ମାଣିକ ସତେ କଣ ରାଗିଲୁ—ମୋ ରାଣ ଏଇ ଟିକକ କଥାକୁ ଭୁଲିଯାଆ । ସେ ଶୁଣିଲା ନାହିଁ, ହାତ ଛୁଆଁଡ଼ି ଖଣ୍ଡେ ଦୂର ଚାଲିଗଲା । ମୁଁ ହସି ହସି କହିଲି, ମାଣିକ ଫେରି ଆସ—ତମ ଭାଇଙ୍କ ରାଣ । ହଠାତ୍ ମାଣିକ ଶୁଖିଲା ମୁହଁରେ ହସ ଝଲକିଟି ଉଠିଲା । ଫେରି ଆସି ମୋ ପିଠିରେ ଦୁମ୍ ଦୁମ୍ କରି ଦି' ବିଧା ଥୋଇଦେଲା । କହିଲା, କାହିଁକି ମୋ ଭାଇ ରାଣ ପକାଇଲୁ । ମୋ ଭାଇ ଦୁଃଖରେ ନା ସୁଖରେ । ମୋ ଭାଇକି ଖାଇବାକୁ ଦେଉ ନା ପିଇବାକୁ ଦେଉ । ହସି ହସି କହିଲି, ସତେ ମାଣିକ ତମ ଭାଇ କେବେ ଆସୁଚନ୍ତି, ସେଦିନୁ ତ ଗଲେଣି ।

କାହିଁକଲେ, ମୋ ଭାଇକି ଏତେ ପାଣି ପକେଇ ଖୋଜୁଚୁ । ମୋ ଭାଇକି ବାହା ହେବୁ କି ?

ଯୋଉ ସୁନ୍ଦର ଭାଇତ ?

ସତେ ବଳେଇ ଆଖି ବୁଜି ଦୁଧ ପିଉଚି । ମୋତେ ମୋ ଭାଇ ସୁନ୍ଦର କି ମୋତେ ମୋ ଭାଇକି ଭଲ ପାଉକି । ସେଇଥି ପାଇଁ ପିଲାବେଳେ ମୋ ଭାଇକି ଦଣ୍ଡେ ନ ଦେଖିଲେ ବଣା ହେଉଥିଲୁ—ଛୁ ସେଇ ପୂନ ନାଁ ଯା' ଲେ ସେ ପୁରାଣୀ କଥା ଆଉ କା·····

କଥା ପାଟିରେ ଅଛି, ବୋଉ ଆସି ପହଞ୍ଚିଲା । ପଚାରିଲା, ପୁଣି ରୋଷେଇ ସରିଲା । ଦେଖିଲି ତିଅଣ ହୋଇ ଗଲାଣି । କହିଲି, ହଁ ବୋଉ, ଝୁନୁ ଦାଣ୍ଡରେ ଖେଳୁଛି—ଡାକ ଆଣି—ଖାଇବା । ବୋଉ ଝୁନୁ, ଝୁନୁରେ ଡାକ ଦାଣ୍ଡକୁ ଗଲା । ମାଣିକ କହିଲା, ଯାଉଛି ପୁଣି । କହିଲି, କାଲି ଆସିବ—ତାଙ୍କର ରାଣ ।

ପୁଣି କା' ରାଣ ପକାଇଲୁ । ଫେର ପଡ଼ ମାଣିକ କଟମଟ ଆଖିରେ ଅନାଇଲା ।

ତମ ଭାଇଙ୍କ ରାଣ ନୁହେଁ ମ, ତମ ବରଙ୍କ ରାଣ ।

ଘୋଡ଼ାମୁହିଁ ଖାଲି ବର ବର ବୋଲି ପାଣି ପିଉନୁ, ଏତେ ଯଦି ମନହେଉଛି ମୋ ଭାଇଙ୍କି ବର କରି ମୋ ନୂଆବୋଉ ହେବୁ ଆସୁନୁ । ଚୁଲି ମୁଣ୍ଡରୁ ଗୋଜିଣାଠା ଆଣି ମାଣିକକୁ ମାରିବାକୁ ଦଉଡ଼ିଲି । କିନ୍ତୁ ମାଣିକ ହସି ହସି ଦଉଡ଼ି ପଳାଇଲା—ପାରିଲି ନାହିଁ ।

ରାତିରେ ଶୋଇଲା ବେଳେ ମାଣିକର କଥା କେଇ ପଦ ମନରେ ଗୁଡ଼େଇ ତୁଡ଼େଇ ହେଲା । ମଧୁ ଭାଇ, ସତେ ମଧୁ ଭାଇଙ୍କି ମୁଁ କେତେ ଭଲ ପାଉଥିଲି । ମଧୁ ଭାଇଙ୍କି ପାଇବା ପାଇଁ ମନରେ କେତେ ସୁନେଲି ଛବି ଆଙ୍କୁଥିଲି, କିନ୍ତୁ ତାଙ୍କର ବାଟରେ ଯାଇଁ ଯାଇଁ ଆଉ ଜଣଙ୍କର ସ୍ନେହ ମୋତେ ଆଜି ଅନ୍ଧ କରି ଦେଇଛି । ବାଟ ଭୁଲି ଅମଡ଼ା ପଥରେ ଗୁଲୁଛି । ସତେ କଣ ଏଇ ପଥରେ ମୋର କଣ୍ଟା ଝଂଟା କିଛି ନାହିଁ । ସତେ କଣ ଏଇ ଅମଡ଼ା ପଥ ଫୁଲ ପରି ସୁକୋମଳ ହେବ । ଗୋପଭାଇ—ସତରେ ଗୋପଭାଇ କଣ ମୋର ହେବେ—ମୋତେ ନିଜର କରିବେ । ମରୀଚିକା ପଛରେ ଦଉଡ଼ୁ ନାହିଁ ତ ? ଏଇ ପ୍ରଶ୍ନର ଉତ୍ତର ହୃଦୟ ଭିତରୁ କେହି ଦେଇ ପାରିଲା ନାହିଁ । ଭାବନା ଦଉଡ଼ିଲା ଆଗକୁ ......

## ଚାରି

ଦି, ଦିନ ହେଲା କାହିଁକି ଗୋପ ଭାଇଙ୍କର ଦେଖା ନାହିଁ । ଆକାଶରେ ଖଣ୍ଡ ଖଣ୍ଡ ହୋଇ ବଉଦ ଥିର ପବନରେ ଭାସି ଚାଲୁଥିଲା । ତାରା ଗୁଡ଼ା ମିଞ୍ଜି ମିଞ୍ଜି ହୋଇ ଜଳୁଥିଲେ । ଜହ୍ନ ଖେଳୁଥିଲା ଲୁଚକାଳି । ପୃଥିବୀ ଉପରେ କେତେବେଳେ ଅଧେ ଆଲୁଅ—ଅଧେ ଛାଇ । ଭାବନା ବାଦଲ ଛୁଟି ଚାଲେ ଆଗକୁ—ମନ ଖେଳେ ଲୁଚକାଳି—ଠିକ୍ ଏଇ ସରଗର ଶଶୀ ପରି ହୃଦୟରେ ତା'ର ଛାଇ ପଡେ—ବେଳେ ବେଳେ ଆଲୁଅ । ଛାଇ—ହୃଦୟରେ ଗମ୍ଭୀର ଦାଗ ଟାଣିଦିଏ । ସେ ଦାଗ ଲିଭେ ନାଁ । ମଣିଷ ଝୁରି ଝୁରି ଝରି ପଡ଼େ । ଆଲୁଅ ପଡେ—ହୃଦୟ ଆନନ୍ଦରେ ନାଚି ଉଠେ—ସମୁଦ୍ରର ଢେଉ ପରି । ସୁଖ, ଦୁଃଖ, ଆନନ୍ଦ ବିରହ ମଣିଷ ଜୀବନରେ ଠିକ୍ ଏଇ ଛାଇ, ଆଲୁଅ ପରି ପଡ଼ି ଲିଭିଯାଏ । ସେଇଆଡ଼ୁ ସାଥୀ କରି ଦିନର ମଣିଷ ମାଟି, ଗୋଡ଼ ସାଥିରେ ଅପେକ୍ଷା ଚାଲେ ।

ମାଉସୀ ମାଉସୀ କହି ପଦାରୁ ଡାକିଲା । ଭାବନାର ଡୋରି ମୋର ଛିଣ୍ଡିଗଲା । ଜାଣିପାରିଲି, ଗୋପଭାଇଙ୍କ ସ୍ୱର । ମାଉସୀ କବାଟ ଖୋଲି ଦେଲେ । ସେ ହସି ହସି ଘର ଭିତରକୁ ପଶି ଆସିଲେ । ମସିଣାଟା ଆଣି ଦୁଆରେ ବିଛାଇ ଦେବାକୁ ଗଲି । ସେ ମସିଣାଟାକୁ ଟାଣି ନେଇ କହିଲେ, ଥାଉ ଥାଉ, ନୀତି ଦିନଆ ଲୋକଙ୍କର ମସିଣା ଲୋଡ଼ା ହୁଏ ନାହିଁ । ଏହା କହି ତଳେ ବସି ପଡ଼ିଲେ । ଆମ ଚୁଲି ତେଇଁ ମେଞ୍ଚାଏ ଉହ୍ମା ଆଲୁଅ ତାଙ୍କ ମୁହଁରେ ପଡ଼ୁଥାଏ ।

ମୁଁ କିଛି କହିଲି ନାହିଁ । ଘଡ଼ିଏ କାଳ ନୀରବରେ ବିତିଗଲା ପରେ ପାଟିଟା ମୋର ଖଲ ବଲ ହେଲା । କହିଲି, ଦି' ଦିନ ହେଲା କୁଆଡେ ଥିଲ ଗୋପଭାଇ—କାହିଁକି ଦେଖା ନ ଥିଲ । ସେ କହିଲେ, ଆଉ ଦି'ଟା ଦିନ ଗଲେ ଦୁର୍ଗାପୂଜା । ସେଇଥିପାଇଁ ଟିକିଏ କାମରେ ବ୍ୟସ୍ତ ଥିଲି—ଏଆଡେ ଆସି ପାରିନି । ମନଟା କିନ୍ତୁ ତୋରି କଥାରେ ପଡ଼ିଥାଏ । କହିଲି, ବଡ଼ଲୋକର ଲଗାମ ମୁକୁଳା ଘୋଡ଼ାଟା ମନଟା କା' କଥାରେ ଥିବ ହୋଇ ରହି ପାରେନା ଗୋପଭାଇ—ସେ ସବୁବେଳେ ବୁଲୁଥାଏ ।

କିନ୍ତୁ ଉପଯୁକ୍ତ ପକ୍ଷୀର ସ୍ନେହ କୋରଡ଼ା ମାଡ଼ରେ ପୁଣି ଆୟତ୍ତ ହୁଏ । ସ୍ନେହ, ପ୍ରେମ, ମୈତ୍ରୀ ହୃଦୟକୁ ହୃଦୟ ସହିତ ବାନ୍ଧିରଖେ । ଗୋଟିକର ଅଭାବ ଘଟିଲେ—ଜୀବନର ସବୁ ରଙ୍ଗ ଯାଏ ଖଣ୍ଡିଆ ଦରପାନ୍ତରିଆ । କହିଲି, କେଜାଣି ଗୋପଭାଇ, ସେ ସବୁ ବଡ଼ ବଡ଼ କଥା, ମୁଁ କିଛି ବୁଝିପାରେ ନାଁ । ଖାଲି ଏତିକି ଜାଣେ ବଡ଼ଲୋକର ମନ ଚିରଦିନ ବଡ଼—ଆଖିଟା ବି ବଡ଼—ବଡ଼ଲୋକର ସବୁ ବଡ଼ । ଗୋପଭାଇ ହସିଲେ । କହିଲେ, ସୁନା ଦୁନିଆଠୁ ବହୁ ଦୂରରେ ତୁ—କିଛି ଜାଣି ନାହୁଁ । ଦି' ଦିନ [illegible]

ମଣିଷ ଅପେକ୍ଷା ଏଇ ମାଟି ଗୋଡ଼ା ବାଳକଙ୍କୁ, କେହି ବଡ଼ ନୁହେଁ କି କେହି ଛୋଟ ନୁହେଁ । ଅଦୃଶ୍ୟ ସୂତ୍ରରେ ଆତ୍ମା ଗୁଡ଼ିକ ସମସ୍ତେ ସମାନ । ହସି ହସି ପୁଣି ଦାନ ସମସ୍ତେ ଫେର ପିବା ଏଇ ମାଟି ମାଆ କୋଳକୁ । ବଡ଼ଲୋକ କି ଗରିବର କିଛି ଚିହ୍ନ ବର୍ଣ୍ଣ ରହିବ ନାହିଁ । ଗୋପ ଭାଇଙ୍କର ଏଭଳି ଅନ୍ତରର କଥା କି ମୋର ମନ ବଖିବାକୁ କହିଲେ କିଛି ବୁଝି ପାରିଲି ନାହିଁ । କିନ୍ତୁ ସତ କଣ ତା ହେଲେ ଆମ ପଡ଼ି ଗରିବ ଗୁଡ଼ାଙ୍କୁ ଗୋପଭାଇ ଏତେ ଭଲ ପାଆନ୍ତି । ସେ ମୋ ଗାଲରେ ଛୋଟ ଚୁମୁଟାଟି ବସାଇ କହିଲେ, ହଁଲୋ ହଁ । ତାଙ୍କ ଆଡ଼କୁ ଅନାଇଲି । ଦେଖିଲି, ଅତୃପ୍ତ ନୟନରେ ମୋର ଆଡ଼କୁ ଅନାଇଛନ୍ତି । କଣ ଗୋଟାଏ ଅଜଣା ବାସନା ସତେ ଯେପରି ଆଖି ଭିତରେ ଜାଳି ଉଠୁଚି । ଲାଜ ମାଡ଼ିଲା ଭୂଇଁକୁ ଦୃଷ୍ଟି ଆସିଲି ।

ଟିକକ ପରେ ବୋଉ ଆସି ପହଞ୍ଚିଲା । ବୋଉକୁ ଦେଖି ଗୋପ ଭାଇ କହିଲେ, ମାଉସୀ ଦଶହରା ବେଳକୁ ଗୁହେଦନ ପାଇଁ ପୁନ କି ଆମ ଘରକୁ ପଠାଇବ । ଆଗରୁ କହି ରଖିଲି । ନ ପଠେଇଲେ ବୋଉ ଭାରି ଘୋସା ହେବେ । କହି ଦେବି କି ବୋଉ ଘୋଷା ହେବେନା—ନାଇଁ । କିନ୍ତୁ ବୋଉ ସାମନାରେ ଭୁଣ୍ଡ କଥା ଭୁଣ୍ଡରେ ରହିଲା । ବୋଉ ନାଁରେ ଛଳନା କରି ମୋତେ ପାଖକୁ ନେବା ଗୋପ ଭାଇଙ୍କର ଗୋଟିଏ ରତମଲ ଫିକର । ବୋଉ କହିଲା, ହଉ ଗଲେ ଯିବ । ଭୁ ଯେତେ ଚେଞ୍ଜେ କୋ କହୁଚୁ—ତୋ କଥାକୁ କଣ ମାଉସୀ କାହାର ଯାଉଛି ଯେ—ଏତେ ତାଗିଦା କରୁଚୁ । ବୋଉ କଥା ଶୁଣି ଗୋପ ଭାଇଙ୍କ ମୁହଁ ଅଜଣା ଆନନ୍ଦରେ ଉଜଳି ଉଠିଲା । କେତେ ସୁଖ ଦୁଃଖ ପରେ ଲାଭ ଭଳି ଖେଳିଲ ଯୋଗ ଭାଇ ଦେଖା ହେଉଲି ।

ଭାବନା ଜେଉଁ ଉଠିଲା ମନରେ । ଗୋପଭାଇ କାହିଁକି ମୋତେ ଏତେ ପାଖକୁ ଟାଣି ନେବାକୁ ଉଦ୍‌ବଗ୍ନ । ଛଳନା କରି ମୋତେ ଠକୁ ନାହାନ୍ତି ତ ? ନାଁ ନାଁ ଗୋପଭାଇ ସେପରି ନୁହଁନ୍ତି । ମନଟା ଗୋପ ଭାଇଙ୍କ ପ୍ରତି ସ୍ନେହରେ ଭାସି ହୋଇ ଉଠିଲା । ଇଚ୍ଛା ହେଲା ଯାଇ ତାଙ୍କ କୋଳରେ ଲୋଟି ପଡି କହିବାକୁ, ଗୋପଭାଇ ପୁନି ଯେ ତୁମର—ତୁମରି ସ୍ନେହରେ ସେ ଆଜି ଅନ୍ଧ ଶ୍ରୀ ହୋଇ ଯାଇଛି । ଯୁଆଡେ ତମେ ହାତ ଧରି ନେବ—ସେ ଚାଲିବ । ଭଲ ବାଟ ହେଉ ବା ଖସଡା ବାଟ ହେଉ—ସେ ତୁମରି ପଥରେ ପଥିକ ।

ଶରତର ବରଷା ଧୂଆ ନୀଳ ଆକାଶରେ ଦେବୀ ପୂଜାର ଆଗମନୀ ଶଙ୍ଖ ବାଜି ଉଠିଲା । ଢାଗ ଢଗାନ୍ତ ତାର ପ୍ରତିଧ୍ୱନୀ ଶୁଭି ଉଠୁଥାଏ । ନଈ ପଠାରେ ଛଣ ଫୁଲ ହସି ହସି ଲୋଟି ପଡୁଥାଏ । ପୃଥିବୀର ମାଟି ସବୁଜ ଶୋଭାରେ ଭରି ଯାଇଥାଏ ।

ଆଜି ସପ୍ତମୀ । ରାଜୁତର ଘରେ ଦେବୀ ପୂଜାର ଧୂମଧାମ । ଗାଁରେ ଆଉ ଦି' ଜାଗାରେ ଦେବୀ ପୂଜା । ପାଣବାଜା, ତେଲିଙ୍ଗି ବାଜାରେ ଗାଁଟା ଉଚ୍ଛୁଳି ଉଠୁଥାଏ ସମସ୍ତଙ୍କ ମୁହଁରେ ହସ— ସମସ୍ତଙ୍କ ଘରେ ଆନନ୍ଦ ଓ ଆଲୋକ ।

ସଞ୍ଜବେଳେ ମାଣିକ ଆସି ପହଞ୍ଚିଲା । କହିଲା, ପୁନି ଏ ବର୍ଷ ଗୋପ ଭାଇଙ୍କର ଭଲ ଯାତ୍ରା ଦଳ ଆସିଛନ୍ତି । କାଲି ଯାତ୍ରା ହେବ । ମୁଁ ଆସି ଏଇଠି ଶୋଇବି, ରାତିରେ ସାଙ୍ଗ ହୋଇ ଯାତ୍ରା ଦେଖି ଯିବା । କହିଲି, ହଁ ମାଣିକ ତୁ କାଲି ସଞ୍ଜବେଳୁ ଚାଲି ଆସିବୁ । ସାଙ୍ଗ ହୋଇ ଦେବୀ ଦେଖି ଯିବା—ପୁଣି ରାତିକି ଯାତ୍ରା ଦେଖିଯିବା । ମାଣିକ ହଁ ଭରିଲା । ତା'ପରେ ନିତି ଦିନିଆ ସୁଖ ଦୁଃଖ ପରେ ସେ ଘରକୁ ନେଉଟିଲା । ମନେ ପଡୁଥାଏ, ଗୋପଭାଇ କହୁଥିଲେ ଦେବୀ ପୂଜାକୁ ତାଙ୍କ ଘରକୁ ନେବା ପାଇଁ । କାହିଁ ଆଜିଯାଏ

ଆସିଲେ ନାହିଁ । ବୋଧହୁଏ କାଲି ଆସିବେ—ମନକୁ ପ୍ରବୋଧ ଦେଲା ହୃଦୟ ।

ତହିଁ ଆର ଦିନ ଅନେଇ ଅନେଇ ସଞ୍ଜ ବୁଡ଼ିଲା । କାହିଁ ଗୋପ ଭାଇଙ୍କର ଆଜିବି ଦେଖା ନାହିଁ । ମନ ଖରାପ ଥିଲେ ନା କଣ । କିଏ ଜାଣେ ବଡ଼ଲୋକ—ହୁଏତ ଭୁଲି ଯାଇଥିବେ । ବୋଉ ଯାଇଥାଏ ସାଉକାର ଘରକୁ ଦିନରୁ । ଗୋପଭାଇ ବୋଉ ଖବର ଦେଇଥାଏ । ଭାବିଲି, ବୋଉ ଆସିଲେ ସବୁ ଖବର ଜଣାଯିବ ।

ସଞ୍ଜ ବୁଡ଼ିଲା । ଜହ୍ନ ଆଲୁଅରେ ଆମ ଘର ଦୁଆର ଗାଡେଇ ପଡ଼ିଲା । କଇଁ ଫୁଲ ମୁହଁରେ କିଏ ହସ ମେଞ୍ଚାଏ ବୋଳି ଦେଲା । ଶେଫାଳୀ ଗନ୍ଧ ଗ୍ରେଟେଇ ସମୀର ଛୁଟିଥାଏ ଦେବୀଙ୍କ ଚରଣ ତଳେ ତାର ବନ୍ଦନା ଜଣାଇବାକୁ ।

ଭାତ ଗାଳୁଥାଏ । ବୋଉ ଆସି ପହଞ୍ଚିଲା । ଶୁଖିଲା ମୁହଁଟା ତା'ର ଜହ୍ନ ଆଲୁଅରେ ବେଶ୍ ବାରି ହେଉଥାଏ । ପଚାରିଲି, ବୋଉ ଗୋପ ଭାଇ ଏଡ଼େ ଠକ—କହିଥିଲେ ପରା ମୋତେ ନେବାକୁ—ଖୁବ୍ ତ ନେଲେ । ବୋଉ କହିଲା, ଗୋପକୁ ଦି'ଦିନ ହେଲା ଜର । କାଲି ଟିକିଏ କମ ଥିଲା—ଆଜି ଜରର ପ୍ରକୋପ ବେଶି । ସାଉକାର ଘରେ କାହାର ମନରେ ସୁଖ ନାହିଁ । ମନ ସୁଖ ଥିଲେ ସିନା ସବୁ ସୁଖ । ମନ ଅଶାନ୍ତ ଥିଲେ ସବୁ ସୁଖ ସୁଆଦ ପିତା ! ବୋଉ କଥା ଶୁଣି ମୋ ଦେହରେ ଯେପରି କିଏ ପିଜା ଭଣ୍ଟା ଫୋଡ଼ି ଦେଇଗଲା । ଯେଉଁ ମନ ଦଣ୍ଡେକ ଆଗରୁ ଗୋପ ଭାଇଙ୍କି ଭୁଲ ବୁଝିଥିଲା—ସେଇ ମନ ପୁଣି ମୋର ବଦଳି ଗଲା । ଆହା ଗୋପ ଭାଇ, ସତେ କଣ ଡାଆଣୀ ଜର ମୋର ଗୋପ ଭାଇଙ୍କ ସବୁ ସୁଖ ସରାଗ ଜାଳି ପୋଡ଼ି ଦେଇଛି । ଗୋପ ଭାଇଙ୍କ ସୁନ୍ଦର ଚେହେରା କଳା ପଡ଼ି ଯାଇଥିବ । ହସ ନଥିବ—ଶୁଖିଲା ମୁହଁ ।

ମନ ହେଉଥାଏ ଗୋପ ଭାଇ କତିକି ଦଉଡ଼ି ଯିବାକୁ—ତାଙ୍କର ସେବା କରିବାକୁ ।

ଏତିକିବେଳେ ମାଣିକ ଆସି ପହଞ୍ଚିଲା । କହିଲା, ଚାଲ ପୁନି ଦେଖା ଦେଖି ଯିବା । ମନର ସବୁ ସଙ୍ଗ ମୋର ମଉଳି ଯାଇଥିଲା । କହିଲି, ତୁ ଯା ମାଣିକ, ମୁଁ କାଲି ଯିବି । ସେ ଛାଡ଼ିଲା ନାହିଁ । ହାତ ଧରି ଟାଣିଲା କହିଲା, ତୁ ନଗଲେ ମୁଁ ଯିବି ନାହିଁ । ମନ ଦୁଃଖ ମନରେ ମାରି ମାଣିକ ସାଥିରେ ଗଲି । ରାଉତରା ଘର ଦେଖା ଦେଖିଲା ବେଳେ ମନଟା ମୋର ଗୋପ ଭାଇଙ୍କୁ ଖୋଜୁଥିଲା । ମନ ହେଉଥାଏ ତାଙ୍କ ଘରକୁ ଯାଇ ଗୋପ ଭାଇଙ୍କୁ ଦେଖିବାକୁ—କିନ୍ତୁ ମାଣିକ ଥାଏ ବୋଲି ଗଲି ନାହିଁ । ଦେଖା ଦେଖି ଫେରିଲି । ମାଣିକ କହିଲା, ରାତିରେ ଯାତ ଦେଖିଯିବୁ ନାହିଁ ପୁନି । ମନାକଲି । କହିଲି, ତୁ ଯା ମାଣିକ ଆଉ କା ସାଥିରେ ଯିବୁ । ସେ ମୋ ହାତଟା ଧରି କହିଲା, ସତ କହ ମାଣିକ ତୋର କଣ ହେଇଛି । ତୋ ମୁହଁଟା କାହିଁକି ଶୁଖି ଯାଇଛି । କିଛି କହି ପାରିଲି ନାହିଁ । କିଏ ଯେପରି କଣ୍ଠରୋଧ କଲା । ସେ କେତେ ଚେଷ୍ଟା କଲା—କିନ୍ତୁ ତଥାପି ମୋଠୁ କଥା ନେଇ ପାରିଲା ନାହିଁ । ଆଖିରୁ ମୋର ଲୁହ ଧାର ଗଡ଼ିପଡ଼ିଲା । ମାଣିକ କାନ୍ଦିଲା । କହିଲା, ପୁନି କହିବୁନି କଣ ହେଇଛି । ମିଛରେ କହିଲି, ବାପାଙ୍କ କଥା ବାର ବାର ମନେ ପଡ଼ୁଛି—ଅତୀତ ଯେପରି ଛଳ ଛଳ ହେଇ ମୋ ଆଖି ଆଗରେ ଦେଖା ଯାଉଛି । ମାଣିକ ଭୁଲିଗଲା—ମୋ କଥାକୁ ସତ ମଣିଲା । ସେ ଜାଣିଲା ନାହିଁ ମୋ ଅନ୍ତରର ଅବୁଝା ଭାଷା । ପ୍ରବୋଧ ଦେଇ ଚାଲିଗଲା । ଦୁନିଆରେ ସମସ୍ତେ ଇମିତି—କିଏ କାହାର ଅନ୍ତର ବୁଝେ ?

ରାତିରେ ଭଲ କରି ନିଦ ହେଲା ନାହିଁ । ତା' ପରଦିନ । ଗୋପ ଭାଇଙ୍କୁ ଦେଖିବାକୁ ମନଟା ସବୁବେଳେ ବ୍ୟାକୁଳ ହେଲା । ବୋଉକୁ କହିଲି, ବୋଉ ଗୋପ ଭାଇଙ୍କୁ ଟିକେ ଦେଖିଯିବି । ବୋଉ ରାଜି ହେଲା । କହିଲା, ଯାଆ ସେ ତୋତେ କେତେ ଭଲ ପାଏ ଅସୁଖ ବେଳେ ତୁ ଟିକେ ତାଙ୍କୁ ନ ଦେଖି ଗଲେ ସେ ଭାରି ଦୁଃଖ କରିବେ । ମନେ ହେଲା ବୋଉ ଯେପରି ଆମ ଦୁହିଁଙ୍କର ଭଲ ପାଇବାର ସନ୍ଧାନ କେଉଁ ଦିନୁ ପାଇ ସାରିଛି ।

ମୁଁ ଗଲା ବେଳକୁ ତାଙ୍କୁ ଟିକେ ନିଦ ହୋଇଛି । ମାଉସୀ କହିଲେ, ପୁଣି ତୁ ଯା—ତା ପାଖରେ ବସିଥା, ନିଦରୁ ଉଠାଇବୁନି । ମୁଁ ଖଟ ଉପରେ ତାଙ୍କ ମୁଣ୍ଡ ପାଖରେ ବସିପଡ଼ି ଅନାଇଲି । ଦିନଟା ଦିନ ଭିତରେ ତାଙ୍କ ମୁହଁଟା ଶୁଖି ପାଉଁଶିଆ ଦେଖା ଯାଉଛି । ତାଙ୍କ ମୁଣ୍ଡରେ ହାତ ମାରି ଆଉଁସି ଦେବାକୁ ଲାଗିଲି । ଟିକିଏ ପରେ ଗୋପ ଭାଇଙ୍କ ନିଦ ଭାଙ୍ଗିଲା । ମୋ ଆଡ଼କୁ କରୁଣ ଦୃଷ୍ଟିରେ ଅନାଇଲେ । କହିଲେ, ଏତେ ଦିନେ ପୁଣି ମନେ ପଡ଼ିଲା । କହିଲି, ମୁଁ କଣ ଜାଣିଥିଲି ଗୋପଭାଇ ତମ ଦେହ ଇମିତି ଖରାପ ବୋଲି । କାଲି ରାତିରେ ବୋଉ କହିଲାରୁ ସିନା ଜାଣିଲି । ମୁଁ ତ ଆଉରି ତମ ଉପରେ ରାଗି ହୋଇଥିଲି । ସେ ହସିଲେ । କହିଲେ, କାହିଁକି ତୋତେ ଆଣିବାକୁ ଯାଇ ନ ଥିଲି ବୋଲି । ମୁଣ୍ଡ ହଲାଇ ହଁ କଲି । ସେ ମୋ ଗାଲରେ ଛୋଟ ଚୁମୁଟାଟିଏ ବସାଇ ଦେଲେ । ପଚାରିଲି, ଦେହ କିପରି ଅଛି ? କହିଲେ ଦେହ ଆଜି ଭଲ ଲାଗୁଛି—କାଲି ପଅରି ଆଡ଼କୁ ସମ୍ପୂର୍ଣ୍ଣ ଭଲ ହୋଇଯିବ ବୋଲି ମନେ କରୁଛି । କହିଲି, ସତେ ଗୋପଭାଇ ବୋଉଠାରୁ ତମ ଦେହ ଖବର ଶୁଣି କାଲିଠୁ ମୋ ମନରେ ଭାରି ଦୁଃଖ । ରାତିରେ ତମରି କଥା ଭାବି ନିଦ ହେଲା ନାହିଁ । କେତେ ଠାକୁରଙ୍କୁ ଡାକିଛି ଠାକୁରେ ମୋ

ଗୋପ ଭାଇଙ୍କୁ ଭଲ କରିଦିଅ । ଗୋପଭାଇ କହିଲେ, କାହିଁକି ମୁଁ ତୋର କିଏ କି ଏତେ ଠାକୁରଙ୍କୁ ଡାକୁଚୁ । ମୁ ମରି ଗଲେ ତୋର କଣ ହୋଇଯିବ । କହିଲି, ଗୋପଭାଇ ସିମିତିକା କଥା କହିବ ନାହିଁ । ମୋର ମୁହଁ ଶୁଖା କଥା ଶୁଣି ତାଙ୍କ ଓଠରେ ହସ ଫୁଟି ଉଠିଲା ।

ବିଛଣାରୁ ଉଠି ବସିଲେ । ଆଡ଼କୁ ସାଡ଼କୁ କଣ ଦେଖି ମୋତେ କୋଳକୁ ଟାଣି ନେଇ ମୋ ଗାଲରେ ସବୁ ଚୁମ୍ବନ ଆଙ୍କି ଦେଲେ । ଲାଜରେ ମୁଁ ଉଠି ପଳାଇବାକୁ ବସିଲି । ସେ ମୋ ହାତ ଭିଡ଼ି ଧରିଲେ ଜୋରରେ । କହିଲି, ଛିଃ ଗୋପଭାଇ ତମ ଦେହ ଖରାପ । ମୋତେ ଛାଡ଼ିଦିଅ । ସେ ହାତଟା ଅନିଚ୍ଛାରେ ଛାଡ଼ି-ଦେଲେ । କିଛି ନ କହି ଶୋଇ ପଡ଼ିଲେ । ମନେ ହେଲା, ତାଙ୍କର ଇଚ୍ଛାକୁ ମୁଁ ଭଲକରି ପୂରଣ କରି ପାରିଲି ନାହିଁ ବୋଲି ସେ ରାଗି-ଗଲେ । କହିଲି, ଗୋପଭାଇ ଯାଉଚି । ସେ ହୁଁ କି ହାଁ କିଛି କହିଲେ ନାହିଁ ତାଙ୍କର ପିଲାଳିଆ ଧୋକା ଦେଖି ମୁଁ ହସି ହସି ଘରକୁ ପଳାଇ ଆସିଲି ।

ମାଉସୀ ମୋତେ ଓ ବୋଉକୁ ଖାଇବାକୁ କହି ଗୁଡ଼ାଏ ଜଳଖିଆ ନେଇ ଆସିଲେ । ଅନିଚ୍ଛା ସତ୍ତ୍ୱେ ବୋଉ ସାଥିରେ ଲାଜ ଲାଜ ହୋଇ ଖାଇଲି । ମାଉସୀ କହିଲେ, କାଲେ ପୁଣି ତୋ ଘର ପର ହେଇ—ଏତେ ଲାଜ କରୁଚୁ, କଣ ମ—ମାଆଟା ପରି, ପେଟ ପୁରେଇ ଖା । ମାଉସୀଙ୍କ ଆଦର ବୋଳା କଥା ଶୁଣି ଖାଇଲି କଣ ପେଟଟା ଆଗେ ପୂରିଗଲା । ଖାଇସାରି ବୋଉ ସାଥିରେ ଡାଙ୍ଗ ଦେବୀ ମେଢ଼ ଦେଖିବାକୁ ଗଲି । ଆଜି ନବମୀ ଗାଁର ଆଖପାଖ ଅଞ୍ଚଳରୁ ବହୁତ ଯାତ୍ରୀ ଆସିଥାନ୍ତି । ଗାଁ ଦାଣ୍ଡଟା ଲୋକେ ଗହଳିରେ ପୂରି ଉଠିଥାଏ । ଦେବୀ ଦେଖି ସାରି ମାଉସୀଙ୍କଠାରୁ ବିଦାୟ ନେଇ ଘରକୁ ଫେରିଲୁ ।

ତା, ପର ଦିନ ଦେବୀଙ୍କର ବିସର୍ଜନ ପର୍ବ ହେଲା ।

### * ପାଞ୍ଚ *

ଦେବୀ ପାଣିରେ ପଡ଼ିଲା ପରେ ପରେ ଦଶହରାର ଆନନ୍ଦ ଫିକା ପଡ଼ିଗଲା । କଶ୍ଣି ଫୁଲର ପାହାନ୍ତ୍ର ହସ ସଙ୍ଗରେ ଶାରଦୀୟାର ବୈଭବ ମିଳେଇ ଗଲା—ସକାଳ ସୁରୁଯର କଅଁଳ ପରଶରେ । ଖାଲି ପଛରେ ପଡ଼ି ରହିଲା ସେହି ଦରଭୁଲା ସ୍ମୃତି ଗୁଡ଼ାକ । ଦିନ ଆଗେଇ ଚାଲିବ ପୁଣି ବରଷକ ପରେ ଶରତ ଆସିବ—ଶେଫାଳିର ଗନ୍ଧ ନେଇ ଭ୍ରମର ବୀଣା ବଜାଇ ପୁଣି ଧରାବଧୂ କାନେ କାନେ କହିବ ଶାରଦୀୟା ପୂଜା ପାଖେଇ ଆସିଲା ବୋଲି ।

ଦଶହରା ଆଜିକୁ ଦି'ଦିନ ହେବ ଗଲାଣି । ଗୋପଭାଇଙ୍କ ଦେହ ପୁରା ପୁରି ଭଲ ହୋଇଯିବା ଖବର ବୋଉଠୁ ପାଇଛି । କିନ୍ତୁ ତଥାପି ଗୋପଭାଇଙ୍କର ଆଜି ଯାଏ ଦେଖା ନାହିଁ । ମନକୁ ମନ ଭାବେ, ସେଇଦିନର ରାଗ କଣ ତାଙ୍କର ଆଜି ଯାଏ ଯାଇନି । ରାଗି ଥାଆନ୍ତୁ—ମୁଁ ତ କିଛି ଦୋଷ କରିନାହିଁ ।

ରାତିରେ , ମାଣିକ ମୁଁ ଦୁଆରେ ବସି ସୁଖ ଦୁଃଖ ହେଉଚୁ । ବୋଉ, ଦୂନ ଘରେ ନାହାଁନ୍ତି । ଆମେ ଦକ୍ଷିଣ ଦାଣ୍ଡ ଦରଜାରେ କିଳଣି ଦେଇ ଭିତରେ ମନ ଖୁସି ଗପ କରୁଚୁ । ପଦାରୁ କିଏ ମାଉସୀ ମାଉସୀ ଡ଼ାକିଲା । ମାଣିକ କହିଲା, ପୁଣି କିଏ ଡ଼ାକୁଚି । କାନପାରି ଶୁଣିଲି ଗୋପଭାଇଙ୍କ ସ୍ୱର । ହୃଦୟରେ ଜାଗିଲା ଆନନ୍ଦ । କହିଲି, ମାଣିକ ଗୋପଭାଇ ଡ଼ାକୁଚନ୍ତି । ଯା ଦରଜା ଖୋଲି ଦେ । ଗୋପଭାଇ ନାଁ ଶୁଣି ମାଣିକ କହିଲା, ନାଁ । ପୁଣି ତୁ ଯା । ଆଗରୁ ଜାଣେ ମାଣିକ ଗୋପଭାଇଙ୍କୁ ଭାରି ଡରେ । ପିଲାବେଳେ ମାଣିକକୁ ଗୋପଭାଇ ଭଲ ପାଉଥିଲେ । ମାଣିକ ଆଜି ଜୁଆନ ଟୋକୀ—କାଲି ସକାଳେ ତା'ର ବାହା ହେବ । ଯଉବନର ଅଜଣା ଭୟ ତାକୁ ପଛକୁ ଠେଲିଲା—ଦରଜା ଖୋଲି ଦେବାକୁ ଗଲାନାହିଁ । ବାଧ୍ୟ ହୋଇ ମୁଁ ଦରଜା ଖୋଲି ଦେଲି । ଗୋପଭାଇ ଭିତରକୁ ଆସି ପଚାରିଲେ, ମାଉସୀ ନାହାଁନ୍ତି କି ? ମନେ ମନେ କହୁଥାଏ ସତେ ଯେପରି ମାଉସୀଙ୍କ ପାଖରେ ଆଙ୍କର ଦୁନିଆ ଯାକର କାମ ଅଛି । କହିଲି, ବୋଉ ଯାଇଛନ୍ତି ସୁମୀ ବୋଉ ଖୁଡୀ ଘରକୁ । ମାଣିକ ଗୋପଭାଇଙ୍କୁ ଦେଖି ମୁଣ୍ଡରେ ଓଢ଼଼ଣା ଟାଣି ଲାଜ ଲାଜ ହୋଇ ଜହ୍ନ ଆଲୁଅରୁ ଅନ୍ଧାରକୁ ଘୁଞ୍ଚିଗଲା । ମାଣିକକୁ ଦେଖି ଗୋପଭାଇ ପଚାରିଲେ, ଏ କିଏ କି ? ମାଣିକ ବୋଲି ନକହି ମିଛରେ କହିଲି, ସେ ପରା ରାମଭାଇଙ୍କ ନୂଆବୋହୂ— ଆଜି ଆମ ଘରକୁ ଟିକେ ବୁଲି ବୁଲି ଆସିଚନ୍ତି ।

ରାମଭାଇଙ୍କ ନୂଆବୋଉ ଥିବା ଶୁଣି ଗୋପ ଭାଇ କିଛି କହିବାକୁ ସାହସ କଲେ ନାହିଁ । କହିଲେ ଯାଉଚି ପୁଣି—ମାଉସୀ ନାହାଁନ୍ତି । ସେ ଚୁଲିଗଲେ । ମାଣିକ ସାମନାରେ ତାଙ୍କୁ ବସିବାକୁ ଅନୁରୋଧ କରି ପାରିଲି ନାହିଁ । ଭାରି ଦୁଃଖ ହେଲା ମନରେ । ଏତେ

ଦିନ ପରେ ଆସିଥିଲେ କଣ ଇମନ୍ତ ଚେହ୍ନ ଖିବାକୁ । ଗୋପଭାଇ ଗୁଳିପିବାରୁ ମାଣିକ ଖିଁ ଖିଁ ହୋଇ ହସି ଉଠିଲା । କହିଲା, ଆଜ୍ଞେ ଘୋଡ଼ାମୁହଁ ମୁଁ କାହିଁକି ସମ ଭାଇ ନୂଆବୋଉ ହେବ ମ—ଭାଇ ହେଉନ୍ତୁ । କହିଲା, ମାଣିକ ଗୋପ ଭାଇଙ୍କୁ ଦେଖିଲେ ଏତେ ଲାଜ କରୁ କାହିଁକି, ବାଘ ନାଁ ଭାଲୁ ହୋଇଚନ୍ତି ଯେ ତତେ ଖାଇଯିବେ । ମାଣିକ କହିଲା, ଜାଣି ଚତୁରୀ—କିଛି ଜାଣି ଥିବୁ କି । ସେଇ ଲଗେ ବୋଉ ଆସି ପହଞ୍ଚିଲା । ମାଣିକ ବିଦାୟ ନେଲା ।

× × ×

ଆଜି କୁଆଁର ପୁନେଇଁ । ଆକାଶରେ ଜଇଁ ଫୁଲିଆ ଜହ୍ନ ହସି ଉଠିଲା । ବରଷକ ପରେ ଏ ଗୋଟାଏ ଦିନ ଗାଁ ଝିଅଙ୍କର ଅତି ଆଦରର । ଜହ୍ନ ଈଶା ଗୀତରେ ଗାଁ । ଦାଣ୍ଡ ଆଖାଡ଼ର ଭରି ନଈ ପରି ଉଚ୍ଛୁଳି ଉଠୁଥାଏ ।

ଚଉରା କଡରେ ଭୋଗ କରି ସାରି ଜହ୍ନକୁ ଅନେଇ ଖଇ ଦିଠା ପାଟିରେ ପକାଉଛି—ମାଣିକ ଆସି ପହଞ୍ଚିଲା । ହାରି, ଝୋଲା, ଅତସୀ, ଦୁଲି ଗାଁର ଗୋଟି ଗୋଟି ହୋଇ ଝିଅ ଆସି ଆମ ଘରେ ଠୁଳ ହେଲେ । କୁଆଁର ପୁନେଇ ଗୀତରେ ଆମ ଘର ଦୁଆର ଉଚ୍ଛୁଳି ଉଠିଲା । ଅତସୀ କହିଲା ପୁନି ଅପା ମାଣିକ ଅପା ଆଜି ଏଠି ଅଛନ୍ତି-ଆର ବରଷ ଏତେବେଳକୁ ଆମମାନଙ୍କୁ ଛାଡ଼ି ଯାଇ କୁଆଡ଼େ ଉଠିବେଣି ।

ଅତସୀ—ଆଠବରଷର ପରଜାପତି ପରି ସୁନ୍ଦର ଫର ଫର ଝିକି ଝିଅଟି ଏଇ ଅତସୀ—ଦିନଆଠୁଁ ବହୁ ଦୂରରେ ଥାଇବ ସେ ବୁଝିଲଣି ଜୀବନ ସଉଦା କଥା । ପାଗଳ ଭାବନା ଦଉଡ଼ିଲା, ହୃଦୟରେ କିଏ ଯେପରି କହିଲା, ସତେ—ମାଣିକ ଆଉ ମୁଁ ଆଜି ଏଇ ଝିକି ଝିଅଙ୍କ ସାଥିରେ ଖେଳୁଛୁ । କିନ୍ତୁ ଆର ବରଷକୁ ଆମେ ଏଠି ନଥିବୁ । ମାଣିକ ଥିବ କୁଆଡେ—ଆଉ ମୁଁ ବା ଥିବି କୁଆଡେ ।

ଆଜି ଆଦରର ଏଇ ଘରଦୁଆର, ବାପ, ମା, ଭାଇ, ଭଉଣୀ ସମସ୍ତଙ୍କୁ ବେଳକୁ ହୋଇ ଯାଉଥିବେ ପର । ଆକାଶରେ ଥିବା ଜହ୍ନଟି ବି ସେତେବେଳେ ଇମିତି ଆମକୁ ଦେଖି ହସୁ ନ ଥିବ—ଆଖିରେ ଲୁହ ଜକେଇ ଆସିଲା । କହୁଛି, ମାଣିକ ! ଝିଅ ଜନମ ପାଇ ପର ଘରକୁ ଯିବା ଦୁଃଖଠୁଁ ବଳି ଦୁଃଖ ଆଉ ନାହିଁ । ମାଣିକ କହୁଛି, ହଁ ଲୋ ଭଉଣୀ ! ଏଇ ବାପା, ମା, ପିଲାବେଳେ କେତେ ଆଦର କରନ୍ତି—ଦଣ୍ଡେ ନ ଦେଖିଲେ ବଣା ହୁଅନ୍ତି—କିନ୍ତୁ ବଡ଼ ହେଲେ ପୁଣି ଏଇ ବାପ ମା ବୋଝ ବୋଝ ବୋଲି କହି ଅସ୍ଥିର ହୁଅନ୍ତି, ଭଲ ହେଉ ମନ୍ଦ ହେଉ ପର ଘରକୁ ଠେଲି ଦେଇ ଯାଇ ଶାନ୍ତିରେ ନିଶ୍ୱାସ ମାରନ୍ତି ।

ସଞ୍ଜ ଗୁହାଳିଆ ବେଳକୁ କିଏ କୁଆଡ଼େ ଯେଝା ଘରକୁ ବାହୁଡ଼ି ଗଲେ । ଆକାଶରେ ପୁନେଇ ଜହ୍ନ ଟିକା ପଡ଼ି ଆସୁଥାଏ ।

କୁଆଁର ପୁନେଇ ଜହ୍ନର ଶେଷ ହସଟିକକ ଲିଭିଗଲା—ସକାଳ ଆଲୁଅର କଅଁଳ ପରଶରେ । ପୁନେଇଁ ପରେ ଆସିଲା ଅମାବାସ୍ୟା । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ, ଯେମିତି ମଣିଷ ଜୀବନରେ ଆସେ ମଣିଷ ଅନୁଭବ କରେ ସୁଖ ଦୁଃଖ ଅନୁ [illegible] ଭାଇ ସୁଆଦ । ସୁଖର ରଙ୍ଗିନ ଶୀତଳ ପରଶରେ ମଣିଷ [illegible] ଅତୀତର ଦୁଃଖ, କଷ୍ଟ, ଦୈନ୍ୟ । ପାଗଳ ପରି ଏଇ ମଣିଷ ଝୁଲି ବୁଲେ, ବହିବାରେ ଆନନ୍ଦ ଅଶ୍ରୁ—ସୁଖ ଅଶ୍ରୁ—ଫୁଟି ସବୁରି ଉପରେ ଅଶ୍ରୁ ଆଲୋକ ।

ବୋଉକୁ ଭାରି ଜର । କାଲି ସଂଜବେଳଠୁ ଆଜି ସଂଜ ବୁଡ଼ିଲା ତଥାପି ଜରର ତାପଟିକେ କମି ନାହିଁ । ବୋଉ ଜରରେ ପାଗଳ ପରି ହେଉଥାଏ । ମୁଁ ପାଣି ପଟି କରି ବୋଉ ମୁଣ୍ଡରେ ଦେଉଥାଏ । ମନଟା ଅଜଣା ଭୟରେ ଗୋଳେଇ ଘାଣ୍ଟି ହେଉଥାଏ ।

ବେଳେ ବେଳେ ମନରେ ପାପ ଛୁଉଁଥାଏ । ଦୁନିଆରେ ବୋଉ ଛଡ଼ା ମୋର ବା କିଏ ଅଛି । ବାପ ସ୍ନେହ କଣ ଜାଣି ନାହିଁ । ଏ ବିପଦ ବେଳେ କିଏ ସାହା ହେବ । ଭାବିଲି ଗୋପଭାଇ କତିକି ଖବର ଦେଲେ ସେ ନିଶ୍ଚୟ ଆସିବେ । ମୋତେ ଯଦି ସେ ସତେ ଭଲ ପାଉଥିବେ, ତେବେ ଏ ବିପଦ ବେଳେ ସେ ନିଶ୍ଚୟ ସାହାଯ୍ୟ କରିବେ । ଠେନୁକୁ କହିଲି, ଯା ଗୋପ ଭାଇଙ୍କୁ ଡାକି ଆଣିବୁ କହିବୁ ନାନୀ ଡାକୁଛନ୍ତି । ଠେନୁ ଚାଲିଗଲା ।

ଘଡ଼ିକ ପରେ ଗୋପ ଭାଇ ଆସି ପହଞ୍ଚିଲେ । କହିଲି, ଗୋପ ଭାଇ ବୋଉଙ୍କୁ କାଲିଠୁଁ ଭାରି ଜର—କଣ ଔଷଧ ଆଣିଦିଅ । ଆଖିରେ ମୋର ଲୁହ ଜମି ଆସିଲା । ସେ କହିଲେ, ତୁ କାନ୍ଦୁଛୁ କାହିଁକି ପୁନି, ବୋଉ ନିଶ୍ଚେ ଭଲ ହୋଇ ଯିବ । ମୁଁ ଯାଉଛି । ଡାକ୍ତର ଡାକି ଆଣିବି । ସେ ଚାଲିଗଲେ ।

ଟିକକ ପରେ ଡାକ୍ତର ଆସି ବୋଉକୁ ଗୋଟାଏ ଔଷଧ ଦେଇ ଗଲା । କହି ଯାଇଥାଏ ଘଣ୍ଟାକ ପରେ ପରେ ଔଷଧ ପାଞ୍ଚପାନ ଦେବାକୁ ବୋଉପାଖରେ ଗୋପ ଭାଇ ଓ ମୁଁ ବସି ଥାଉଁ । ଘଣ୍ଟାକ ପରେ ପରେ ଔଷଧ ଦେଉଥାଉଁ । ରାତି ଦଶଟା ବେଳକୁ ମୋତେ ନିଦ ଆସିଲା-ଢୁଳେଇଲା । ଗୋପଭାଇ କହିଲେ, ଯା ପୁନି ଶୋଇବୁ—ମୁଁ ଜଗିବି ଔଷଧ ଦେବି । କହିଲି, ନା ଗୋପଭାଇ ତମେ କାହିଁକି କଷ୍ଟ କରିବ—ତମେ ଯା ଶୋଇବ-ମୁଁ ଜଗିଛି । ଗୋପଭାଇ ଗଲେ ନାହିଁ । ରାତିଯାକ ଚେଇଁ ଔଷଧ ଦେଲେ । ମୁଁ ଢୁଳେଇ ଢୁଳେଇ ବୋଉ ମୁଣ୍ଡ ଉପରେ ଶୋଇ ପଡ଼ିଲି । ଉଠିଲି ବେଳକୁ ଦେଖେ ଭୋର ହୋଇ ଆସିଲାଣି । ଗୋପଭାଇ ସେମିତି ବୋଉକୁ ଜଗି ବସିଛନ୍ତି । ବୋଉ ନିଦରେ ଶୋଇ ପଡ଼ିଛି । ମନଟା ମୋର ଗୋପ ଭାଇଙ୍କ ପ୍ରତି ସ୍ନେହରେ ନଇଁ ପଡ଼ିଲା । କହିଲି, ଗୋପ ଭାଇ ତମ ସ୍ନେହ

ମୁଁ ଜୀବନରେ ଭୁଲି ପାରିବି ନାହିଁ । ସେ ହସିଲେ । ମୋ ହାତ ଧରି ଆଉଁସିବାକୁ ଲଗିଲେ । ମୁଁ ଆପେ ଆପେ ତାଙ୍କ କୋଳକୁ ଢଳି ପଡ଼ିଲି । ତାଙ୍କ ମୁହଁଟା ନଇଁ ପଡ଼ିଲା ମୋର ଆଡକୁ ଛାତିରେ ତାଙ୍କ ହାତର ଉଷ୍ମ ପରଶ ବାଜିଲା । ବୋଉ କାଶ ନେଉଠାଇଲା । ଭୟରେ ଗୋପ ଭାଇ ମୋତେ ଛାଡ଼ି ଦୂରକୁ ଘୁଞ୍ଚିଗଲେ ।

ତା ପରଦିନକୁ ବୋଉର ଜର କମି ଆସିଲା । ଗୋପ ଭାଇ ଇଂଗିତରେ ଡାକ୍ତର ଆସି ଗୋଟାଏ ଇଞ୍ଜେକସନ ଓ ପୁଣି ଔଷଧ ଦେଇ ଗଲେ । ଚାରିଦିନ ବେଳକୁ ବୋଉର ଜର ଏକବାରେ ଭଲ ହୋଇଗଲା । ବୋଉକୁ କହିଲି, ବୋଉ ଗୋପ ଭାଇଙ୍କର ଏ ଉପକାର ଆମେ ସାରା ଜୀବନରେ ଶୁଝି ପାରିବା ନାହିଁ । ବୋଉ କହିଲା, ଗୋପ ମୋର ପୂର୍ବଜନ୍ମରେ ପୁଅ ଥିଲା ।

ନିତ ସଂଜବେଳକୁ ଗୋପଭାଇ ଆମ ଘରକୁ ଆସନ୍ତି । ତାଙ୍କୁ ଦେଖିଲେ ଏଣିକି ମୁଁ ଆଉ ଅବହେଳା ନ କରି କୋଠି ନିଧି ପାଇଲା ପରି ହୁଏ । ସେ ହସି ହସି କେତେ ଖୁସି ଗପ କରନ୍ତି । ତା' ପରେ ବିଦାୟ ନିଅନ୍ତି । ବେଳେ ବେଳେ ମୋତେ ଏକଲା ଦେଖି ତାଙ୍କ ମନର ଅଭିମାନ ମେଣ୍ଟାନ୍ତି । ମୁଁ ତାଙ୍କର ଏ ବ୍ୟବହାରରେ ବାଧା ଦେଇ ପାରେନା । ଭାବେ ତାଙ୍କରି ଚରଣ ତଳେତ ନିଜକୁ ଅଜାଣତ ଦେଇଛି —ଆଉ ପୁଣି କାହିଁକି·········

ମାସକ ପରେ, ବୋଉ, ଠେନ୍ନ ମାମୁ ଘରକୁ ଯାଇଥାନ୍ତି । ମୁଁ ଘରେ ଥାଏ ଏକଲା । ମାମୁ ଘରେ ମାମୁ, ମାଇଁ ଓ ମାଇଁର ଟିକି ପୁଅଟି ଛଡ଼ା ଆଉ କେହି ନାହାନ୍ତି । ଅଜା ଆଈ କେଉଁ ଦିନୁ ଆଖି ବୁଜିଛନ୍ତି । ମାଇଁ ଦେହ ଭଲ ନ ଥାଏ ବୋଲି ବୋଉକୁ ଆସି ମାମୁ ନେଇ ଯାଇଥାଆନ୍ତି । ବୋଉ ମୋତେ କହି ଯାଇଥାଏ, ଚାରି ଦିନକୁ ଯାଉଚି ହୁସିଆରରେ ଚଳିବୁ । ଦି' ଦିନ ହେଲା ବୋଉ ଗଲାଣି ।

ଦିନଟି କୌଣସି ମତେ କଟିଯାଏ—ରାତିରେ ଏକଲା ଏକଲା ଲାଗେ ।

ଗୋପଭାଇ ଗୃହଦ୍ୱାର ହେବ ଇଆଡ଼େ ଆସି ନ ଥାନ୍ତି । ରାତି ଦଶଅଣ ରନ୍ଧା ସରିଲା, ଟେବଲକୁ ଘଡ଼ି ଘଞ୍ଜାଏ ହେଲାଣି । ଭାବିଲି, ଅନ୍ଧାର ରାତି, ଯାଉଚି ଜଅଁଳ ଖାଇ ଶୋଇ ପଡ଼ିବ । ଖାଇ ସାରି ଦାଣ୍ଡ ଦରଜା ଦେଇ ଆସି ଘରେ ବିଛଣା ପାରୁଚି, ଗୋପଭାଇଙ୍କ ଡାକ ଶୁଭିଲା କବାଟ ଫିଟାଇ ଦେଲି । ସେ ଘର ଭିତରକୁ ଆସି କହିଲେ, ପୁନି ମାଉସୀ କାହାନ୍ତି ? କହିଲି, ବୋଉ ନାହାନ୍ତି—ଟୁନ, ସିଏ ଯାଇଛନ୍ତି ମାମୁ ଘରକୁ, ହଁ, ଦିନ ହେଲାଣି । କଣ ଭାବି ସେ କହିଲେ, ପୁନି ଦାଣ୍ଡ ଦରଜା ଦେଇ ଆ—କଥା ଅଛି । ମୁଁ ଦାଣ୍ଡ ଦରଜା ଦେଇ ଦେଲି ସତ କିନ୍ତୁ ଭୟରେ ଛାତିଟା ଥରୁଥାଏ କାଏ ଯଦି ଜାଣେ ଗୋପଭାଇ ଏତେ ରାତିରେ ଏଠି ମୋ କତିରେ ଅଛନ୍ତି—ତେବେ ଗାଁରେ ମୁହଁ ଦେଖାଇ ହେବନି । ପଚାରିଲି ଗୋପଭାଇ କଣ କହୁନ । । ସେ କହିଲେ, ସତ କହ ପୁନି ତୁ ମୋତେ ଭଲ ପାଉ । କହିଲି, ପୁନିର ହୃଦୟ ଏ ଯାଏ ଚିହ୍ନି ପାରିଲ ନାହିଁ ଗୋପଭାଇ । ସେ କହିଲେ, ସତ କହ ପୁନି ତୁ ମୋତେ ବାହା ହେବୁ ।

ମୁଁ ଲାଜରେ କିଛି କହି ପାରିଲି ନାହିଁ । ସେ ମୋତେ କୋଳକୁ ଟାଣି ନେଲେ । କହିଲି, ଗୋପଭାଇ ଛଳନା କରୁନାତ । ସେ ମୋତେ ବାରବାର ଚୁମ୍ବନ କଲେ । ପାଗଳପରି ଘର ଭିତରକୁ ଟାଣି ଆଣି ବିଛଣାରେ ଶୋଇବାକୁ ନିର୍ଦ୍ଦେଶ ଦେଲେ । ଡିବିରି ଆଲୁଅଟା ମୁଁ ଲିଭାଇ ଦେଲି । ସେହି ଅନ୍ଧକାରରେ ମୋର ଯା' କିଛି ସବୁ ସେ ଜୋରକରି ହରଣ କରି ନେଇଗଲେ । ତାଙ୍କରି କୋଳରେ ମୁଁ ଶୋଇ ପଡ଼ିଲି । ନିଦ ଭାଙ୍ଗିଲା ବେଳକୁ ହୋଇଛି

କୁଆଡ଼ାରି ଉଠିଲାଣି । ଛାତି ଥରୁଥାଏ । ଗୋପଭାଇଙ୍କୁ ଆସି ଉଠାଇ ଦେଲି । କହିଲି, ଗୋପଭାଇ ରାତି ପାହିବା ପୂର୍ବରୁ ଚାଲିଯାଅ, ସେ ଉଠି ଉଠି ବଦାୟ ନେଲେ । ସେ ଚାଲିଗଲା ପରେ ମୁଁ ଶାନ୍ତିର ନିଶ୍ୱାସ ମାରିଲି ।

ତା' ପରଦିନ ରାତି ଦୁ' ଘଣ୍ଟାକୁ ଗୋପଭାଇ ପୁଣି ଆସିଲେ । ମନା କଲି—ସେ ମାନିଲେ ନାହିଁ, ଦରଜା କଲି ଦେଇ ପାଗଳପରି ମୋତେ କୋଳକୁ ଟାଣିନେଲେ । ତାଙ୍କର କୋଳରେ କି ମାଦକତା ଥିଲା କେଜାଣି ମୁଁ ନିଜକୁ ନିଜେ ହରାଇ ବସିଲି । ସେ ମୋତେ ତାଙ୍କର ବାହୁ ସନ୍ଧିରେ ଭିଡ଼ି ଧରିଲେ—ଗାଲରେ ତାଙ୍କର ମୁହଁର ତାତିଲା ପରଶ ବରାବର ବାଜିଲା । ମୁଁ ଅମ୍ଳାନ ବଦନରେ ତାଙ୍କର ପଦତଳେ ମୋର ନାରୀତ୍ୱର ଗର୍ବ ଗଉରବ ସବୁ କାଲି ରାତି ପରି ଅଜାଡ଼ି ଦେଲି । ପାଗଳ ଦେହ ମନ ତାଙ୍କର ବାସ୍ତବକୁ ଫେରି ଆସିଲା ପରେ ସେ ଉଠିଲେ—ଉଠୁ ଉଠୁ ମୋତେ ବାରବାର ଭିଡ଼ି ଧରି ଚୁମ୍ବନ କରୁଥାନ୍ତି । କହିଲି ଗୋପଭାଇ ସେତିକି ଥାଉ, କିଏ କାଳେ ଆସିବ ତମେ ଚାଲିଯାଅ ।

ଖସଡ଼ା ପଥରୁ ମନ ତାଙ୍କର ବାଟକୁ ଫେରିଲା । ମୁଁ ବାଡ଼ି କବାଟ ଖୋଲିଲି, ସେ ଧୀରେ ଧୀରେ ଅନ୍ଧକାରରେ ହଜିଗଲେ । ମୁଁ ଫେରିଆସି ବିଛଣାରେ ଶୋଇ ପଡ଼ିଲି । ଭାବିଲି, ଏ ପୁଣି କଣ ହେଲା । ଗୋପଭାଇଙ୍କ ଚରଣତଳେ ନାରୀତ୍ୱର ଗର୍ବ ଗଉରବ ସବୁତ ଅଜାଡ଼ି ଦେଲି କିନ୍ତୁ ଭବିଷ୍ୟତ । ଭବିଷ୍ୟତରେ ଗୋପଭାଇ ମୋତେ ଠକିବେ ନାହିଁ ତ ? ହୃଦୟର ଭିତରୁ କିଏ ଜବାବ ଦେଲା, ନା ଗୋପଭାଇ ସେପରି ନୁହଁନ୍ତି—ଗୋପଭାଇ ଯେ ତୋର ଅତି ଆପଣାର—ହୃଦୟର ଅତିକର ନିକଟତର ।

ତା' ପର ଦିନକୁ ବୋଉ ଫେରି ଆସିଲା । ବୋଉ ଆସିବାରୁ ମୋ ମନରୁ ସବୁ ଭୟ ଦୂରକୁ ଘୁଞ୍ଚିଗଲା । ଗୋପଭାଇ ସବୁ ଦିନ ପରି ରାତିକି ଆସିଲେ ବୋଉ ସାଥିରେ ଅନ୍ତୁ ସାନ୍ତୁ କେତେ ଗପ କରି ଫେରିଲେ । ଫେରିଲା ବେଳେ ତାଙ୍କର ଆଖି ଦୁଇଟା ମୋ ଠାରେ ଯେ କଅଣ ଖୋଜୁଥିଲା, ଏହା ମୁଁ ବେଶ୍ ଠଉରାଇ ପାରିଥିଲି ।

ଦିନ ଗଣ୍ଡ ଗୁଳିଲା । ଗୋପଭାଇ ନିଇତି ଆସନ୍ତି । ଆମର ଅଭାବ ଅଭିଯୋଗ ସବୁ ସେ ବୁଝନ୍ତି । ଆପଣାର ଲୋକ ଏମିତି କରିବ ନାହିଁ । ମନ କୁହେ, ସେ ପର ନୁହନ୍ତି—ଆପଣାର ।

ଆଠମାସ ପରେ । ହଠାତ୍ ମୋ ଜୀବନ ଆକାଶରେ ସେ ଦିନ ସନ୍ଧିଲି ଅମଙ୍ଗଳ ଧୂମକେତୁ ଦେଖାଗଲା । ପ୍ରାଣ ଶୀତଳକାରୀ କଳା-ବଉଦ ପରିବର୍ତ୍ତିରେ ଆସିଲା ନିଦାଘର ପ୍ରାଣ ଅଥୟକାରୀ ପ୍ରବଳ ଝଞ୍ଜା । ଶ୍ରାବଣ ଅମାବାସ୍ୟାର ଅନ୍ଧକାର ଘେନି ଘୋଟି ଆସିଲା ଅଜଣା ଭୟ । ଯେଉଁଥିପାଇଁ ମନ ଛୁଇଁ ଥିଲା ପାପ—ସେଇ ଭାବନା କଳ୍ପନାରୁ ବାସ୍ତବରେ ରୂପାନ୍ତରିତ ହେଲା । ମୁଁ ଅନ୍ତଃସତ୍ତ୍ୱା—ଗର୍ଭବତୀ ।

ଗାଁରେ ଗୁରୁଆଡ଼େ ଢ଼ଣ୍ଢେର ନାଗରା ବାଡେଇଲା । ଖବର ମାଇପି ମହଲରୁ ପୁରୁଷ ମହଲକୁ କ୍ଷଣିକରେ ବ୍ୟାପିଗଲା । କଥା ଅଛପା ରହିଲା ନାହିଁ । ଗୋପଭାଇ ଜଣା ପଡ଼ିଲେ । ବୁଡ଼ି ବୁଡ଼ି ସବୁଦିନେ ପାଣିପିଇ ହୁଏନା—ଏକଥା ସତ ।

ପୋଖରୀ ତୁଠରେ, ଢେଙ୍କିଶାଳରେ, ସପ୍ତାଘରେ, ଆଖଡ଼ା ଘରେ, ଗୁରୁଆଡ଼େ ଏଇ ଗପ । ଏଇ ଟୁପୁର ଟାପର କିଏ କେତେ ମୋତେ ଦେଖେଇ ଦେଖେଇ କହୁଥିଲେ—କାହାର ମୁହଁରେ ବାଙ୍କ କଥା ଦେଇ ହେବେନି କି କାହାରିକୁ ଭରସି ପଦେ କହି ପାରିଲି ନାହିଁ । ଗାଁରେ ସୃଷ୍ଟି ହେଲା ପେଟରେ ମୋର ପାପଗର୍ଭ—ମୁଁ ଅସତୀ—କୁଳଟା ।

ବୋଉ ଲାଜରେ ଦାଣ୍ଡଘାଟରେ ଗୁଲି ପାରୁନି । ଅସହ୍ୟ ହୋଇ ମୋତେ କହିଲା—ପୁଣି ତୋ ମନରେ ଏଇଆ ଥିଲା—ମୋତେ ଦାଣ୍ଡଘାଟରେ ମୁହଁ ଦେଖେଇ ଦେଲୁନି । ବୋଉର ଏଇକଥା ପଦକ ମୋତେ ଭାରି ବାଧିଲା । ମୁଁ କାନ୍ଦି କାନ୍ଦି ହୋଇ କାନ୍ଦି ଉଠିଲି । ବୋଉ ମନ କ୍ଷଣିକରେ ତରଳିଗଲା—ହେଉ ତ ହେଲେ ମାଆ—ଅନ୍ତପାଡ଼ ଜନ୍ମ ଦେଇଛି—ଝିଅର ଦୁଃଖ ସେ ବୁଝିବ ନାହିଁ ତ ବୁଝିବ କିଏ ? ମୋତେ କୋଳକୁ ଟାଣି ମୋ ଆଖିରୁ ଲୁହ ପୋଛି ପ୍ରବୋଧ ଦେଲା । ବୋଉ କୋଳରେ ମୁହଁ ଲୁଚେଇ କହିଲି, ବୋଉ ଗୋପଭାଇଙ୍କି ତୁ ଏତେ ପ୍ରଶ୍ରୟ ଦେଇଚୁ—ଘରେ ତୋର ବଢ଼ିଲା ଝିଅ—ଅମଣର ସହିତ ତାଙ୍କର ମିଳା ମିଶା ଅବାଧ ଗତି—ତାଙ୍କୁ କେଉଁ ଦିନ ତ ବାଧା ଦେଇ ନାହୁଁ । ବୋଉ ଆଖିରୁ ଲହଡ଼ିର ଧାରୁ ଧାରୁ କହିଲା, ପୁଣି, ଗୋପ କଣ ଏଡ଼େ ତୋର ସର୍ବନାଶ କରିବ ବୋଲି ଜାଣିଥିଲି ।

ଖଣ୍ଡୀ ମୋତେ ଦେଖେଇ ଦେଖେଇ ଦାଦାଙ୍କୁ କହୁଥାଏ ଶୁଣିଲଣି ଅନୁରାଧା ଆଜିକାଲି ତାଙ୍କ ଅଭିସାରୀ ହେଲୁ ଘରେ କରିଲେଣି । କମଳାକାନ୍ତ, ସୁନୀଲେଇ ଖଣ୍ଡୀ ସମସ୍ତେ ଗାରି କୋଟେ ମୋତେ ଦେଖି ଝାନ୍ଦୁଠାଣିଗ କଣ କହୁଥାନ୍ତି । ଦେହରେ ଜୁଇ ଜଳିଯାଏ—କିନ୍ତୁ କିଛି କହି ହୁଏ ନା । ଜାଣେ ବେଳ ଏଡ଼ିଗ । ସେ କହିବେ—ଆମେ ସହୁବା ପଥର ପରି, ମାଣିକ ପୁଣି ଦିନେ କହିଲ, ତୋଙ୍କ କେଉଁ ଘାଟରେ ବୁଡ଼ ପାଣି ପିଉଥିଲ, ଜାଣି ? ମାଣିକ—ଜୀବନର ଅତି ଅପଣାର ସାଥୀ ଏଇ ମାଣିକ—ଅତି ନିକଟ ଜଳିଲ ହୃଦୟରେ ସେ କି ଚୋଟେ ମାରିଦେଲ । ଆଉ ପର ଯେ—ସାତପରରେ ପର—ସେମାନେ ବା ନ କହିବେ କାହିଁକି ?

ଧୀରେ ଧୀରେ ଏକଥା ଗୋପଭାଇ, ତାଙ୍କ ବାପା, ବୋଉ କାନକୁ ଗଲା । କିନ୍ତୁ ଗୋପଭାଇ ଖାନଦାନ ବୁନିଆଦି ଘରର ପୁଅ । ଯାର ଗୁଣ ଶୁଣିଲେ ଲୋକେ ଦଣ୍ଡହାତ ବୁକକୁ ଘୁଞ୍ଚିଯାନ୍ତି—ତାଙ୍କର ବଂଶର ପ୍ରଦୀପ ଗୋପଭାଇଙ୍କି ଗାଁରେ କେଉଁ ଲୋକେ କେହି କିଛି କହିଲେ ନାହିଁ । ଆମରି ଉପରେ ସବୁର ରାଗ ସାରିଲେ । ଦୁର୍ବଳ, ହତଭାଗ୍ୟ ଗରିବ ଆମେ । ଆମେ ଅଶିକ୍ଷିତ ସବୁର ଅତ୍ୟାଚାର ସହିବୁ ନାହିଁ ତ ଆଉ କିଏ ମଖମଲ ଗଦିର ସ୍ୱପ୍ନବିଳାସୀ ଧନୀ ବଡ଼ଲୋକ ସହିବେ ।

ଦିନ ଗଡ଼ି ଚାଲିଲା । ଗୋପଭାଇ ଆଉ ଆମଘର ଆଡ଼େ ଆସନ୍ତି ନାହିଁ । ମୁଁ ମଧ୍ୟ ଦାଣ୍ଡ ଆଡ଼େ ବେଶି ଯାଏ ନାହିଁ । ଏଣୁତେଣୁ ଗାଁ ମାଇପିଙ୍କ ଦେହଜଳା କଥା ଭିତରେ ପୋଖରୀକି ବି ଦିନେ [illegible] ଗାଧୋଇ ଯାଏ ନାଁ । ଜୀବଭାଇ ଆମକୁ ବାସନ୍ଦ କରିଦେଲେ [illegible] ଚୁପ୍‌ଚାପ୍ ଆଲୋଚନା କରୁଥିଲେ । କିନ୍ତୁ [illegible]

ଭରି ପାରିଲେ ନାହିଁ । ମାଣିକ ଆଉ ଆମ ଘରକୁ ଆସେ ନାଁ—ସେ ଭ
ମୋତେ ଭୁଲ ବୁଝି କରିଛନ୍ତି ଦେଇଛ ।

ଦିନେ ସଞ୍ଜ ହୋଇ ନାହିଁ । ମାଞ୍ଜ ଅନ୍ଧାର ଲାଗି ଆସୁଛି । ବୋଉ ଘରେ ନାହିଁ—କାହାର ଧାନକୁଟି ଯାଇଥାଏ ଯେ, ଏ ଯାଏ ଫେରି ନ ଥାଏ । ବାଡ଼ପଟ କବାଟ କିଏ ଖଡ଼ ଖଡ଼ କଲା । ଜାଣି ପାରିଲି—ଧୀର ଗଳାରେ କିଏ ଡାକୁଛି ପୁନି ପୁନି । ଗଳା ବାରିଲି, ଗୋପଭାଇଙ୍କ ସ୍ୱର । କବାଟ ଖୋଲିଲି—ସେ ଘର ଭିତରକୁ ପଶି ଆସିଲେ ।

ଶୁଖିଲା ମୁହଁଟା ତାଙ୍କର ମାଞ୍ଜ ଅନ୍ଧାରରେ ବେଶ୍ ଜଣା ପଡୁଥିଲା । ସେ ଦେଖା ଯାଉଥିଲେ ଅପରାଧୀ ପରି । ଡରି ଡରି ପଚାରିଲେ, ବୋଉ ଅଛି । ମନା କଲି; ଜୀବନ ପଶିଲା ତାଙ୍କ ସ୍ୱରରେ । ମୋ ହାତକୁ ଗୋଟାଏ କାଗଜ ପୁଡ଼ିଆଟି ଦେଇ କହିଲେ, ପୁନି ଏ'କୁ ଖୋଲି ଖାଇଦେବୁ । କେହି ଜାଣିବେ ନାହିଁ । ବୁଝି ପାରିଲି, ଗୋପଭାଇଙ୍କର ଆସିବାର ଉଦ୍ଦେଶ୍ୟ । ନିଜର ସନ୍ତାନକୁ ସେ ଆଜି ଔଷଧ ଦ୍ୱାରା ମାରିବାକୁ ଆସିଛନ୍ତି । ମନ କହିଲା, ଏଇ ସେଇ ଗୋପଭାଇ—ଯିଏ ମୋତେ ଦିନେ ଚୁପିଚୁପି କହୁଥିଲେ, ପୁନି ମୁଁ ତୋତେ ଜୀବନ ଭରି ଭଲପାଏ—ଦୁହେଁ ଚାଲିଯିବା ଏଇ ଦୁନିଆଁଠୁ ବହୁ ଦୂରକୁ । ସେଠି ନଥିବ ସମାଜର ଏଇ ଲୋକ ଦେଖାଣିଆ ବାଧା ବନ୍ଧନ । ଦୁହେଁ ଜୀବନକୁ ଆହୁରି ସୁନ୍ଦର କରି ଗଢିବା ।

ଏଇ ସେଇ ଗୋପଭାଇ ନାଁ ତା'ର ପ୍ରେତାତ୍ମା । ମୋର ସାରା ଶରୀର ରାଗରେ ଜଳି ଉଠିଲା । ପୁଡ଼ିଆଟିକୁ ତାଙ୍କ ଉପରକୁ ଫୋପାଡ଼ି ଦେଇ କହିଲି, ଗୋପଭାଇ ଲାଜ ମାଡୁ ନାହିଁ—ହୃଦୟ ଭିତରେ ଥରି ଉଠୁନାହିଁ—ନିଜର ସନ୍ତାନକୁ ଆଜି ମାରିବାକୁ ପାଉଛ

ଘରୁ ଏଇ ଅନ୍ଧାରରେ ଗୋବରପର ଲଚ ଲଚ ଛୁଟି ଆସୁଚ । ଏଇ ଜଣ ମୋର ଭଲ ପାଇବାର ପ୍ରତିଦାନ । ଯାଅ—ଏଇଲଗେ ମୋ ସମ୍ମୁଖରୁ ଚାଲିଯାଅ ଗୋପଭାଇ । ମୋ ଜୀବନକୁ ନେଇ ତମେ ଯେମିତି ଖେଳ ଖେଳିଚ—ଶେଷରେ ବିଶ୍ୱାସରେ ବିଷ ଦେଇ ଜାଳି ପୋଡ଼ି ମାରିଚ—ସିମିତି ତମକୁ ମୁଁ ଆଜି ଅଭିଶାପ ଦେବା ପୂର୍ବରୁ ତମେ ଦୂରେଇ ଯାଅ । ଗୋପଭାଇ ଭୟରେ ପଳାଇଗଲେ । ମୁଣ୍ଡଟା ମୋର ବୁଲାଇ ଦେଲା । ତଳେ ବସି ପଡ଼ିଲି—ଚାରିଆଡ଼ ଅନ୍ଧାର ଦିଶିଲା ।

## * ସାତ *

ଆଷାଢ଼ ଆସିଲା ତା'ର ସେଇ ମୁରୁଜ୍ଜି ପଥରକଳା ମେଘ ନେଇ । ପ୍ରାଣ୍ଡି ଡାଳି ନଈ, ନାଳ ପୋଖରୀ ଭରି ଦେଇଗଲା । ନଈ ଆର ପାଖ ଧାନ କିଆରିରୁ ଶୁଭିଲା ଚଇତାର ବେଉଷଣ ଗୀତ ।

ଦିନେ ଝଞ୍ଜ ବରଷା ରାତିଅଧ ବେଳକୁ ମୁଁ ଅଚେତ ହୋଇ ପଡ଼ିଲି । ଘଡ଼ିକ ପରେ ଚେତା ଫେରି ଆସିଲା ବେଳକୁ ଦେଖେ ମୋର ପୁଅଟିଏ ହୋଇଛି । ଆମଗାଁ ଧାଈ ଜହ୍ନମା ଓ ବୋଉ ମୋ ସେବାରେ ଲାଗିଚନ୍ତି । କୁଆଁ କୁଆଁ ହୋଇ ପୁଅଟି କାନ୍ଦୁଛି ।

ତା ପରଦିନକୁ ଦୁନିଆସାରା ଏ ଖବର ଘଣ୍ଟାକରେ ବ୍ୟାପିଗଲା । ସମସ୍ତେ ଖୋସି ହେଲେ ଗୋପର ପୁଅ ହୋଇଛି । ଗୋପଭାଇ ଲାଜରେ ଦି'ଦିନ ଆଗରୁ କୁଆଡ଼େ ଗାଁ ଛାଡ଼ି ଚାଲିଯାଇଥାନ୍ତି । ପୁଅଟି ଖୁବ୍ ସୁନ୍ଦର ହୋଇଥାଏ—ଆକାଶର ଜୁଳୁଜୁଳୁ ଟିକି ଜହ୍ନଟି ପରି ।

ସନ୍ତେ ପୁଅଟିଏ, ତେବେ ଗୋପଭାଇ ଏହାକୁ ମାରି ଦେବାକୁ ବସିଥିଲେ। ସେଦିନ ତାଙ୍କର ଇଚ୍ଛାନୁସାରେ କାମ କରିଥିଲେ ଆଜି ମୁଁ ଏଇ ଅମୂଲ୍ୟ ନିଧିଟିକୁ ପାଇ ପାରି ନ ଥାନ୍ତି। ଅତି ଆଦରରେ ପୁଅର ନାମ ରଖିଲି ଅମର।

ଦିନ ପରେ ଦିନ ଗଡ଼ି ଚାଲିଲା। ଅମର ଜନ୍ମ ହେବା, ଅଠେର ମାସ ହୋଇଗଲାଣି। ଲୋକଙ୍କ ମୁହଁରେ ଦେଖେଇ ହେଉଥିବା ହାଉଜାଲା କଥା ତଥାପି ବି ଛାଡ଼ି ଯାଇ ନ ଥାଏ। ଗୋପଭାଇ ସେଇଦିନୁ ଗାଁକୁ ଫେରି ନଥାନ୍ତି। ଅମର ହେବା ଦିନଠୁ ବୋଉର ମୋ ପ୍ରତି ତାଙ୍କ ଆଗ ପରି ଆଦର ସୋହାଗ ନଥାଏ। ଦିନୁ ଦିନୁ ବୋଉର ମୋ ପ୍ରତି ବିରକ୍ତି ବଢ଼ି ଚାଲିଲା। ସବୁବେଳେ କଟ କଟ ହେଲା। ଖାଇବା ପିଇବାଠାରୁ ଆରମ୍ଭ କରି ସବୁ ଖବର ଭଲକରି ବୁଝିଲା ନାହିଁ। ଆଡ଼େଇ ଆଡେଇ ଚାଲିଲା। ଏମିତିକି ବୋଉ ଆଖିରେ ମୁଁ ହେଉଛି ଗୋଟାଏ କଳଙ୍କ ପରି ଦେଖାଗଲି।

ଏବେ କୁଆଡର ଭାବନା ପଶିଲା ମନରେ। ଭାବିଲି, ଆଉ କାହିଁକି ଏ ଘର ଦୁଆର ପ୍ରତି ମୋର ମମତା। ଯା ପାଇଁ ଦୁନିଆର ସବୁ ଅପବାଦ ନିନ୍ଦା ସହି ପଡ଼ି ରହିଥିଲି ସେହି କଳଙ୍କିନୀ ବୋଉତ ଆଜି ମୋର ହେଉ ନାହିଁ। ଦୂରକୁ ଆଡ଼େଇ ଦେଉଛି। ଆଉ କାହିଁକି ବୃଥା ସ୍ନେହ, ମମତା। ଯୁଆଡେ ଇଚ୍ଛା ସେ ଆଡ଼େ ଚାଲିଯିବି। ଭିକମାଗି ଅମରକୁ ପୋଷିବି। ମରିବି ପଛେ ଏ ଘରେ ଆଉ ତିଳେ ରହିବି ନାହିଁ।

ମନକଥା ମନରେ ଅଣ୍ଟି ସଞ୍ଚି ବୁଡ଼ାଇଲି। ଚୋପେଇ କରି ବୋଉକୁ, ଟୁନକୁ ଖାଇବାକୁ ଦେଲି। ବୋଉ ଖାଇସାରି ଟୁନକୁ ନେଇ ଶୋଇବାକୁ ଗଲା। ମୋ ଖାଇବା ନ ଖାଇବା କିଏ

ବୁଝିଲା ନାହିଁ କି ସେବେ ଆଉ ସାଙ୍ଗ ପଚାରିଲା ନାହିଁ । ଏଣିକି ପ୍ରାୟ ସେ ପଚାରେ ନାହିଁ । ମନ ଦୁଃଖରେ କିଛି ଖାଇଲା ନାହିଁ । ଅମର ଶୋଇ ପଡ଼ିଥାଏ । ତାରି ପାଖରେ ଯାଇ ଶୋଇ ପଡ଼ିଲି ।

ନିଦ ହେଉନଥାଏ । ସ୍ତ୍ରୀଲୋକଙ୍କ ପହର ଗଡ଼ିଗଲା । କିଏ କୁଆଡ଼େ ଶୋଇ ପଡ଼ିଲେ । କାନ ପାରିଲି ବୋଉ, ଝିଅ ନିଘୋଡ଼ ନିଦରେ ଶୋଇ ପଡ଼ିଲେଣି । ଅମରକୁ ଉଠାଇ କୋଳରେ ଧରିଲି । କାଳେ ଯଦି ସେ କାନ୍ଦେ—ଏହି ଭୟ ଆଗରୁ ଥାଏ । କିନ୍ତୁ ସେ କାନ୍ଦିଲା ନାହିଁ । ମୋ କୋଳକୁ ଆଉଜି ଶୋଇ ପଡ଼ିଲା ।

ବାଡ଼ି କବାଟ ଧୀରେ ଖୋଲି ପଦାକୁ ଆସିଲି । ମଇଲା ଜହ୍ନ ଆଲୁଅ ଗୁରିଆଡ଼େ ବିଛୁଡ଼ି ହୋଇ ପଡ଼ିଥାଏ । ତଗରି ଫୁଲ ପରି ଆକାଶରେ ତାରା ଗୁଡ଼ା ଫୁଟି ଉଠିଥାନ୍ତି ଅସୁମାରି ।

ଆଗକୁ ପାଦ ବଢ଼ାଉଚି—ସେ ପାଖ ସାଇରୁ ଶଙ୍ଖ ହୁଳହୁଳି ଶୁଭିଲା । ମନେ ପଡ଼ିଲା ମାଣିକର ଆଜି ମଙ୍ଗଳ । ମାଣିକ—ଅତି ଆପଣାର ସାଙ୍ଗ ଏଇ ମାଣିକ—ରାତି ପାହିଲେ ତା'ର ବାହାଘର । ମନ କହିଲା, କାହିଁ ଆଜି ମାଣିକତ ଟିକେ ପଚାରିଲା ନାହିଁ । କିଏ କାହାର, ରାତି ପାହିଲେ ମାଣିକ ବାହା ହୋଇ ପର ଘରକୁ ଗୁଲି-ଯିବ—ସ୍ୱାମୀ ସୁଖରେ କାଳ କାଟିବ । କିନ୍ତୁ ମୁଁ ········

ମୋର ଜୀବନଟା ଠିକ ତାର ଓଲଟା ଦିଗରେ ଗତି କରିବ । ରାତି ପାହିଲେ ମୁଁ ହେବି ବାର ଦୁଆର ଭିକାରୁଣୀ । ସେ ହେବ ରାଜରାଣୀ—ଧରୁ ଭାଗ୍ୟ !

ମାଣିକ ବାହାଘରକୁ ମଧୁଭାଇ ଗାଁକୁ ଆସିଥାନ୍ତି । ଭାବନା ହେଉଥିଲା ଅତୀତକୁ । ଏଇ ମଧୁଭାଇ କେତେ ଭଲ ପାଉଥିଲେ—

କାହିଁ ଆଜତ ଥିଲେ ପଗ୍ଭରିଲେ ନାହିଁ । କାହିଁକି ପଗ୍ଭରିବେ । ଭୋଉ ଅଧିକାର ଅଛି ବା ତାଙ୍କର । ସବୁ ସୁଖ ଶରଧା ତ ମୁଁ ଜାଳି ପାଉଁଶ କରି ଦେଇଛି । ଗୋପଭାଇ ପଛରେ ନ ଦଉଡ଼ି ଥିଲେ ଏଇ ମଧୁଭାଇର ମୁଁ ହୋଇଥାନ୍ତି ସ୍ତ୍ରୀ—ମାଣିଙ୍କର ନୂଆବୋଉ । ମାଣିଙ୍କ ହସି ହସି କେତେ ଅଝଟ କରୁଥାନ୍ତା—ବୋଉ ମୋର ପ୍ରାଣଭରି ଶାନ୍ତି ପାଇଥାନ୍ତା—ଆଉ ମଧୁଭାଇ........

ଛାଡ଼—ସେ ସବୁ ଯାଇଚି । ପୋଡ଼ିଗଲା ତଅଣରେ ସୁଆଦ ନଥିଲା ପରି ସେ କଥାରେ ବି ସୁଆଦ ନାହିଁ । ଘର ଦୁଆରକୁ ଥରେ ଫେରି ପଛ ଅନାଇଲି । ଆଖିରୁ ମୋର ଲୁହ ଧାର ଧାର ହୋଇ ଗଡ଼ି ପଡ଼ିଲା । ଆହା, ଦୁଃଖ ପାଇଲେ ଅତ ଆପଣାର ଭାଇ ଝିନୁକୁ ଆଉ ଦେଖିବ ନାହିଁ । ନାନୀ, ନାନୀ ବୋଲି କେତେ ସେ ଖୋଜିବ । କାହାକୁ କହିବ ନାନୀ, ମୋତେ ଭୋକ କଲାଣି— ନାନୀ ମତେ ମିଠେଇ ଆଣିଦେ । ସବୁ ଅଳି ତାର ଆଜି ସରିଲା । ମନେ ମନେ କହିଲି, ଝିନୁ ଯାଉଚି—ପୁଣି ନାନୀକୁ ଆଉ ଖୋଜିଲେ ପାଇବୁ ନାହିଁ—ସେ କାଲିଠୁ ମରି ଯାଇଥିବ । ବୋଉକୁ ଅଜଣା ଦଣ୍ଡବତ ହୋଇ କହିଲି, ବୋଉ ସବୁ ଦିନ ପାଇଁ ଯାଉଚି— ଏଣିକି ସୁଖରେ ରହ । ଯେତେ ଦୋଷ କରିଚି—ସେ ସବୁ ତୁ କ୍ଷମା ଦେବୁ—ଆଉ ଆଶୀର୍ବାଦ କରିବୁ ନାତ ତୋର ଦୁନିଆରେ ବଞ୍ଚି ରହୁ ।

ମନେ ମନେ ଏତକି କହି ଅଜଣା ଦେବତା ଉଦ୍ଦେଶ୍ୟରେ ଅନ୍ତରର ଅବ୍ୟକ୍ତ ନିବେଦନ ଜଣାଇ ଆଗକୁ ପାଦ କାଢ଼ିଲି । ଘର-ବାଡ଼ି, ମାଆ, ଭାଇ, ସ୍ନେହ, ମମତା ସବୁ ପଡ଼ି ରହିଲା ପଛରେ ।

ମୁଁ ଗ୍ଭଲିଲି । ଛପି ଛପିକା ଗଛ ଛାଇ, ଆଲୁଅ ଅନ୍ଧାର ପାରି ହୋଇ ଅରମା ଅବାଟରେ—ଗାଲି, ଢିପ ନ ମାନି ଗ୍ଭଲିଲି । କେତେ

ନାହିଁ, ଲୋକେତ ଗାଁ ପାର ହୋଇ ଆସିଲା ଜାଣେ ନାହିଁ । ତହିଁରେ ତହିଁରେ ବିଲୁଆ, କୁକୁର ଗୁଡ଼ାକ ପାଟି ଶୁଣି ମୁଁ ଚମକି ପଡ଼େ—ଛୁଟି ଚାଲେ । ଏଡ଼ୁଟିଏ ହେଲିଣି—ଭୂତକୁ ଡ଼ର ଦିନ କି ରାତିରେ ପଦାକୁ ଏକଲା ଉଠେ ନାହିଁ; କିନ୍ତୁ ଆଜ ମୋତେ ଭୂତ ଡ଼ର ନ ଥିଲା—ମୁଁ ପାଗଳୀ ପରି ଚାଲିଥିଲି ।

ରାତି ପାହାନ୍ତା ହେଲା । ପୂରୁବ ଆକାଶରେ ସିନ୍ଦୁର ଫାଟିଲା ବେଳକୁ ମୁଁ ଦେଖେ ଗୋଟାଏ ରେଲ ଷ୍ଟେସନରେ ଆସି ପହଞ୍ଚିଲିଣି ପଚାରି ବୁଝିଲି—ଜଗତପୁର ଷ୍ଟେସନ । ଗୋଡ଼ ମୋର ଥକି ଯାଇ-ଥାଏ—ଅବଶ ଲାଗିଲା । ଷ୍ଟେସନ ଭିତରେ ସ୍ତ୍ରୀ ଲୋକଙ୍କ ବିଶ୍ରାମ ଘରେ ମୁଁ ଯାଇ ବସି ପଡ଼ିଲି । ଆଉ ସେ ଘରେ କେହି ନଥାନ୍ତି—ଅମର ଘଣ୍ଟାକ ଆଗରୁ ନିଦରୁ ଉଠି ଯାଇଥିଲା, ତାକୁ କୋଳରେ ପୂରେଇ ଦୁଧ ଦେଲି ।

ଦି'ଘଣ୍ଟା ପରେ ଜଣେ ବାବୁ ଓ ଗୋଟିଏ ସ୍ତ୍ରୀ ଲୋକ ସେଇ-କୁ ଆସିଲେ । କୁଲି ଟି ଆସି ତାଙ୍କର ବିଛଣା ଓ ଟ୍ରଙ୍କଟି ରଖିଦେଇ ବାବୁଟିଠାରୁ ପଇସା ମାଗି ନେଇ ଚାଲିଗଲା । ସେମାନେ ମୋ ପାଖରେ ପଡ଼ିଥିବା ବେଞ୍ଚ ଉପରେ ବସିଲେ । ତାଙ୍କର ଚେହେରା ଓ ବେଶଭୂଷାରୁ ମନେ ହେଉଥିଲା ନିଶ୍ଚୟ କୌଣସି ବଡ଼ଘରର ଲୋକ । ବାବୁଟି ବାରମ୍ବାର ମୋତେ ଅନାଉଥାନ୍ତି ।

ପ୍ଲାଟଫର୍ମ ଉପରେ ସେତିକିବେଳେ ଗୋଟିଏ ଟୋକା ପାନ-ବିଡ଼ି-ସିଗାରେଟ, ପାନବିଡ଼ି ସିଗାରେଟ ବୋଲି ଡ଼ାକି ଡ଼ାକି ଗଲା । ବାବୁଟି ସେହି ଟୋକାକୁ ଡାକି ସିଗାରେଟ କିଣିନେଇ ଧରିଲେ । ଟୋକାଟି ପଇସା ନେଇ ଚାଲିଗଲା । ସିଗାରେଟ ଟାଣୁ ଟାଣୁ ବାବୁଟି

ପଚାରୁଥିଲେ, ମାଆ ତମେ କୁଆଡେ ଯିବ ? ସତେ ମୁଁ କୁଆଡେ ଯିବି
ନାଁରେ ଏଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ ଭାରି ଅଡୁଆରେ ପଡିଲି । କିନ୍ତୁ ଠିକ୍ ନ କରି ପାରି କହିଲି, କୁଆଡେ ଯିବି ଜାଣେନା । ମୋ ଉତ୍ତରରେ ଆଶ୍ଚର୍ଯ୍ୟ ହୋଇ ସେ କହିଲେ, କୁଆଡେ ଯିବ, ଅଥଚ ନିଜେ ଜାଣନା । ସ୍ତ୍ରୀ ଲୋକଟି ମୋ ଆଡକୁ ସନ୍ଦେହ ଦୃଷ୍ଟିରେ ଅନାଇଲେ । ବାବୁଟି ପୁଣି ପ୍ରଶ୍ନଭରା ଗଳାରେ କହିଲେ, କୁଆଡେ ଯିବ ମା ସତ କୁହ । ତମକୁ ଦେଖିଲେ ମନେ ହେଉଛି ବୁନିଆଦୀ ଘରର ଝିଅ ପରି । ଅଥଚ ଏକୁଟିଆ ଭ୍ରମଣ—ସାଥିରେ କେହି ନାହିଁ । କୋଳରେ ଛୋଟ ପିଲାଟି, ରାଗରୁସା ହୋଇ ଘରୁ ବାହାରି ଆସି ନାହଁ ତ ? ବାବୁଙ୍କ ଅନୁମାନ ଭରା ପ୍ରଶ୍ନଟି ମୋତେ ବିଚଳିତ କରି ପକାଇଲା, ମିଛରେ କହିଲି, ସ୍ୱାମୀ ମୋତେ ଘରୁ ବାହାର କରି ଦେଇଛନ୍ତି—ଘରୁ ଆସିଲିଣି ଆଠ ଦିନ ହେବ । କୁଆଡେ ଯିବି କିଛି ସ୍ଥିର କରିନି । ଦେଖିବି କେଉଁଠି ଚାକରାଣୀ ରହି ଏଇ ପୁଅଟିକୁ ପୋଷିବି । ସ୍ତ୍ରୀ ଲୋକଟି ପଚାରିଲେ, କାହିଁକି ଝିଅ ଘରୁ ବାହାର କରିଦେଲେ—ସ୍ୱାମୀ କଣ ତୁମକୁ ଭଲ ପାଆନ୍ତି ନାହିଁ । କି ସୁନ୍ଦର ଚେହେରା—ରାଜା ଝିଅ ପରି । କେଉଁ ଦୋଷ ଦେଖି ସ୍ୱାମୀ ତୁମର ରୋଷ ହେଲେ ।

କଣ କରିବି—କି ଉତ୍ତର ଦେବି ବଡ ଅଡୁଆ ପ୍ରଶ୍ନ ପଚାରିଲେ, ଟିକିଏ ଭାବି ଚିନ୍ତି କହିଲି ସ୍ୱାମୀ ମୋର ଭାରି ଗଞ୍ଜେଇ—ଯାହା ରୋଜଗାର କରନ୍ତି ସବୁ ଗଞ୍ଜେଇରେ ଦିଅନ୍ତି । ଏଣେ ଘର ଚଳିବ କିପରି ? ଏଇ କଥା କହିଲେ ସେ ମୋ ଉପରେ ଭାରି ଗୋସା ହୁଅନ୍ତି, କେତେବେଳେ ଭଲ କଥାକୁ ଖରାପ ବୁଝି ମାରନ୍ତି, ବାର ଲୋକଙ୍କ ବାର ଦେଣା—ଖଜଣା ବାକି ଗୁଡିଏ ବରଷ ହେଲାଣି । ସେଦିନ ଜମିଦାର ଆସି କହିଲେ ଖଜଣା ଦେବତ ଦିଅ ନଚେତ ନାଲିସ

କରି ଉଡ଼ୁ ବାରି କୋରକ କରି ନେଉ । ସେ ଦିନ ମୁଁ ଏଇ କଥା ତାଙ୍କୁ କହୁଲି, ଏ ସବୁ ଖବର ବୁଝିବାଠ ବୁଝି ନଇଲେ ମୁଁ ଘରେ ଛଟଲି ରହିବ ନାହିଁ । ସେ କଣ ବୁଝିଲେ, ଗୋଟାଏ ମସ୍ତ ବାଡ଼ି ଆଣି ମୋତେ ବାଡ଼େଇ ବାଡେଇ କହିଲେ, ଏଇ ଲଟେଗ ମୋ ଘରୁ ବାହାରଯା—ମୋର ତୋ ପରି ମାଇକିନା ଦରକାର ନାହିଁ । ମୁଁ ଆଉ ଗୋଟାଏ ବାହା ହେବ । ଭାରି ରାଗ ହେଲା ମୋର—କେତେ ସହିବ—ପୁଅକୁ କୋଳରେ ନେଇ ଘର ଛାଡ଼ିଲି । ଭାବିଲି, ଯିବି କୁଆଡେ, ବାପ ଘରେ ତ କେହି ନାହାନ୍ତି । ସମସ୍ତେ ଆରବରପ ହଇଜାରେ ଆଖି ବୁଜିଚନ୍ତି । ମନେ ମନେ ସ୍ଥିର କରିଚି, କେଉଁଠି ମୂଲ ଲାଗି ପେଟ ପୋଷି ଏ ପିଲାଟିକୁ ମଣିଷ କରିବି । ଏହାର ପ୍ରାଣ ଖାଲି ବଞ୍ଚି ରହିବା କଥା । ପିଲାଟିକୁ ନେଇ ଏଆଡ଼େ ମରିଯିବି ପଛେ ଘରକୁ ଆଉ ଲେଉଟିବି ନାହିଁ । କହୁ କହୁ ଆଖିରେ ମୋର ଲୁହ ଜମି ଆସିଲା ।

ଏତିକିବେଳେ କୁଆଡେ ଥିଲା ଗୋଟାଏ ମାଲ ଗାଡ଼ି ଦୁମ୍ ଦୁମ୍ ହୋଇ ଷ୍ଟେସନ କମ୍ପାଇ ଚାଲିଗଲା । ସ୍ତ୍ରୀ ଲୋକଟି କଣ ଭାବି କହିଲେ, କଟକ ଯିବ—ଆମ ଘରେ ରହିବ । ମୁଁ ତାଙ୍କ କଥାର ଉତ୍ତର ନ ଦେଇ ବାବୁଙ୍କ ଆଡ଼କୁ ଅନାଇଲି । ବାବୁଟି ହସି ହସି ମୋ ମନ କଥା ଜାଣିଲା ପରି କହିଲେ, ମୋ ମତ ଲୋଡୁଚ ବୋଧ-ହୁଏ—ମୋର କିଛି ଆପତ୍ତି ନାହିଁ । ଯିବ ଆମ ଘରକୁ ? ଝିଅ ପରି ରହିବ—କିଛି ଅସୁବିଧା ହେବନି । ବାବୁଙ୍କର ସ୍ନେହଭରା କଥା ଶୁଣି କୃତଜ୍ଞତାରେ ହୃଦୟ ପୂରିଗଲା । ତଳକୁ ମୁହଁ ପୋତି ସମ୍ମତି ଜଣାଇ କହିଲି, ଯିବି । ବାବୁଆଣୀଟି ହସି ହସି ମୋ କୋଳରୁ ପୁଅଟିକୁ ନେଇ ଗେଲ କରିବାକୁ ଲାଗିଲେ । କଟକ ଗାଡ଼ି ଆସିବାକୁ ସେତେବେଳକୁ ଅନେକ ଡେରିଥାଏ ।

## * ୩୦ *

ସେଦିନ ବାରଟା ଗାଡ଼ିରେ କଟକ ଆସିଲି । ବାବୁଙ୍କର ନାମ ପ୍ରତାପ ଚୌଧୁରୀ । କଟକର ସ୍ୱନାମଧନ୍ୟ ଓକିଲ । ତେଲେଙ୍ଗା ବଜାରରେ ନିଜର ଦୋମହଲା କୋଠା । ନିଜର ଏକମାତ୍ର ପୁତ୍ର ବିକାଶ ବି : ଏ : ପାଶ୍ କରି 'ଲ' ପଢ଼ୁଛି । ବିକାଶ ଆଗରୁ ମୋ ପରି ତାଙ୍କର ଗୋଟିଏ ଝିଅ ମରି ଯାଇଛି । ଝିଅଟିକୁ ପ୍ରତାପ ବାବୁ ଭାରି ଭଲ ପାଉଥିଲେ । ଅତି ଆଦରରେ ତା'ର ନାଁ ଦେଇଥିଲେ "କଳ୍ପନା" । ଝିଅ ମରିବା ଦୁଃଖ ପ୍ରତାପ ବାବୁ ଏ ଯାଏ ଭୁଲି ପାରି ନାହାନ୍ତି । ମୋତେ ପାଇଲା ଦିନୁ ବେଳେ ବେଳେ କଳ୍ପନା କଳ୍ପନା ବୋଲି ଡାକନ୍ତି । ଆଉ ତାଙ୍କ ସ୍ତ୍ରୀକୁ କହନ୍ତି, ଜାଣିଲ, ପ୍ରଭା କଳ୍ପନା ମାଆକୁ ମୋର ଏତେ ଦିନେ ଫେରି ପାଇଛି । ପ୍ରଭାଦେବୀ ହସନ୍ତି—ପରିତୃପ୍ତିର ହସ ।

ଆସିଲା ଦିନ ପ୍ରତାପବାବୁ ଓ ପ୍ରଭାଦେବୀଙ୍କି କହିଲି, ମୋର ତ କେହି ନାହାଁନ୍ତି । ତମେ ମୋର ବାପ, ମା ସବୁ । ସେହିଦିନଠୁ ପ୍ରତାପ ବାବୁଙ୍କୁ ବାପା ପ୍ରଭା ଦେବୀଙ୍କି ବୋଉ ଓ ବିକାଶ ବାବୁଙ୍କୁ ଭାଇ ବୋଲି ଡ଼ାକେ । ନିଜ ଘରପରି ମୋ'ତ ଏଠି କେହି ପର ବୋଲି ଭାବନ୍ତି ନାହିଁ । ଅମରର ସବୁ ଯତ୍ନ ନିଅନ୍ତି । ଅମର ସାଥୀରେ ବାପା ବୋଉ କେତେ ଖେଳ ଖେଳନ୍ତି । ଅମର ହେଉଛି ତାଙ୍କ ନିଃସଙ୍ଗ ଜୀବନର ବଡ ସାଥୀ । ବିକାଶ ଭାଇ ମୋତେ ନିଜର ଭଉଣୀଠୁ ଅଧିକ ସ୍ନେହ କରନ୍ତି । ବଜାରରୁ ନାଇଟି କିଣି ଆଣନ୍ତି ମୋ ଲାଗି ଓ ଅମର ଲାଗି କେତେ ସଉଖିନୀ ଜିନିଷ । ମନେ କରେ—ସେ ମନା ମାନନ୍ତି ନାହିଁ । ହସି ହସି ମୋ ସାଥିରେ କେତେ ଗେଲ୍ ଖେଳନ୍ତି । ପାଣି ସୁଅ ପରି ଦିନ ଗଡ଼ି ଚାଲେ ।

ବେଳେ ବେଳେ ଗାଁ ଛବି ଆଖି ଆଗରେ ନାଚି ଉଠେ । ଭାବନା ବାଦଲ ଭିତରୁ ଗୋଟି ଗୋଟି ହୋଇ ଉଙ୍କି ମାରନ୍ତି— ମଧୁଭାଇ, ଗୋପଭାଇ, ମାଣିକ, ବୋଉ, ଝୁନି । କାହାନ୍ତି ସେ ସବୁ ଆଜି । ମଧୁଭାଇ—ପିଲାବେଳର ସାଥୀ ମଧୁଭାଇ ହୁଏତ ବାହା ହୋଇ ସାରିବେଣି । ମାଣିକ ବାହା ହୋଇ ଘର ସଂସାର କରିବଣି । ଗୋପଭାଇ ବଡଲୋକ—ତାଙ୍କର କଣ ପୁଣି କଥା ମନେଥିବ ? ସେ ହୁଏତ ବାହା ହୋଇ ନୂଆ ସଂସାର କରିବେଣି । ବୋଉ, ଯୋଉ ବୋଉ ମୋତେ ଦଣ୍ଡେ ନ ଦେଖିଲେ ବାଇଆ ହେଉଥିଲା ସେ ଆଜି କିପରି ଥିବ ? ହୁଏତ କୁଳକଳଙ୍କିନୀ ଝିଅଟାକୁ ହରାଇ ସୁଖରେ ଥିବ । କିନ୍ତୁ ଝୁନି—ଝୁନି କିନ୍ତୁ ମୋତେ ଭୁଲି ନ ଥିବ । ଏଇ କୋଳରେ ତାକୁ କାଖେଇ କୁଣ୍ଢେଇ ମଣିଷ କରିଛି ସେ କଦାପି—ଭୁଲି ପାରିବ ନାହିଁ । ଆଖିରୁ ଥପ୍ ଥପ୍ ହୋଇ ଲୁହ ଝରିପଡ଼େ । ଏହି ଭାବନାରେ ମୁଁ ବେଳେ ବେଳେ [illegible]

ଅନମସ୍କ ହୋଇ ଉଠିଲେ ବୋଉ କୁହନ୍ତି, ପୁଣି ଘରକଥା ମନେ ପଡୁଛି କି ? ସତ କହ ମା ଘରକୁ ଯିବାକୁ ଇଚ୍ଛା ଥିଲେ ବିକାଶ ଯାଇଁ ଛାଡ଼ି ଦେଇ ଆସିବ । ମୁଁ ମୁଁହର ଭାବ ପରିବର୍ତ୍ତନ କରି ହସି ହସି କୁହେ, ନାଁ ବୋଉ ମୋର ଘରକଥା ମନେ ପଡୁନି । ଏଠି ମୁଁ ବେଶ ସୁଖରେ ଅଛି । ତମ ପରି ବୋଉ ପାଇଛି—ଏହାଠୁ ବଳି ଭାଗ୍ୟ ମୋର କଣ ଅଛି । ବୋଉ ମୋ କଥାରେ ଭୁଲି ଯାଆନ୍ତି ।

ସତକୁ ସତ ବାପା ଅମରକୁ ଏତେ ଭଲ ପାଆନ୍ତି ଯେ ତାକୁ ଘଡ଼ିଏ କୋଳରେ ନ ପୁରେଇଲେ ମନଟା ତାଙ୍କର ଶାନ୍ତି ହୁଏନା । ଅମର ଆଣ୍ଠେଇ ଲଣି । ବାପାଙ୍କୁ ଦେଖି କୁଲୁ କୁଲୁ ହେଇ ହସେ । ସାଇ ପଡ଼ଶା ଘରର ଝିଅମାନେ ସମସ୍ତେ ତାକୁ ଆଦର କରନ୍ତି । କହନ୍ତି କେଡ଼େ ସୁନ୍ଦର ପୁଅଟିଏ ଲୋ—ଠିକ୍ ପୁନେଇ ଜହ୍ନଟି ପରି । ହୃଦୟ ମୋର ଗର୍ବରେ ଫୁଲିଉଠେ ।

କିନ୍ତୁ ଏତେ ସୁଖ ଏତେ ଆଦରରେ ଥାଇବି ଯେପରି କାହାର ଅଭାବ ଅନୁଭବ କରେ । ମନଟା କଣ ପାଇବାକୁ ବେଳେ ବେଳେ ପାଗଳ ହୋଇ ଉଠେ । ବିକାଶ ଭାଇଙ୍କି ଦେଖିଲେ ଗୋପାଳ ଭାଇଙ୍କର ଛବି ଆଖି ଆଗରେ ନାଚି ଉଠେ । କ୍ଷଣିକ ପାଇଁ ହୃଦୟରେ ମୋର ଦୁର୍ବଳତା ଆସେ । କିନ୍ତୁ ପରକ୍ଷଣରେ ନିଜକୁ ସମ୍ଭାଳି ନିଏ । ପାଗଳୀର ଉଚ୍ଛୁଳା ମନ କେତେବେଳେ କୁଆଡ଼େ ଧାଏଁ—ଠିକ୍ କରି ପାରେ ନାଁ ।

ଦେଖୁ ଦେଖୁ ଦୁଇଟା ବରଷ ହସାଇ କନ୍ଦାଇ, ଝୁରାଇ, ଫୁଟାଇ କୁଆଡ଼େ ହଜିଗଲା—ଅମଡ଼ା ଦୁନିଆରେ ଅସରନ୍ତି ପଥରେ । କେତେ ପୁନେଇଁ କେତେ ଅମାବାସ୍ୟା ଗଲା—କେତେ ମାସ, କେତେ ଋତୁ ବିତିଗଲା—ଜୀଅର ଭଙ୍ଗା, ଦିନର ଦୁନିଆରେ ।

## * ନଅ *

ସେଦିନ ଦିପହରେ କୁଆଡ଼େ ଥିଲା ଖଣ୍ଡି ଅଦ୍ଭୁତ ପରି ମେଘଟା ଉଠାଇଲା । ପବନ ଜୋରରେ ପିଟୁଥାଏ । ଦିପହରର ଖରା ତେଜ ହଜିଯାଇଥାଏ । ଘରେ ବସି ଭାବୁଛି ବୋଉ କଥା, ଝୁନୁ କଥା । ଗୋପଭାଇଙ୍କ ସ୍ମୃତି ଗୁଡ଼ା ଆଖି ଆଗରେ ନାଚି ଉଠୁଥାଏ । ମନଟା ଭାରି ଅସ୍ଥିର ହେଲା—ଆଖିରେ ଖାଲି ଲୁହ ଆସିଲା । ହଠାତ୍ କାହାର ଡାକ ଶୁଭିଲା ପୁନି, ପୁନି । ଜାଣି ପାରିଲି ବିକାଶ ଭାଇଙ୍କ ସ୍ୱର । ବିକାଶ ଭାଇଙ୍କ ଡାକ ଶୁଣି ଆଖିରୁ ଲୁହ ପୋଛି ପକାଇଲି ।

ସେ ଡାକି ଡାକି ତଳୁ ଉପର ମହଲାକୁ ଆସିଲେ । ମୋତେ ଦେଖି କହିଲେ, ପୁନି ଆଜି ସଞ୍ଜବେଳେ ମୋର ଜଣେ ବନ୍ଧୁ ଆସିବେ—ନିମନ୍ତ୍ରଣ କରି ଆସିଛି । ତୁ ଯା କିଛି ଜଳଖିଆ ତିଆରି କର । କହିଲି, ବନ୍ଧୁଙ୍କ ପାଇଁ ଯଦି ଏତେ ଖଟିବି—ତେବେ

ପୁରସ୍କାର କିଛି ମିଳିବ ନାଁ । ଖାଲି ଖାଲି । ସେ ହସି ହସି କହୁଲେ, ଆଚ୍ଛା ଯା, କାଲି ସିନେମା ଦେଖେଇ ନେବି । ହସି ହସି କହିଲି, କାମ ସରିଗଲେ ଠକିବ । କାହିଁ—ସେଦିନ ପରି ତମର ଅଉ ଜଣେ ବନ୍ଧୁ ପାଇଁ ଏତେ ପରିଶ୍ରମ କରିଥିଲି— ଖୁବ୍ ତ ସିନେମା ଦେଖା-ଇଲେ । ଗୋଟିଏ ମସ୍ତବଡ଼ ଠକ ତୁମେ ବିକାଶ ଭାଇ । ବିକାଶଭାଇ ହସି ହସି ମୋ ହାତଧରି କହିଲେ, କାଲି ନିଶ୍ଚୟ ସିନେମା ଦେଖାଇ ନେବି—ଯା ଶୁନା ଭଉଣୀଟା ପରି । ହସି ହସି ପଚାରିଲି, ଆଉ ଥରେ ତ ସୁଦାମ ବାବୁ ଆସିଥିଲେ ଏଥର ପୁଣି କୋଉ ବନ୍ଧୁ ଆସୁ-ଛନ୍ତି ? ସେ କହିଲେ ଏ ବନ୍ଧୁଟିର ନାମ ଗୋପବାବୁ । ଗୋପ ବାବୁଙ୍କ ନାଁ । ଶୁଣି ହଠାତ୍ ମୋର ସାରା ଶରୀରରେ ସ୍ପନ୍ଦନ ଖେଳି-ଗଲା । ପଚାରିଲି, ଏ ବନ୍ଧୁଟିଙ୍କ ଘର କେଉଁଠି କି ? ସେ ଟିକିଏ ଭାବି କହିଲେ, ଘରଟା କେଉଁଠି ଠିକ୍ କରି କହି ପାରିବି ନାହିଁ । ତେବେ ଯେତେଦୂର ଜାଣେ କୌଣସି ମଫସଲରେ—ବର୍ତ୍ତମାନ କଟକରେ ଅଛନ୍ତି । ନିଜର କୋଠାବାଡ଼ି । ବ୍ୟବସାୟ ସବୁ କଟକରେ । ଏତିକି କହି ସେ ତଳକୁ ଗଡ଼ିଲେ । ସନ୍ଦେହ ରହିଲା ମନରେ । ଭାବିଲି ଯଦି ପ୍ରକୃତ ମୋର ଅତି ଆପଣାର ଗୋପଭାଇ ହୋଇଥାନ୍ତି ତେବେ—ତେବେ କଣ କରିବି । ତାଙ୍କୁ କଣ ଆଉ ଖାଇବାକୁ ଦେଇ ପାରିବି । ନାଁ ତାଙ୍କୁ ମୁଁ ଆଉ ଦେଖା ଦେବିନି । ସେ ସାତ ପରରେ ପର, ବିଶ୍ୱାସରେ ବିଷ ଦେଇଛନ୍ତି, ସାରା ଜୀବନକୁ ମୋତେ ଠକିଛନ୍ତି । ମନରେ ବହିଲା ଭାବନାର ଝଡ଼ ତୋଫାନ ।

ଜଳଖିଆ ପ୍ରଭୃତି ତିଆରି କରି ସକାଳ ବେଳକୁ ସଞ୍ଜ ହୋଇଗଲା । ଅଧିକ ମେଘଟା ଉଡ଼ି ଯାଇଥିଲା କେଉଁ ବିରହୀ ଯକ୍ଷର ସନ୍ଦେଶ ନେଇ—ଆକାଶ ହୋଇଥିଲା ସୁନ୍ଦର—ମନୋରମ । କିନ୍ତୁ ମୁଁ

ଜହ୍ନ ହସି ଉଠିଲା । ବଗିଚାରେ ଫୁଟିଥିବା ହେନା ଫୁଲର ଗନ୍ଧ ଭାସି ଆସି ମନରେ ଅଜଣା ଛନ୍ଦ ତୋଳୁଥାଏ ।

କାନ୍ଥରେ ଥିବା ଘଡ଼ିରେ ଠଂ ଠଂ ହୋଇ ସାତଟା ବାଜିଲା । ବିକାଶ ଭାଇଙ୍କୁ ପଚାରିଲି, କାହିଁ ବନ୍ଧୁଟିଙ୍କର ଏଯାଏ ଦେଖା ନାହିଁ । ଜଳଖିଆ ପ୍ରଭୃତି ସବୁତ ଥଣ୍ଡା ହୋଇ ସାରିଲାଣି । ଆଜି ଆସିବେ ନାହିଁ ନା କଣ ? ବିକାଶଭାଇ କହିଲେ, ନିଶ୍ଚୟ ଆସିବ—ମୁଁ ତାକୁ ବାର ବାର କରି କହିଚି । ପାଟି କଥା ପାଟିରେ ଅଛି ରେକ୍ସା ଘଣ୍ଟି ଶୁଭିଲା । କହିଲି, ଏଇ ଆସିଲେ ବୋଧହୁଏ । ଦୁହେଁ ଦୋତାଲା ଉପରୁ ତଳକୁ ଅନାଇଲୁ । ଦୋତାଲା ଉପରୁ ଛିଡ଼ା ହେଲେ ଆମ ଫାଟକ ସାମନା ରାସ୍ତା ଦେଖାଯାଏ । ସତକୁ ସତ ରେକ୍ସାଟି ଆମ ଫାଟକ ଭିତରକୁ ପଶି ସାରିଥିଲା । ବିକାଶଭାଇ ତରବର ହୋଇ ତଳକୁ ପଳାଇଲେ । ମୁଁ ସେଇ ରେକ୍ସା ଆଡ଼କୁ ଅନାଇଁ ଥାଏ । ରେକ୍ସା ଉପରୁ ଯିଏ ଓହ୍ଲାଇ ପଡ଼ିଲେ ତାଙ୍କୁ ଚିହ୍ନିବାକୁ ଆଉ ଅବକାଶ ରହିଲା ନାହିଁ । ଗୋପଭାଇ—ମୋର ଅତି ଆପଣାର ସେଇ ଗୋପଭାଇ । ଭାବିଲି, ଗୋପଭାଇ ବୋଧହୁଏ ଗାଁ ଛାଡ଼ି ଏଇଲାଗେ କଟକରେ ଅଛନ୍ତି । ଗୋପ ଭାଇଙ୍କୁ ଦେଖିଲା କ୍ଷଣି ମୋ ଛାତି ଭିତରଟା କଣ ହୋଇଗଲା । ମୁଣ୍ଡଟା ଗୋଳମାଳ ଧରିଲା । ମୋ ଘରକୁ ଫେରି ଆସି ଖଟ ଉପରେ ଶୋଇ ପଡ଼ିଲି । ଗୋଟି ଗୋଟି ହୋଇ ପୁରୁଣା ସ୍ମୃତି ଦପ୍ ଦପ୍ କରି ମନ ଉପରେ ଜଳି ଉଠିଲା । ଗୋପଭାଇ ଯଦି ଜାଣନ୍ତି ମୁଁ ଏଠି ଅଛି—ତେବେ ସେ କଣ ପୁଣି ମୋତେ ଆପଣାର କରି ନେଇ ପାରିବେ । ନାଁ ନାଁ —ମୁଁ ସିନା ଗୋପଭାଇଙ୍କୁ ଭୁଲି ପାରିନି—କିନ୍ତୁ ଗୋପଭାଇ କଣ ମୋ କଥା ମନେ ରଖିଥିବେ । ମୁଁ ଘରଛାଡ଼ି ଆସିବା ପରେ ସେ

ଭାବିଥିବେ, ପୁଣି ବୋଧହୁଏ ମରି ଯିବଣି, ଭାବିଲି, କାହିଁକି ଗୋପ ଭାଇଙ୍କୁ ପରିଚୟ ଦେବି । ମରୀଚିକା ପଛରେ ଆଉ ଦଉଡ଼ି ତୃଷ୍ଣା ତ ମେଣ୍ଟିବ ନାହିଁ—ଖାଲି ଦଉଡ଼ିବା ସାର ହେବ ସିନା । ନା ଗୋପଭାଇଙ୍କଠାରୁ ଦୂରରେ ରହିବି ।

କ୍ଷଣକ ପରେ ବିକାଶଭାଇ ଆସି ପହଞ୍ଚିଲେ । କହିଲେ, ପୁଣି ଜଳଖିଆ ନେଇ ଚାଲ । ମୁଁ ମିଛରେ ଛଳନା କରି କହିଲି, ଭାଇ ମୋ ମୁଣ୍ଡଟା ବିନ୍ଧୁଚି—ଭଲ ଲାଗୁନି ବୋଉକୁ କିଛି ଖାଇବାକୁ ଦେବ । ବିକାଶଭାଇ ସତ ବୁଝି ଚାଲିଗଲେ । ଗଲାବେଳେ କହି ଗଲେ ପୁଣି ମୁଣ୍ଡ ବିନ୍ଧୁଚିତ ଶୋଇ ପଡ଼—ଆଜି ଅନେକ ପରିଶ୍ରମ କରିଚୁ ।

ବିକାଶଭାଇ ଚାଲିଗଲା ପରେ ମନଟା ମୋର ସ୍ଥିର ହେଲା ନାହିଁ । ଅଧଘଣ୍ଟା ଛାଡ଼ି ତଳକୁ ଆସି ପରଦା ଏ ପାଖରୁ ଚାହିଁଲି ଅନାଇଲି । ଦେଖିଲି, ଗୋପଭାଇ କୋଳରେ ଅମର ବସିଛି । ଗୋପଭାଇ ତାକୁ ଗେଲ କରୁଚନ୍ତି । ଟିକିଏ ପରେ ସେ ବିକାଶ-ଭାଇଙ୍କୁ ପଚାରିଲେ, ଏ କିଏ ତମ ଭାଇନା । ବିକାଶ ଭାଇ କଣ ଭାବି କହିଲେ, ଏ ମୋର ଭଉଣୀର ପୁଅ । ବଞ୍ଚିଗଲି । ଯଦି ସେ ଅମରର ଇତିବୃତ୍ତ କହିଥାନ୍ତେ ତେବେ ଗୋପଭାଇଙ୍କର ଚିହ୍ନିବାର ଆଉ ଅବକାଶ ରହି ନ ଥାନ୍ତା । ମନେ ମନେ ଭାବୁଥାଏ ନିଜ ପୁଅକୁ ପୁଣି ଚିହ୍ନି ପାରୁ ନାହାନ୍ତି । କହିଦେବି କି, ଗୋପଭାଇ ତମେ ଦିନେ ଯାକୁ ମାରିବାକୁ ବସିଥିଲ—ସେଇ ଅମର । ସେ ମରିନାହିଁ, ବଞ୍ଚିଛି ସାହସ ହେଲା ନାହିଁ—ମନକଥା ମୋର ମନରେ ରହିଲା । କେତେ ଘଣ୍ଟାଏ ବିକାଶ ଭାଇଙ୍କ ସହିତ କେତେ ଆଉକୁ ଗପ କରି-ବାକୁ ଲାଗିଲେ । ବିକାଶ ଭାଇତ ଏକ ମସ୍ତ ଗପୁଡ଼ି—ତାଙ୍କ ଗପ ଗୋଟାଏ ସାଙ୍ଗ ମିଳିଗଲା ।

ଘଣ୍ଟରେ ଠଂ ଠଂ ହୋଇ ଦଶଟା ବାଜିଲା । ସ୍ୱପ୍ନ ରାଇଜ୍ୟରୁ ଫେରି ଆସିଲି ପରେ ଗୋପଭାଇ ଉଠି ଛିଡ଼ା ହେଲେ । କହିଲେ, ବିକାଶ ବଡ଼ ଡେରି ହେଲାଣି—ହେମ କହିଥିଲା ଚଞ୍ଚଳ ଫେରିବାକୁ । ମୋର ଏତେ ଡେରି ଦେଖି ସେ ବ୍ୟସ୍ତ ହୋଇ ପଡ଼ିବଣି । ଆଜି ପାଇଁ ବିଦାୟ ନେଉଛି । ବିକାଶ କହିଲେ, ସତରେ ଡେରି ହୋଇ-ଗଲାଣି—ହଉ ତେବେ ଚାଲନ୍ତୁ ; ଦୁହେଁ ଉଠିଲେ ।

ଦୋତାଲା ଉପରକୁ ଚାଲି ଆସି ତଳକୁ ଅନାଇଲି । ଗୋପ-ଭାଇ ହସି ହସି ରେକ୍‌ସାରେ ବସିଲେ । ଭାଇ ତାଙ୍କୁ ରାସ୍ତା ଉପରେ ଛାଡ଼ି ଘରକୁ ଫେରି ଆସିଲେ । ମନରେ ପ୍ରଶ୍ନ ଉଠିଲା, ହେମ କିଏ ? ଗୋପଭାଇ କଣ ବାହା ହେଲେଣି । ହୁଏତ ବାହା ହୋଇ ସେ ତାଙ୍କର ସୁନ୍ଦର ସଂସାର କରିବେଣି । ମୁଁ ସିନା ତାଙ୍କର ଚରଣ ତଳେ ନିଜକୁ ଉତ୍ସର୍ଗ କରି ଦେଇଥିଲି—କିନ୍ତୁ ସେ ତ ମୋତେ ଆପଣାର କରି ଗ୍ରହଣ କରି ନ ଥିଲେ । କରିଥିଲେ କ୍ଷଣକେ ପାଇଁ—ନିଜର କାମନା ଚରିତାର୍ଥ କରିବାକୁ । କିନ୍ତୁ ହୃଦୟ ଦେଇ ସେ ମୋତେ ଦେଖି ନ ଥିଲେ ।

ଗୋଟି ଗୋଟି ହୋଇ ଅତୀତର ଝାପ୍‌ସା ସ୍ମୃତି ଗୁଡ଼ା ଭାସି ଆସିଲା । ଆଖିରୁ ଲୁହ ଥପ୍ ଥପ୍ ହୋଇ ଗଡ଼ି ପଡ଼ିଲା । ଦୁଃଖରେ ମୋର ସାରା ହୃଦୟ ପୂରିଗଲା । ମନ କହିଲା କିଏ କାହାର—ଦୁନିଆ ମିଛ—ସ୍ନେହ, ମାୟା, ମମତା ସବୁ ମିଛ । ଯଉବନର ପ୍ରଥମ ପରଶରେ ଆଖି ଆଗରେ କେତେ ରଙ୍ଗୀନ ଆଶା ନାଚି ଉଠେ । ମଣିଷ ଅଜାଣତରେ କଳ୍ପନାର ବିଳାସ ଭୂମିରେ ଗଢ଼େ ତା'ର ନିଭୃତ ନିଳୟ । ହଠାତ୍ ଆସେ ଝଡ଼—ଯୌବନର ସୁନେଲି ଆଶା ତା'ର ଶୂନ୍ୟରେ ମିଳାଇଯାଏ—କଳ ଘରର ଧୂଆଁ ପରି । ତା' ପରେ

ନୀଳାପ୍ରୀତ ସ୍ୱପ୍ନ ଯାଏ ଭାଙ୍ଗି—ସେ ଦେଖେ ଗୃହ ଆଉ ଅନ୍ଧାର । ଦୁନିଆ ଖସଡ଼ା—ଫେରିକୁ ଫେରି ଆସିବାର ବାଟ ନାହିଁ ।

ତା' ପରଦିନ ସକାଳେ ଗାଧୋଇ ଆସି ମୁଁ ମୁଣ୍ଡ କୁଣ୍ଡାଉଚି ଅମର ଭାଇ କାଠ ଘୋଡ଼ା ଟିକି ନେଇ ଖେଳୁଛି । ସିଡ଼ିରେ ଘର କଥା ଗୋପଭାଇଙ୍କ କଥା ମନେ ପଡ଼ି ଭଲ କରି ନିଦ ହୋଇ ନ ଥାଏ— ଆଖିଟା ପୋଡୁଥାଏ । ମନେ ମନେ ଭାବୁଥାଏ ବିକାଶ ଭାଇଙ୍କି ପଚାରିବି କି ତମ ବଂଧୁଟି ବାହା ହୋଇଛନ୍ତି ନା ନାହିଁ; କିନ୍ତୁ ଭୟ ହେଲା । କାଳେ ଯଦି ଭଲ କଥାକୁ ଓଲଟା ଅର୍ଥ କରି କିଛି ସନ୍ଦେହର ସୂଚନା କରନ୍ତି—ତେବେ ସର୍ବନାଶ । ନାଁ । ନାଁ । ପଚାରିବି ନାହିଁ । ସେ ବାହା ହୋଇ ଥାଆନ୍ତୁ ବା ନ ହୋଇ ଥାଆନ୍ତୁ ସେଥିରେ ମୋର ଯାଏ କେତେ ଆସେ କେତେ ? ମୁଁ ମୋ ପଥ ବାଛି ନେଇଚି । ତଥାପି ଅବୁଝା ମନ ବୁଝୁ ନଥାଏ । ଅମର କାଠଘୋଡା ଛାଡି ବୋଉ ବୋଉ କହି ମୋ କୋଳକୁ ଆସିବା ପାଇଁ ଅସ୍ଥିର ହେଲା । ହଠାତ୍ ଭାବନାଟା ମୋର ଗୋଳମାଳ ହୋଇଗଲା । ତାକୁ କୋଳକୁ ନେଇ ତା ଗାଲରେ ଚୁମା ଦେବାକୁ ଲାଗିଲି । ସେ କୁଲୁ କୁଲୁ ହୋଇ ମୋ ଲୁଗା ତଳେ ମୁହଁ ଲୁଚେଇଲା । ତାକୁ ଦେଖି ହୃଦୟ ମୋର ପୁଲକରେ ପୂରି ଉଠିଲା । ମନ କହିଲା ଗୋପଭାଇ ତମେ ସିନା ମୋତେ ପର କରି ଦେଲ—କିନ୍ତୁ ମୋ କୋଳରେ ତମେ ଯେଉଁ ଦାନଟିକୁ ଅଜାଣି ଦେଇଚ—ତାକୁ ମୁଁ ତ ପର କରି ପାରିଲି ନାହିଁ ?

ଦିନ ଗଡ଼ି ଚାଲିଲା । ମନରେ ଭୟ ଛୁଇଁଲା—ବିକାଶ ଭାଇଙ୍କି ଆଉ ଗୋପ ଭାଇଙ୍କ ସମ୍ବନ୍ଧରେ କିଛି ପଚାରିଲି ନାହିଁ । ପରେ

ବୋଉଙ୍କଠାରୁ କଥା ଛଳରେ ଖବର ନେଇ ଜାଣିଲି ମୋପ ଭାଇ କଟକରେ ବ୍ୟବସାୟ କରୁଛନ୍ତି । ବାହା ହୋଇ ସାରିଲେଣି । ସପରିବାରେ ଏଇଲାଗେ କଟକରେ ଅଛନ୍ତି ।

# ✻ ଦଶ ✻

ସଞ୍ଜ ଖସି ନଇଁ ପଡ଼ିଲାଣି । ଚଢ଼େଇ ଗୁଡ଼ାକର କେଁକା ଶବ୍ଦ କାନ ଅତଡ଼ା କରି ପକାଉଥାଏ । ଘରେ ବସି ଅମରକୁ ଦୁଧ ପିଆଉଚି, ବୋଉ ଆସି କହିଲେ ପୁଣି ବାପାଙ୍କ ପାଇଁ କପେ 'ଚହ' କରି ନେଇଯା—ତଳ ଘରେ ଅଛନ୍ତି । ଅମରକୁ ଦୁଧ ଖୁଆଇ ବୋଉ କତରେ ଛାଡ଼ିଗଲି ଚହ' କରିବାକୁ । ଘଡ଼ିକ ପରେ ଚହ' କରି ବାପାଙ୍କ କପଟି ନେଇ ତଳ ଘରକୁ ଗଲି । ବାପା ଖବରକାଗଜ ପଢ଼ୁଥିଲେ । ମୁଁ ଚହ' ନେଇ ତାଙ୍କ କତରେ ଥୋଇଲି । ସେ ଖବର କାଗଜ ଛାଡ଼ି ଚହ' ପିଇଲେ । ପିଇସାରି କଣ ଦେଖିଲେ କେଜାଣି ମୋତେ ପଚାରିଲେ, ପୁଣି ତୋ ଦେହ କାହିଁକି ଦିନ ଦିନକୁ ଝଡ଼ି ଯାଉଛି, ଦେହ କଷ୍ଟ ହେଉଛି କି ? କହିଲି ନାଁ ବାପା ମୁଁ ତ ବେଶ୍ ଭଲରେ ଅଛି । ବାପା ହସିଲେ । କହିଲେ ପାଗଳୀ ମୋତେ ଲୁଚାଉଛୁ । ମୁଁ ଜାଣେରେ ଜାଣେ ତୋର ମନ୍ଦ ଘର କଥା

ମନେ ପଡ଼ୁଛି । ସତ କହ ତୋର ଯଦି ଘରକୁ ଯିବାକୁ ଇଚ୍ଛା ଅଛି, ମୁଁ ନିଜେ ନେଇ ଛାଡ଼ିଦେଇ ଆସିବି । ବାପାଙ୍କ କଥା ଶୁଣି କହିଲି, ନାଁ ବାବା ମୋର ଘରକୁ ଯିବାକୁ ଇଚ୍ଛା ନାହିଁ । ବଳେ ବଳେ ଆପଣ ମୋତେ ତଡ଼ି ଦେବେତ ଚାଲିଯିବି । ମୁଁ ବା ଆପଣଙ୍କର କିଏ ? ଏତେଦିନ ଆପଣ ମୋତେ ଝିଅ ପରି ପାଳିଲେ—ଆଉ କଣ ସବୁଦିନେ ରଖି ଥାଆନ୍ତେ—ସତ କୁହନ୍ତୁ ବାପା, ଆପଣ ଯଦି କହିବେ ମୁଁ ଏଇଲାଗେ ଚାଲିଯିବି । ଆଖିରୁ ମୋର ଲୁହ ଝରି ପଡ଼ିଲା । ବାପା ମୋ ଆଖିରେ ଲୁହ ଦେଖି କୋଳକୁ ଟାଣି ନେଇ କହିଲେ, ପାଗଳୀ ଝିଅଟା ତୁ—ତୋତେ ମୁଁ କଣ କହିଲି ତୁ କାନ୍ଦୁଚୁ । ତାଙ୍କ ଲୁଗା କାନରେ ମୋ ଆଖିରୁ ଲୁହ ପୋଛି ଦେଲେ । କହିଲେ, ପୁନି ତୋତେ ଦେଖିଲା ଦିନୁ ମୁଁ କଳ୍ପନା କଥା ପାଶୋରି ପକାଇଚି—କିନ୍ତୁ ବେଳେବେଳେ ତୋର ଏଇ ଶୁଖିଲା ମୁହଁ ଦେଖିଲେ ମୋ ହୃଦୟରେ କିଏ ଆଘାତ କରେ । ଉପରୁ ବୋଉ ଡାକିଲା, ପୁନି ପୁଅ କାନ୍ଦୁଚି—ଚଞ୍ଚଳ ଆ । ଆଖିରୁ ଲୁହ ପୋଛି ଉପରକୁ ଆସି ଅମରକୁ କୋଳକୁ ନେଲି

କେଉଁ ରଜା ଝିଅର ସରଗ ବଗିଚାରେ ଅସୁମାରି ତାରା ଫୁଲ ଫୁଟି ଉଠିଲା । ଅନ୍ଧାର ରାତିରେ ତାରା ଫୁଲର ଜକ ଜକ ଦେହ କେତେ ସୁନ୍ଦର ମାନୁଥାଏ । ରାସ୍ତାରେ ବିଜୁଳିବତୀ ଜଳି ଉଠିଲା ପାଖ ମହଲା ରେଡିଓରୁ ସଙ୍ଗୀତ ମୂର୍ଚ୍ଛନା ଭାସି ଆସୁଥାଏ ।

ବାପାଙ୍କ କତରୁ ଆସି ମନଟା ମୋର କେଉଁଥିରେ ଲାଗୁ ନଥାଏ । ଅମରକୁ କୋଳରେ ପୁରାଇ ଘରେ ବସିଥାଏ । ଏତିକିବେଳେ କୁଆଡ଼େ ଥିଲେ ବିକାଶ ଭାଇ ଆସି ପହଞ୍ଚିଲେ—ସାଥୀରେ ତାଙ୍କର ଗୋଟିଏ ସୁନ୍ଦରୀ ଯୁବତୀ । ଯୁବତୀଟି ମୋତେ ନମସ୍କାର କଲେ । ତାଙ୍କୁ

ଚିହ୍ନି ନ ପାରି ମୁଁ ବିକାଶ ଭାଇଙ୍କ ଆଡ଼କୁ ଅନାଇଲି । ସେ କହିଲେ ଚିହ୍ନି ପାରୁନୁ—ମୋର ବନ୍ଧୁ ଗୋପବାବୁଙ୍କ ସ୍ତ୍ରୀ—ହେମାଙ୍ଗିନୀ ଘରୀ ? ମୁଁ ପ୍ରତି ନମସ୍କାର ଜଣାଇ ହସି ହସି କହିଲି, ଚିହ୍ନିପାରି ନଥିଲି ଭଉଣୀ କ୍ଷମା ଦେବ । ସେ ହସିଲେ । ତାଙ୍କୁ ବସିବାକୁ କହିଲି । ସେ ମୋ କୋଳରୁ ଅମରକୁ ଟାଣିଲେ—ଅମର ଅଚିହ୍ନା ବୋଲି ନାହିଁ-ହସି ହସି ତାଙ୍କ କୋଳକୁ ଡେଇଁ ପଡ଼ିଲା । ହେମାଙ୍ଗିନୀ ତାକୁ ଆଦର କରି କୋଳକୁ ନେଇ କହିଲେ, ଭାରି ସୁନ୍ଦର ପୁଅଟିଏ ଭଉଣୀ—ଏଟିକି ମତେ ଦେଇ ଦିଅନ୍ତ । ମୁଁ ହସି ହସି କହିଲି, ତାର ପାଇଁ ତ ଭଉଣୀ ଜୀବନଟା ଅଛି-ତାକୁ ଦେଲେ ବଞ୍ଚିବି କିପରି ? ହେମାଙ୍ଗିନୀ ହସିଲେ । କହିଲେ, ହଁ ଭଉଣୀ ଏ ଜିନିଷଟି ନାରୀର ଅତି ଆପଣାର ଆଉ କିଏ ଛାଡ଼ିପାରେ । ବିକାଶ ଭାଇ କହିଲେ, ଦୁହେଁ ବସି ଗପକର; ମୁଁ ଯାଉଛି—ତଳେ ଗୋପବାବୁ ଏକୁଲା ବସିଥିବେ ।

ଦୁହିଁଙ୍କ ମଧ୍ୟରେ କେତେ ଗପ ପଡ଼ିଲା । ପଚାରିଲି, ବାବୁଟି ତମର କେମିତିକା ଲୋକ ? ତମକୁ ଆଦର ସୁଆଗ କରନ୍ତି ନା ! ହେମାଙ୍ଗିନୀ ହସିଲେ, କହିଲେ ବାବୁଟି ଆମର ଭାରି ଖିଆଲି ମେଜାଜର ଲୋକ । କିନ୍ତୁ ମୋତେ ଭାରି ଭଲ ପାଆନ୍ତି । ଦଣ୍ଡେ ନ ଦେଖିଲେ ବଣା ହୁଅନ୍ତି । କୁହନ୍ତି ହେମ ! ତୋତେ ନ ଦେଖିଲେ ମୋ ମନଟା କିଛି ଭଲ ଲାଗେନା । ମନର ଭାବନା ମୋର ଛପି ଛପି ଦଉଡ଼ିଲା ପଛକୁ । ଗୋପ ଭାଇ ଏମିତି ମୋତେ ଦିନେ କହୁଥିଲେ । ମୁଁ ଭୁଲିଥିଲି ତାଙ୍କର କଅଁଳ ମଧୁର କଥାରେ ନିଜକୁ । କିନ୍ତୁ କାହିଁ କେତେ ଦୂରରେ ଆଜି ଗୋପଭାଇ—ଆଉ ଅତୀତର ଅଲୋଡ଼ା ସ୍ମୃତି ଗୁଡ଼ାକ ଭିତରେ ପଡ଼ିଛି ମୁଁ ।

ଅଧଘଣ୍ଟା ପରେ ସେ ଉଠିଲେ । କହିଲେ, ବିକାଶ ବାବୁ ଅନେକ କରି କହିଲେ ବୋଲି ଆସିଲି ଭଉଣୀ—ନଇଲେ

ମନେ ପଡ଼ୁଚି । ସତ କହ ତୋର ଯଦି ଘରକୁ ଯିବାକୁ ଇଚ୍ଛା ଅଚ୍ଛି, ମୁଁ ନିଜେ ନେଇ ଛାଡ଼ିଦେଇ ଆସିବ । ବାପାଙ୍କ କଥା ଶୁଣି କହିଲି, ନାଁ ବାବା ମୋର ଘରକୁ ଯିବାକୁ ଇଚ୍ଛା ନାହିଁ । ବଳେ ବଳେ ଆପଣ ମୋତେ ତଡ଼ି ଦେବେତ ଚାଲିଯିବି । ମୁଁ ବା ଆପଣଙ୍କର କିଏ ? ଏତେଦିନ ଆପଣ ମୋତେ ଝିଅ ପରି ପାଳିଲେ—ଆଉ କଣ ସବୁଦିନେ ରଖି ଥାଆନ୍ତେ—ସତ କୁହନ୍ତୁ ବାପା, ଆପଣ ଯଦି କହିବେ ମୁଁ ଏଇକ୍ଷଣି ଚାଲିଯିବି । ଆଖିରୁ ମୋର ଲୁହ ଝରି ପଡ଼ିଲା । ବାପା ମୋ ଆଖିରେ ଲୁହ ଦେଖି କୋଳକୁ ଟାଣି ନେଇ କହିଲେ, ପାଗଳୀ ଝିଅଟା ତୁ—ତୋତେ ମୁଁ କଣ କହିଲି ତୁ କାନ୍ଦୁଚୁ । ତାଙ୍କ ଲୁଗା କାନିରେ ମୋ ଆଖିରୁ ଲୁହ ପୋଛି ଦେଲେ । କହିଲେ, ପୁନି ତୋତେ ଦେଖିଲି ଦିନୁ ମୁଁ କଳ୍ପନା କଥା ପାଟେଣାରେ ପକାଇଚି—କିନ୍ତୁ ବେଳେବେଳେ ତୋର ଏଇ ଶୁଖିଲା ମୁହଁ ଦେଖିଲେ ମୋ ହୃଦୟରେ କିଏ ଆଘାତ କରେ । ଉପରୁ ବୋଉ ଡାକିଲା, ପୁନି ପୁଅ କାନ୍ଦୁଚି—ଚାଲିଆ ଆ । ଆଖିରୁ ଲୁହ ପୋଛି ଉପରକୁ ଆସି ଅମରକୁ କୋଳକୁ ନେଲି

କେଉଁ ରଜା ଝିଅର ସରଗ ବଗିଚାରେ ଅସୁମାରି ତାରା ଫୁଲ ଫୁଟି ଉଠିଲା । ଅନ୍ଧାର ରାତିରେ ତାରା ଫୁଲର ଜକ ଜକ ଦେହ କେଡେ ସୁନ୍ଦର ମାନୁଥାଏ । ରାସ୍ତାରେ ବିଜୁଳିବତୀ ଜଳି ଉଠିଲା ପାଖ ମହଲା ରେଡ଼ିଓରୁ ସଙ୍ଗୀତ ମୂର୍ଚ୍ଛନା ଭାସି ଆସୁଥାଏ ।

ବାପାଙ୍କ କଥାରୁ ଆସି ମନଟା ମୋର କେଉଁଥିରେ ଲାଗୁ ନଥାଏ । ଅମରକୁ କୋଳରେ ପୁରାଇ ଘରେ ବସିଥାଏ । ଏତିକିବେଳେ କୁଆଡ଼େ ଥିଲେ ବିକାଶ ଭାଇ ଆସି ପହଞ୍ଚିଲେ—ସାଥିରେ ତାଙ୍କର ଗୋଟିଏ ସୁନ୍ଦରୀ ଯୁବତୀ । ଯୁବତୀଟି ମୋତେ ନମସ୍କାର କଲେ । ତାଙ୍କୁ

ଚିହ୍ନି ନ ପାରି ମୁଁ ବିକାଶ ଭାଇଙ୍କ ଆଡ଼କୁ ଅନାଇଲି । ସେ କହିଲେ ଚିହ୍ନି ପାରୁନୁ—ମୋର ବନ୍ଧୁ ଗୋପବାବୁଙ୍କ ସ୍ତ୍ରୀ—ହେମାଙ୍ଗିନୀ ପରା ? ମୁଁ ପ୍ରତି ନମସ୍କାର ଜଣାଇ ହସି ହସି କହିଲି, ଚିହ୍ନିପାରି ନଥିଲି ଭଉଣୀ କ୍ଷମା ଦେବ । ସେ ହସିଲେ । ତାଙ୍କୁ ବସିବାକୁ କହିଲି । ସେ ମୋ କୋଳରୁ ଅମରକୁ ଟାଣିଲେ—ଅମର ଅଚିହ୍ନା ବୋଲି ନାହିଁ-ହସି ହସି ତାଙ୍କ କୋଳକୁ ଡେଇଁ ପଡ଼ିଲା । ହେମାଙ୍ଗିନୀ ତାକୁ ଆଦର କରି କୋଳକୁ ନେଇ କହିଲେ, ଭାରି ସୁନ୍ଦର ପୁଅଟିଏ ଭଉଣୀ—ଏଟିକି ମତେ ଦେଇ ଦିଅ । ମୁଁ ହସି ହସି କହିଲି, ତାରି ପାଇଁ ତ ଭଉଣୀ ଜୀବନଟା ଅଛି-ତାକୁ ଦେଇଲେ ବଞ୍ଚିବ କିପରି ? ହେମାଙ୍ଗିନୀ ହସିଲେ । କହିଲେ, ହଁ ଭଉଣୀ ଏ ଜିନିଷଟି ନାରୀର ଅତି ଆପଣାର ଆଉ କିଏ ଛାଡ଼ିପାରେ । ବିକାଶ ଭାଇ କହିଲେ, ଦୁହେଁ ବସି ଗପକର; ମୁଁ ଯାଉଛି—ତଳେ ଗୋପବାବୁ ଏକଲା ବସିଥିବେ ।

ଦୁହିଁଙ୍କ ମଧ୍ୟରେ କେତେ ଗପ ପଡ଼ିଲା । ପଚାରିଲି, ବାବୁଟି ତମର କେମିତିକା ଲୋକ ? ତମକୁ ଆଦର ସୁଆଗ କରନ୍ତି ନା ? ହେମାଙ୍ଗିନୀ ହସିଲେ, କହିଲେ ବାବୁଟି ଆମର ଭାରି ଖିଆଲି ମେଜାଜର ଲୋକ । କିନ୍ତୁ ମୋତେ ଭାରି ଭଲ ପାଆନ୍ତି । ଦଣ୍ଡେ ନ ଦେଖିଲେ ବଣା ହୁଅନ୍ତି । କୁହନ୍ତି ହେମ ! ତୋତେ ନ ଦେଖିଲେ ମୋ ମନଟା କିଛି ଭଲ ଲାଗେନା । ମନର ଭାବନା ମୋର ଛପି ଛପି ଦଉଡ଼ିଲା ପଛକୁ । ଗୋପ ଭାଇ ଏମିତି ମୋତେ ଦିନେ କହୁଥିଲେ । ମୁଁ ଭୁଲିଥିଲି ତାଙ୍କର କଅଁଳ ମଧୁର କଥାରେ ନିଜକୁ । କିନ୍ତୁ କାହିଁ କେତେ ଦୂରରେ ଆଜି ଗୋପଭାଇ—ଆଉ ଅତୀତର ଅଲୋଡ଼ା ସ୍ମୃତି ଗୁଡ଼ାକ ଭିତରେ ପଡ଼ିଛି ମୁଁ ।

ଅଧଘଣ୍ଟା ପରେ ସେ ଉଠିଲେ । କହିଲେ, ବିକାଶ ବାବୁ ଅନେକ କଥା କହିଲେ ବୋଲି ଆସିଲି ଭଉଣୀ—ନଇଲେ

ଗୋପବାବୁ ଯେଉଁ ଲୋକ କୁଆଡ଼କୁ ଯିବାକୁ କହୁଚଲ କେବେ ନାହିଁ । ଖାଲି ସେଇ ଘରେ ବସିଥାଏ । ବେଳେ ବେଳେ ଭାରି ବାଇକୁ ଲାଗେ । ଚାଣ୍ଡେଲେ ମୋ ମନ ଭୁଲାଇବାକୁ ସିନେମା ଦେଖାଇବାକୁ ନେଇଯାନ୍ତି—ନଚେତ୍ ନାହିଁ । ବିକାଶ ଭାଇ ଆସି ଡାକିଲେ, ଆସ ହେମାଙ୍ଗିନୀ ଗୋପବାବୁ ଯିବାକୁ ତରବର ହେଲେଣି । ହେମାଙ୍ଗିନୀ ତଳକୁ ଗଲେ । କହିଲେ ଆମ ଘରକୁ କେବେ ଗଲେ ମନ ଖୋଲି କଥାବାର୍ତ୍ତା ହେବା, ଆଜି ଯାଉଚି ଭଉଣୀ ।

ଅମରକୁ କୋଳରେ ଧରି ହେମାଙ୍ଗିନୀ ତଳେ ପହଞ୍ଚିଲେ, ମୁଁ ଉପରୁ ଅନାଇଥାଏ । ଗୋପଭାଇ ହସି ହସି ଆସି ଅମରକୁ ନେବାକୁ ହାତ ବଢ଼ାଇଲେ । ଅମର ଫିକ୍ କରି ହସି ହସି ଡେଇଁ ପଡ଼ିଲା । ସତେ ଯେପରି ଗୋପବାବୁଙ୍କ କୋଳରେ ସେ ଆଜି ନୂଆ ଯାକର ଖୁସି । ହେମାଙ୍ଗିନୀ ପଚାରିଲେ ସେ କିଏ ? ଅମର କୁଲୁ କୁଲୁ ହୋଇ କହିଲା, ବା ବା । ସମସ୍ତେ ହସି ଉଠିଲେ କିନ୍ତୁ ହସି ପାରିଲି ନାହିଁ ମୁଁ, ଆଖିରେ ମୋର ଲୁହ ପୁରି ଉଠିଲା । ମନେ ମନେ କହୁଥାଏ, ଅମର ତମକୁ ବାପା ବୋଲି ଚିହ୍ନି ସାରିଲାଣି—ତମେ ତାକୁ ପୁଅ ବୋଲି ଚିହ୍ନି ପାରୁନା ଗୋପଭାଇ । ଗୋପଭାଇ ହସି ହସି ଅମର ଗାଲରେ ଚୁମା ଦେଲେ । ତାପରେ ବିକାଶ ଭାଇଙ୍କ କୋଳରେ ତାକୁ ଛାଡ଼ି ଦୁହେଁ ରେକ୍ସାରେ ଉଠିଲେ ।

ସେଇ ଆଡ଼କୁ ଅନାଇଥାଏ । ଭାବନାର ଗଛ ଗହଳି ସେପଟରେ ଲୁଚିଗଲେ ଗୋପଭାଇ, ହେମାଙ୍ଗିନୀ ; କିନ୍ତୁ ଭାବନାର ଗଛ ଗହଳି ଏପଟରେ ଲୁଚି ପାରିଲି ନାହିଁ ମୁଁ । ମନଟା ମୋର ସାଥୀହରା କପୋତ ପରି କାନ୍ଦି ଉଠିଲା । ଗୋପଭାଇ ହେମକୁ

ଯାଇ ସବୁ ଭୁଲି ଯାଇଛନ୍ତି କିନ୍ତୁ ମୁଁ……ପାଗଳ ଭାବନା ଧଞ୍ଚ-ଚଳି ଆଗକୁ ।

ହୃଦୟରେ ପ୍ରତାରଣାର ନିଆଁ—ମନରେ ଧୂଆଁ । ଯାର ଝର୍ଝର ଜଳ ଯୋଡ଼ ଉଠିଲା । ବିଛଣାକୁ ଫେରି ଆସି ମୁଁ ଗିଲାଙ୍କ ମାରି କଇଁ କଇଁ ହୋଇ କାନ୍ଦି ଉଠିଲି । କେତେବେଳେ ଯାଏ ତକିଆରେ ମୁହଁ ମାଡି କାନ୍ଦୁଥିଲି ଜାଣି ନାହିଁ । ହଠାତ ବିକାଶ ଭାଇ ଆସି ଡାକିଲେ ପୁନି ! ପୁନି ! ବିଛଣାରୁ ଉଠି ବସିଲି । ସେ ମୋ ଆଖିରେ ଲୁହ ଦେଖି ଚମକି ପଡି କହିଲେ, କାନ୍ଦୁଛୁ କାହିଁକି ? ମୋ ପାଖରେ ଆସି ବସିଲେ । କହିଲି, ନାଁ । ବିକାଶ ଭାଇ କିଛି ହୋଇନି—ଦେହ ଭଲ ଲାଗୁନି ମୁଣ୍ଡଟା ବିନ୍ଧୁଛି । ସେ କହିଲେ, ପୁନି ମୁଁ ପରା ତୋର ଭାଇ—ମୋତେ ମିଛ କହୁ ଠକୁଛୁ । ସତ କହ ତୋର କଣ ହୋଇଛି । ମୋ ଆଖିରୁ ଲୁହ ପୋଛିବାକୁ ଲାଗିଲେ ।

ମିଛ କହିବାକୁ ଆଉ ତୁଣ୍ଡ ଲେଉଟିଲା ନାହିଁ । କହିଲି, ବିକାଶ ଭାଇ, ବାପା, ବୋଉ, ତୁମ ନିକଟରେ ମୁଁ ବଡ଼ ଅପରାଧିନୀ । ସତ କୁହ ମୋତେ କ୍ଷମା କରିବ । ହଁ ବୋଲି କହି ସେ ମୋତେ ଆଉଁସି ପ୍ରବୋଧନା ବାଣୀ ଶୁଣାଇଲେ । ମନର ସବୁ ଦୁର୍ବଳତା ଉଭାଇଗଲା ଦୂରକୁ । ଅତୀତର ଗୋଟି ଗୋଟି ହୋଇ ଯେତେ କଥା, ଯେତେ ଘଟଣା—ଗୋପଭାଇଙ୍କ କଥା—କାହିଁକି ଘର ଛାଡିଲି—ସବୁ ଗୋଟି ଗୋଟି ହୋଇ ତାଙ୍କର ଆଗରେ କହିଗଲି । ମୋର ଦୁଃଖ—ଦରଦୀଭରା କାହାଣୀ ଗୁଡ଼ା ବିକାଶ ଭାଇଙ୍କ ହୃଦୟକୁ ଥରାଇ ଦେଲା । ତାଙ୍କ ଆଖିରେ ଲୁହ ପୁରି ଉଠିଲା । ସେ କହିଲେ ଭୁଲ କଲୁ ଭଉଣୀ ! ବଡ଼ଲୋକ ପଛରେ ଦଉଡ଼ି—ଅତି-ଆପଣାର ମଧୁ ଭାଇକୁ ଠକିଲୁ । ତାର ଅଭିଶାପ ତୋତେ ପଡ଼ିଛି ।

ଗୋପବାବୁ ସିନା ବାଧ୍ୟ ହୋଇ ତୋତେ ଭୁଲି ଯାଇଛନ୍ତି କିନ୍ତୁ ସେ କେବେ ଭୁଲି ନଥିବ । କହିଲି, ଭାଇ ଟିକିଏ ଭୁଲ ହେଲା ନାହିଁ ତ—ହେଲ ମସ୍ତବଡ ଭୁଲ । ଏ ଭୁଲ ଆଉ ଏ ଜୀବନରେ ସୁଧାରି ହେବ ନାହିଁ । ସେ ହସି ହସି ମୋର ମଉଳା ମୁହଁରୁ ଗଡ଼ି ଆସୁଥିବା ଲୁହ ଦୁଇ ବିନ୍ଦୁ ପୋଛି ଦେଇ ଦେଇ କହିଲେ, ହବ ଭଉଣୀ—ସବୁ ହେବ । ସମୟର ସୁଅ ପୁଣି ବଦଳିବ—ମେଘ ମଉଳା ଆକାଶରେ ପୁଣି ପୂନେଇଁ ଜହ୍ନ ହସି ଉଠିବ ।

# ✱ ଏଗାର ✱

ଏ କଥା ଆଉ ଛପି ରହିଲା ନାହିଁ । ବାପା, ବୋଉଙ୍କ କାନକୁ ଗଲା । କିନ୍ତୁ ସବୁ ଜାଣି ଶୁଣି ବି ସେମାନେ ମୋତେ ଘୃଣାଚକ୍ଷୁରେ ଦେଖିଲେ ନାହିଁ । ବରଂ ଆହୁରି ଆପଣାର କରି ଆଦର କଲେ । କିନ୍ତୁ ମନଟା ମୋର ପାପ ଛୁଏଁ—ବାପା, ବୋଉଙ୍କଠାରୁ ସବୁବେଳେ ଦୂରେଇ ଦୂରେଇ ରହେ । କୁଳଟା ମୁଁ—ଘର ଦୁଆର, ମା, ଭାଇ ସବୁ ଛାଡ଼ିଛି କାହା ପାଇଁ ? ମନରେ ପଶେ ଏଇ ଭାବନା—ଆଖିରୁ ଝରେ ଲୁହ ।

ଦଶ ଦିନ ପରେ । ଦି ପହରର ଖରା ତେଜ ମଉଳି ଗଲାଣି । ଘରେ ବସି ଅମର ପାଇଁ ଗୋଟାଏ ଗେଞ୍ଜି ବୁଣୁଛି—ମନରେ ଏଣୁ ତେଣୁ ଭାବନା । ହଠାତ୍ ବିକାଶ ଭାଇ ମୋ ଘରକୁ ପଶି ଆସିଲେ—ସାଥୀରେ ଗୋପଭାଇ । ଗୋପଭାଇଙ୍କୁ ଦେଖି ଛପିଲା କୋହ

ମୋ ମନରେ ଉଙ୍କାଣି ଉଠିଲା । ଆଖିରୁ ଲୁହ ଧାର ଧାର ହୋଇ ଗଡ଼ି ପଡ଼ିଲା । ତାଙ୍କର ଚରଣ ତଳେ ଯାଇ ମୁଣ୍ଡିଆ ମାରି କାନ୍ଦି ଉଠିଲି । ଆଖିରୁ ତାଙ୍କର ଲୁହ ଝର ଝର ହୋଇ ଝରି ପଡୁଥାଏ । ସେ କହିଲେ, ପୁନି ମୋତେ କ୍ଷମାକର । କହିଲି, କ୍ଷମା ଦେବାର ପାତ୍ର ମୁଁ ନୁହେଁ ଗୋପଭାଇ । ଦୁହେଁ ଦୁହିଁଙ୍କ ଧରି କାନ୍ଦି ଉଠିଲୁ । ବିକାଶ ଭାଇ କେତେ ବୁଝାଇ ଶାନ୍ତ କଲେ । ସେ କହିଲେ, ପୁନି ମୋତେ ଯଦି କ୍ଷମା ଦେଇଚୁ—ତେବେ ଚାଲ ମୋ ବସାକୁ । ହେମ ସାଥୀରେ ରହିବୁ—ଦି'ଭଉଣୀ ପରି । ସେ ତୋତେ ପର ବୋଲି ଭାବିବ ନାହିଁ । କହିଲି, ନା ଗୋପଭାଇ ତା ହୋଇପାରିବ ନାହିଁ-- ତମେ ଯାଅ । ମୁଁ କାହିଁକି ଯାଇ ତମ ସୁଖ ସଂସାରରେ କାଳ ହେବି । ଯିବିନି—ମୁଁ ଏଇଠି ଖୁବ୍ ସୁଖରେ ଅଛି । ସେ ଯେତେ ବୁଝାଇଲେ କିନ୍ତୁ ମୁଁ ଜିଦ୍ ଧରି ବସିଲି ଯିବି ନାହିଁ । ଶେଷକୁ ବିକାଶ ଭାଇ, ବୋଉ, ବାପା ଆସି କହିଲେ, ଯା ପୁନି—ଆପତ୍ତି କରନା । ଆମେ ଅଛୁ—ତୋର କିଛି ଅସୁବିଧା ହେବନି—ବରଂ ଏଠାରୁ ବଳି ସୁଖରେ ସ୍ୱାମୀ ସହ ଘର କରି ରହିବୁ ।

ସେହିଦିନ ସଞ୍ଜ ଗଡ଼ିଲା ବେଳକୁ ବାପା, ବୋଉ, ବିକାଶ ଭାଇଙ୍କଠାରୁ ବିଦାୟ ନେଇ ଗୋଡ଼ଧୂଳି ମୁଣ୍ଡରେ ମାରି ଘୋଡ଼ା ଗାଡ଼ିରେ ବସିଲି । ଆଗରୁ ଗୋପଭାଇ ଅମରକୁ ଧରି ବସିଥାନ୍ତି । ଆଖିରୁ ମୋର ଲୁହ ଥପ ଥପ ହୋଇ ଗଡ଼ି ପଡୁଥାଏ । ବାପା, ବୁଝାଇ କହିଲେ, ଗୋପବାବୁ କଳ୍ପନା ମଲା ପରେ ଏ ହୋଇଥିଲା ଆମର କଳ୍ପନା । ଏହାରି ମୁହଁ ଚାହିଁ ଆମେ କନ୍ୟା ଦୁଃଖ ଭୁଲିଥିଲୁ । ଏ ମୋର ଝିଅ । ଗରିବର ଝିଅ ବୋଲି ଏକୁ ଭାବିବ ନାହିଁ । ତାର ନାହିଁ କଣ ? ଏ ଘର ଦୁଆର ସବୁ ତାହାର—ବିକାଶ ପରି ଭାଇ ତାହାର । ତା ମନରେ ସୁଖ ଶାନ୍ତି ଆଣିବା ପାଇଁ ଚେଷ୍ଟା କରିବ ।

ଦେହମଙ୍କୁ ବୁଝାଇ କହିବା-ସେ ଯେପରି ବାଦ ନ କରେ । ବାପାଙ୍କ ଆଖିରୁ ଲୁହ ଗଡ଼ି ପଡ଼ିଲା । ବିକାଶ ଭାଇ ଘୋଡ଼ାଗାଡ଼ିବାଲାକୁ ସିଧା ଉଗରପଡ଼ା ଗାଡ଼ି ଚଲାଇବାକୁ ନିର୍ଦ୍ଦେଶ ଦେଲେ । ଘୋଡ଼ା ଗାଡ଼ି ଆଗକୁ ଗଡ଼ିଲା । ବିକାଶ ଭାଇ କିଛି ବାଟ ଆସି ବିଦାୟ ନେଲେ । ତାଙ୍କ ହାତଧରି କହିଲି, ବିକାଶ ଭାଇ ଭୁଲି ଯିବନି । ସେ କହିଲେ ପୁଣି ଭୁଲି କି ହୁଏ ପାରେ—ଯା, ମୁଁ କାଲି ତୋ ଦେଖିକି ଯିବି ଯେ ।

ଘୋଡ଼ା ଗାଡ଼ି ଆଗକୁ ଗଡ଼ୁଛି । ଉପରେ ନେଳିଆ ଆକାଶରେ ଚନ୍ଦ୍ର ହସୁଛି । ପାଖରେ ଗୋପଭାଇ—ହଜିଲା ଇସ୍ପିତ ଧନ ପୁଣି ଏତେଦିନେ ଫେରି ପାଇଛି । କିନ୍ତୁ କାହିଁ ଆଜି କାହିଁକି ହୃଦୟରେ ମୋର ଉଚ୍ଛୁଳା ଜୁଆର ଆସୁ ନାହିଁ । ଦୁଇ ବରଷ ତଳର ଏଇ ଗୋପଭାଇଙ୍କ ସାଥିରେ ଦିନ ଗୁଡ଼ି ଆଖି ଆଗରେ ନାଚି ଉଠୁଥାଏ । ଭାବନା ଭିତରେ ଦେଇ କେତେବେଳେ ଗାଡ଼ି ଆସି ଉଗରପଡ଼ାରେ ପହଞ୍ଚିଲାଣି—ଜାଣେ ନା । ଗୋପଭାଇ କହିଲେ, ପୁଣି ଓହ୍ଲା । ମୋ ହାତଧରି ସେ ତଳକୁ ଓହ୍ଲାଇ ଦେଲେ । ଅମର ନିଦରେ ଶୋଇ ପଡ଼ିଥାଏ । ଘୋଡ଼ାଗାଡ଼ିବାଲାକୁ ଦାମ ଦେଲେ । ସେ ସଲାମ କରି ଗାଡ଼ି ପଛକୁ ବୁଲାଇଲା ।

ସୁନ୍ଦର ଦୁ ମହଲା କୋଠା । ତା'ର ଭିତରକୁ ପଶିଲୁ । ଗୋପଭାଇ ଆଗରେ—ମୁଁ ପଛରେ । ଘର ଭିତରକୁ ପଶି ଗୋପଭାଇ ଦାମ ଦାମ ବୋଲି ଡାକିଲେ । ବାର ବରଷର ଗୋଟିଏ ଟୋକା ଆଖି କଚାଳି ଆସି ହାଜର ହେଲା । ଗୋପଭାଇ କହିଲେ, ଦାମ ମାଙ୍କୁ [illegible] [illegible] ମୋ ଘରକୁ । ଆଉ ଖଟ ଉପରଟା ଝାଡ଼ିଦେବୁ । ମୋତେ କହିଲେ, ପୁଣି ଯା ଅମରକୁ ଖଟ ଉପରେ ଶୋଇଦେବୁ । [illegible] ଉପରକୁ [illegible] । ଦାମ ମୋତେ [illegible]

କଣ ଭାବୁଥାଏ । ଗୋପଭାଇଙ୍କ ଘରେ ଛାଞ୍ଚି ସେ ଖଟ ଉପର ବିଛଣା ଝାଡ଼ି ଦେଲା । ମୁଁ ଅମରକୁ ଶୋଇ ଦେଇ କହିଲି, ଦାମ ଯା ବାବୁଙ୍କ ଖବର ବୁଝିବୁ । ଦାମ ଚାଲିଗଲା ।

ମନରେ ଭାବନା ପଶିଲା ହେମାଙ୍ଗିନୀ କାହାନ୍ତି । ଭାବୁ ଭାବୁ ମୋତେ ନିଦ ମାଡ଼ିଲା । ଅମର କଡରେ ଶୋଇ ପଡ଼ିଲି । ଦି' ଘଣ୍ଟା ପରେ କା ହାତର ତାତିଲା ପରଶରେ ନିଦଟା ଚୂଉଁ କରି ଭାଙ୍ଗିଲା । ଉଠି ବସି ଅନାଇଲି ! ଗୋପଭାଇ କହୁଚନ୍ତି, ପୁନି ଖାଇବୁ ଉଠ । ନିଦ ମଳ ମଳ ଆଖିରେ କହିଲି, ଗୋପଭାଇ ମୋତେ ଭୋକ ନାହିଁ । ମୁଁ ଶୋଉଚି—କାଲି ସକାଳେ ଉଠି ଖାଇବି, ପଚାରିଲି, ତମେ ଖାଇଲଣି । ସେ କହିଲେ, ତୁ ଖାଉନାହୁଁ —ମୁଁ ଖାଇବି କିପରି ? କଣ କରିବି —ବାଧ ହୋଇ ଉଠିଲି । ଦାମ ଆସି ଭାତ ଦେଇଗଲା । ଗୋପଭାଇ ଖାଇଲେ, ଗୋପଭାଇ ଖାଇ ଆସିଲା ପରେ ମୁଁ ଦି'ଟା ଆଉ ସାଉ ଖାଇ ଉଠିଲି । ପଚାରିଲି, ହେମାଙ୍ଗିନୀ କାହାନ୍ତି କି ? ଗୋପଭାଇ ହସିଲେ । କହିଲେ, ସେ ଦି ଦିନ ହେଲା ତାଙ୍କ ଘରକୁ ଯାଇଚି—ଫେରିବ ମାସକ ପରେ । ଆଉ କିଛି ନ ପଚାରି ଉପରକୁ ଆସିଲି । ଦେହଟା ଭଲ ଲାଗୁ ନଥାଏ । ଅମର କଡରେ ପୁଣି ଆସି ଶୋଇ ପଡ଼ିଲି । ବିଛଣା ଧରୁ ଧରୁ କୁଆଡ଼େ ନିଦ ଲାଗି ଆସିଲା ।

ରାତି ଦଇଟା ବେଳକୁ ନିଦଟା ଭାଙ୍ଗିଗଲା । ଅନାଇଲି, ଘରେ ବତୀଟା ସେମିତି ଜଳୁଚି । ଗୋପଭାଇ ଖଟତଳେ ଗଣ୍ଡେ ସପ ପାରି ଶୋଇଚନ୍ତି । ଖଟ ଉପରୁ ଓହ୍ଲାଇ ପଡ଼ିଲି । ମୁଁ ଶୋଇବି ଖଟ ଉପରେ—ସେ ଶୋଇବେ ତଳେ । ନାଁ ! ନାଁ ଏହା ହେବ ନାହିଁ । ଗୋପଭାଇଙ୍କ ହାତ ଧରି ହଲାଇଲି । ସେ ନିଦ ମଳ ମଳ ଆଖିରେ

ଉଠି ପଚାରିଲେ, ପୁନି କଣ ? କହିଲି, ଚାଲେ ଶୋଇବନ୍ତ କାହିଁକି ? ଖଟ ଉପରକୁ ଯାଉନ୍ତୁ । କିନ୍ତୁ କହିଲେ ନାହିଁ । ଘଡ଼ିଏ କାଳ ମୋ ମୁହଁକୁ ଅନାଇଲେ, ତାଙ୍କ ଚାହାଣୀରେ କି ମାଦକତା ଥିଲା କେଜାଣି ମୁଁ ତାଙ୍କ ମୁହଁକୁ ଭଲ କରି ଅନାଇ ପାରିଲି ନାହିଁ । ତଳକୁ ମୁହଁ ପୋତି ଛିଡ଼ା ହେଲି । ସେ ଉଠି ଖଟ ଉପରେ ବସିଲେ । ମୋ ହାତ ଧରି ପାଖକୁ ଟାଣି ନେଲେ । ମୋତେ କୋଳରେ ପୂରେଇ ଭିଡ଼ି ଧରି ଚୁମ୍ବନ କରିବାକୁ ଲାଗିଲେ । ଦେହ ମନ ମୋର ପୁଲକି ଉଠିଲା—ତାଙ୍କର ପଦତଳେ ନିଜକୁ ଅଜାଡ଼ି ଦେଲି ।

କେତେବେଳ ଯାଏ କେତେ ଅତୀତର କଥା ପଡ଼ିଲା । ଘର ଛାଡ଼ିବା ଦିନୁ ସବୁକଥା ତାଙ୍କୁ କହିଲି । ଆଖିରେ ତାଙ୍କର ଲୁହ ପୂରି ଉଠିଲା । କହିଲେ, ପୁନି ଅତୀତକୁ ଭୁଲିଯା—ପୁଣି ନୂଆ କରି ଆମ ଜୀବନକୁ ଗଢ଼ିବା । ପୁଣି ଆମର ନୂଆ ପଥରେ ଫୁଟି ଉଠିବ ରାଶି ରାଶି ଯୁଈ, ହେନା, କାମିନୀ, ମାଲତୀ । ଏହାର ଗନ୍ଧକୁ ଠୁଳ କରି ଅଙ୍ଗନରେ ମଳୟ ବହିବ ଦୁଇଟି ଅତୃପ୍ତ ପ୍ରାଣର ତୃପ୍ତି ପାଇଁ—ଜୀବନ ହେବ ସରସ ଓ ସୁନ୍ଦର । ତାଙ୍କର କଥା ମୋତେ ଭୁଲାଇ ଦେଲା । ତାଙ୍କ କୋଳରେ ମୋତେ ଜୀବନର ସ୍ୱର୍ଗ ସୁଖ ଅନୁଭବ ହେଲା ପରି ଜଣାଗଲା ।

ନିଦ କଣ ଭାଙ୍ଗିବ ନାହିଁକି ଆଜି ? ଗୋପଭାଇଙ୍କ ଡାକରେ ଉଠି ବସି ଅନାଇଲି, ବେଳ ଆସି ଆଠଟା ବାଜିଲାଣି । ଅମର ଉଠି ଘରେ ଖେଳୁଛି । କହିଲି, ମୋତେ ଡାକି ଦେଲେନି ଏତେବେଳ ହେଲାଣି । ସେ କହିଲେ, ଅନେକ ଡେରିରେ ଶୋଇଥିଲ ବୋଲି ଡାକିଲି ନାହିଁ । ମୁଁ ଯାଉଛି ଗୋଟାଏ କାମରେ—ଫେରୁ ଫେରୁ ଦୁଇଟା ବାଜିଯିବ । ଦାମ ଅଛି—କିନ୍ତୁ ଅସୁବିଧା ହେବ ନାହିଁ ତ ? କହିଲି, ନାହିଁ ତମେ ଯାଅ—କାମ ସାରି ଚାଲି ଆସିବ ।

ନୈବେଦ୍ୟ ଓ ଗାମୁଛା ଆଣିଥିଲି । ଫଳ ମିଷ୍ଟାନ୍ନ ଓ ଦ୍ରାକ୍ଷା ଫୁଲ ଗଜରା ଏବଂ ଯୋତା ହଳେ ଗୋଡ଼ରେ ଗଳାଇଦେଲି । କହିଲି, ଛୋଟ ଭଉଣୀର —ଉତ୍ତର କରିବେ ନାହିଁ । ସେ ହସିଦେଲେ । ମୋତେ ପାଖକୁ ଟାଣି-ନେଇ ଗୋଟିଏ ଚୁମ୍ବନ ଦେଇ ବିଦାୟ ନେଲେ । ମୁଁ ଗାମୁଛା ପ୍ରଭୃତି ଆଉ ଅମରଙ୍କୁ ଭୁଖ ଖୁଆଇଲି ।

ଗାମୁଛା ଦେଲାରେ ବୋଟପାଇ ବାସ ସାହି ଦାମକୁ କହିଲି, ଦାମ ! ବାବୁ ତ ଆଜି ଭୋଜନରେ ଆସିବେ—ତୁ ଖାଇବୁ ଯା । ଦାମ କହିଲା, ଆପଣ ଖାଇବେ ନାହିଁ । ମୁଁ କହିଲି, ନାଁ ବାବୁ ନ ଆସିଲେ ମୁଁ ଖାଇବି ନାହିଁ । ଦାମ ଆପଣ ଭୋଳି କହିଲା, କେତେବେଳ ଯାଏ ବାବୁଙ୍କୁ ଅପେକ୍ଷା କରିବେ—ଦେହ ଖାଇ ବସନ୍ତୁ ମା । ମୁଁ ମନା କଲି । ବାଧ୍ୟ ହୋଇ ସେ ଆଗ ଖାଇଲା । ଦାମକୁ ମୁଁ ଭାତ ତରକାରୀ ସବୁ ଚୁଲି ଉପରେ ଘୋଡ଼େଇ ରଖିବାକୁ କହି ଉପରେ ଆସି ଖଟ ଉପରେ ଶୋଇଲି । କେତେ ଆଉର ଭାବନା ମନ ଉପରେ ଆସୁଥାଏ—ଯାଉଥାଏ । ବାପାଙ୍କ କଥା ମାଙ୍କ କଥା ମନେ ପଡ଼ିଲା । କିନ୍ତୁ ଏମିତିଆ କଷ୍ଟ କରୁଥିବ । ହୃଦୟ କେଉଁଠି ଏ ହେଉ ଯିବଣି । ସନ୍ଧ୍ୟା ହେଉଥାଏ ଥରେ ତାଙ୍କୁ ଦେଖି ଆସିବାକୁ କହନ୍ତୁ ପର-କ୍ଷଣରେ ଲଜ୍ଜା ହେଉଥାଏ । କେଉଁ ସାହସରେ ଯିବି—ଏ ପୋଡ଼ା ମୁହଁକୁ କେମିତି ଦେଖାଇବି । [illegible] ମଉଜ ପଡ଼ିଲେ ଆଉ ଗାଁ ମାଡ଼ିବି ନାହିଁ । ପରକ୍ଷଣରେ ଗୋପଭାଇଙ୍କ [illegible] କଥା ମନେ ପଡ଼ିଲା । ମୁଁ ଏଠି ଅଛି ବୋଲି ସେ ତ ଜାଣି ନ ଥିବେ । ଯଦି ଜାଣିବେ ତେବେ ଗୋପଭାଇଙ୍କ ଦଶା ହେବ କଣ ? ଭୟରେ ଛାତି ମୋର ଥରି ଉଠିଲା । ଭାବୁ ଭାବୁ ଶୋଇ ପଡ଼ିଲି ।

ନିଦ ଭାଙ୍ଗିଲା କେତେକୁ ଗୋପଭାଇ ଘରେ ଆସି [illegible] ଟେଲିଫୋନ୍ । ମୋ ଆଡ଼କୁ ଚାହିଁ ହସି ହସି କହିଲେ, କେତେ

ଦେଖାଉଚି—ରାତି ମଜୁରି କଣ ଲୁଚି ନାହିଁ । ମୁଁ ତାଙ୍କ ମୁହଁକୁ ଅନାଇ ମୁରୁକି ହସି ମୁହଁ ଦେଖାଇ ଆସିଲି । ସେ କହିଲେ, ଦେଖ ଏସବୁ କଣ ଆଣିଚି । କାଗଜ ପୁଡ଼ିଆ ଖୋଲି ଦେଖିଲି; ଦି’ଟା ଶାନ୍ତି-ପୁରୀ ଶାଢ଼ି, ଦିଟା ଶିଲ୍କ ବ୍ଲାଉଜ ଓ ଦି’ଟା ସାୟା । ଝୁନୁ ପାଇଁ କେତେଟି ଆଉ ନାନୁ ଖେଳଣା, ପେଣ୍ଟ, ଜାମା ଯୋଡ଼ା । କହିଲି, ଏ ସବୁ କାହିଁକି ଆଣିଲେ । ଶାଢ଼ି, ବ୍ଲାଉଜ, ସାୟା ମୋର ତ ଅନେକ ଅଛି । ସେ ହସିଲେ, କହିଲେ ସେ ସବୁ ଜିନିଷ ତୋର—ମୋର ସେଥିରେ କଣ ଅଛି; ଆଉ ଗୋଟାଏ ଖୋଳ ଖୋଲି ଦେଖାଇଲେ । ସେଥିରେ ଅଛି ସୁନା କାଚ, ସୁନା ଯ୍ରାଙ୍ଗ ଓ ଗୋଟାଏ ସୁନ୍ଦର ସୁନାର ହାର ।

ଏ ସବୁ ଦେଖି ମୁଁ ଭାରି ଚିଢ଼ି ଉଠିଲି । କହିଲି, ଏ ସବୁ କଣ ହେବ । ସେ ହସି ହସି କହିଲେ, ତୋ ସୁନ୍ଦର ଦେହକୁ ଏ ସବୁ ବେଶ ମାନିବ ପୁଣି—ଅତି ସ୍ନେହରେ କିଣି ଆଣିଛି—ତୁ ନ ପିନ୍ଧିଲେ ମୋ ମନରେ ଭାରି ଦୁଃଖ ହେବ । ମନା କଲି ମୁଁ ସେ ସବୁ ପିନ୍ଧିବି ନାହିଁ । ସେ ଭାରି ଜିଗର କଲେ—ଶେଷକୁ ରାଗି ପକାଇଲେ । ବାଧ୍ୟ ହୋଇ ତାଙ୍କ କଥାରେ ରାଜି ହେଲି । ସେ ସୁନା କାଚ, ହାର ଓ ଯ୍ରାଙ୍ଗ ପିନ୍ଧାଇ ଦେଇ କହିଲେ, ପୁଣି ଆଜି ଥିଏଟର ଦେଖିଯିବା —ଅନ୍ନପୂର୍ଣ୍ଣାରେ ଭଲ ଖେଳ ଅଛି । କହିଲି, ଆଗେ ଖାଇବେ ଚାଲନ୍ତୁ । ଅନାଇ ମୁହଁଟା ଶୁଖି କଳା କାଠ ପଡ଼ି ଗଲାଣି । ସେ ତଳକୁ ଆସିଲେ । ମୁଁ ଖାଇବାକୁ ଜାଗା କରିଦେଲି । ଦାମ ଅସି କହିଲା, ବାବୁ ଆପଣ ଖାଇ ନାହାନ୍ତି ବୋଲି ମା ବି ଏ ଯାଏ ଖାଇ ନାହାନ୍ତି । କହିଲେ, ବାବୁ ଆସନ୍ତୁ—ଖାଇବା । ଯୋଗେନ୍ଦ୍ର ବି ଘର ବାହାରି ଗଲେ । କହିଲି, ତୁମେ ଖାଇ ସାରିଲା ପରେ ମୁଁ ଖାଇବି ନାହିଁକି ଏବେ [illegible] [illegible] କାହିଁକି ? ସେ ଖାଇ [illegible]

ଉଠିବା ପରେ ମୁଁ ଅଡ଼ ସାଡ଼ ଦେଇ ଖାଇ ଉପରକୁ ଆସିଲି । ସେତେବେଳକୁ ସାଢ଼େ ଛଅଟା ବାଜି ଗଲାଣି । ଗୋପଭାଇ କହିଲେ, ପୁଣି ଲୁଗା ପିନ୍ଧ—ଥିଏଟର ସାଢ଼େ ସାତଟାରେ ଆରମ୍ଭ—ଯିବାକୁ ଏଇ ଲାଗେ ଅଧଘଣ୍ଟା ସମୟ ଲାଗିବ—ଚଞ୍ଚଳ କାମ ସାର ।

ସେ ଅମରକୁ ପେଣ୍ଟ, ଜାମା, ଯୋତା ପିନ୍ଧାଇ ଦେଲେ । ମୁଁ ତାଙ୍କର ଆଣିଥିବା ଶାଢ଼ି, ବ୍ଲାଉଜ, ସାୟା ପିନ୍ଧିଲି । ମୁଣ୍ଡଟା ଟିକିଏ କୁଣ୍ଡାଇ ବାହାରି ପଡ଼ିଲି । ଗୋପଭାଇ ମୋତେ ଦେଖି ହସି ହସି କହିଲେ, ପୁଣି ଆଜି ତୋର ଏଇ ରୂପକୁ ଦେଖିଲେ, କିଏ ନା ଭୁଲିବ । ସେ ଖଟ ଉପରକୁ ମୋତେ ଟାଣିନେଇ ମୋ ଗାଲରେ ବହେ ଚୁମ୍ବନ ଦେଲେ । ତା'ପରେ ଯାଇଁ ତାଙ୍କ ମନଟା ଶାନ୍ତ ହେଲା । ଦାମ ଭଲ ଡାକିଲା, ବାବୁ ଘୋଡ଼ାଗାଡ଼ି ଆସିଲାଣି । ଅମରକୁ କୋଳରେ ପୁରେଇ ତଳକୁ ଗଲୁ । ସେ ଦିନ ଥିଏଟର ଦେଖି ଫେରୁ ଫେରୁ ରାତି ବାରଟା ବାଜିଲା । ନିଦ ମାଡ଼ୁଥାଏ କିନ୍ତୁ ଗୋପଭାଇ ମୋତେ ଶୋଇ ଦେଲେ ନାହିଁ । ଅନିଦ୍ରାରେ ରାତିଟା ପାହିଲା ।

ଇମିତ ସ୍ୱପ୍ନ ପରି ଦିନ ସାତଟା କୁଆଡେ ବିତଗଲା । ବିକାଶ ଭାଇ ଆସି ପଚାରିଲେ, ପୁଣି କଣ ଅସୁବିଧା ହେଉଛି । କହିଲି, ନାଁ ଭାଇ ଅସୁବିଧାରେ ପଡ଼ିନାହିଁ—ତେବେ ଆମ ଘରଠୁ ବିଶେଷ ସୁଖରେ ନାହିଁ । ସେ ହସିଲେ ; କହିଲେ, ପାଗଳୀ ଘର କରି ଜାଣିଲେ ସବୁ ସୁଖ ସବୁ ସୁନ୍ଦର ଅପେ ଆପେ ଆସେ । କେତେ ବୁଝାଇ ସୁଝାଇ ସେ ଚାଲିଲେ ।

ସେଦିନ ସଞ୍ଜବେଳେ ଗୋପଭାଇ ଦିନରୁ କୁଆଡେ ଯାଇଚନ୍ତି ଯେ ଏ ଯାଏ ଦେଖାନାହିଁ । ଖଟ ଉପରେ ବସିଥିଲି ମୁଁ ହାଣ୍ଡି ପାରୁଚି । ହଠାତ୍ ତକିଆ ତଳେ ଖଣ୍ଡେ ଚିଠି ଉପରେ ମୋ ନଜର ପଡ଼ିଲା । ଖୋଲି ପଢ଼ିଲି । ଲେଖା ଅଛି ।

ପ୍ରିୟତମ,

ମୁଁ ଏଠି ଶୁଣୁଛି ତମେ ଆଉ ଗୋଟିଏ ସୁନ୍ଦରୀ ଯୁବତୀଟିଏ ଆଣି ଘରେ ରଖିଚ । ଏକଥା କେତେଦୂର ସତ୍ୟ ମୁଁ ଜାଣି ପାରୁନି । ବାହା ହେବା ଦିନଠାରୁ ଅଜଯାଏ ମୋତେ କେତେ ସ୍ନେହ କରିଚ —ପାଗଳ ପରି ଦିନେ ନ ଦେଖିଲେ ବଣା ହୋଇଚ । ତେଣୁ ତମଠାରେ ଦିନେ ମୁଁ ଭଲ ପାଇବା ଭିତରେ ଅବିଶ୍ୱାସର ଛାୟା ଦେଖିନି । କିନ୍ତୁ ଆଜି ମୋର କାହିଁକି ବିଶ୍ୱାସ ହେଉଚି, ମୋର ଇଚ୍ଛା ନଥିବା ସତ୍ତ୍ୱେ ତମେ ମୋତେ ବଳେ ବଳେ ଆଣି ବାପ ଘରେ ଛାଡ଼ି ଦେଇ ଯାଇଚ । ବୋଧହୁଏ ମୁଁ ରହିବା ଦ୍ୱାରା ସେଇ ସୁନ୍ଦରୀ ଯୁବତୀକି ଘରକୁ ଅଣିବା ସମ୍ଭବପର ହୋଇ ନ ଥାନ୍ତା ।

ଏ ସବୁ କଥା ଶୁଣିଲା ବେଳଠୁ କାଲିଠାରୁ ମୋ ମନରେ ବିଶେଷ ଦୁଃଖ । ବାପା, ବୋଉଙ୍କ ମନର ଅବସ୍ଥା କହିଲେ ନ ସରେ । ମୁଁ ପ୍ରଥମ ଦିନ କଟକରେ ପହଞ୍ଚିବି । ସତ ସତ ମୁଁ ଯଦି ସେଇ ଯୁବତୀଟିକୁ ଘରେ ଥିବାର ଦେଖେ—ତେବେ ସେଇଠି ବିଷ ଖାଇ ମରିବି । ଆଉ କିଛି ଲେଖି ପାରୁନି । ଇତି

ତମର
ହେମାଙ୍ଗିନୀ

ହେମାଙ୍ଗିନୀ ଚିଠିଟା ପଢ଼ି ସାରି ସବୁ ସ୍ୱପ୍ନ ମୋର ସ୍ୱପ୍ନରେ ମିଳାଇଗଲା । ମୁଣ୍ଡଟା ଗୋଳମାଳ ହୋଇଗଲା । ହେମାଙ୍ଗିନୀ ମୋ ପାଇଁ ବିଷଖାଇ ମରିବ । ନାଁ ନାଁ ଏହା କଦାପି ହୋଇ ପାରିବ ନାଁ । । ଗୋପଭାଇଙ୍କର ଏ ଭାରି ଅନ୍ୟାୟ । ମୋ ପାଇଁ ନିଜର ସ୍ତ୍ରୀକୁ ସେ ଜାଣି ଜାଣି ମାରିବେ । ମୁଁ ବା ତାଙ୍କର କଏ ସାତପରନର ପର । ହେମାଙ୍ଗିନୀ—କେତେ ସରଳ ସୁନ୍ଦର ହେମାଙ୍ଗିନୀ । ସେ ଦିନକ

ଭିତରେ ମୋତେ ଆପଣାର କରି ପକାଇଥିଲା । ମୁଁ ପୁଣି ଆସି ତାର ସଂସାରରେ ନିଆଁ ଲଗାଇ ଦେଉଛି । ନାଁ ନାଁ ଏହା ହେବନି । ମୋର ସୁଖ ସଂସାର ଗଢ଼ିବା ଦରକାର ନାହିଁ । ଚିର ହତଭାଗୀ ମୁଁ—ଆଉ ପୁଣି କାହାଁକି ଅଳ୍ପ ବଡ଼ ଆଶା । ହେମାଙ୍ଗିନୀ ସୁଖରେ ରହୁ—ସେଇ ମୋର ଶାନ୍ତି ।

ଏ ଘର ଦୁଆର, ଗୋପଭାଇଙ୍କ ସ୍ନେହ ମମତା କାଟି ଆଜି ରାତିରେ ମୁଁ ପଳାଇବି—ନଇଲେ ଗତି ନାହିଁ । କାଲି ହେମାଙ୍ଗିନୀ ଆସିବ—ସବୁକଥା ସରିଯିବ । ଭାବୁ ଭାବୁ ଆଖିରୁ ଝରି ପଡ଼ିଲା ଲୁହ । ଗୋପଭାଇଙ୍କ ଯୋତା ଶବ୍ଦ ଶୁଭିଲା । ଆଖିରୁ ଲୁହ ପୋଛି ଚଉଠି ତକିଆ ତଳେ ରଖି ବସି ଗୋଟାଏ ବହି ପଢ଼ିବାର ଛଳନା କଲି । ସେ ହସି ହସି ଘର ଭିତରକୁ ଆସି ମୋ କଡ଼ରେ ବସିଲେ । ମୋତେ କୋଳକୁ ଟାଣି ବାରମ୍ବାର ଚୁମ୍ବନ କଲେ । ଘରୁ ଆସିଲା ବେଳେ ପୁଣି ଗଲାବେଳେ ଗୋପଭାଇଙ୍କ ଏ ବ୍ୟବହାରରେ ମୁଁ ବାଧା ଦେଇ ପାରେ ନାଁ । ତା'ପରେ ଗୋପଭାଇ କହିଲେ, ପୁନି ଆଜି ମୁଁ ଗୋଟିଏ ବନ୍ଧୁର ବାହାଘରରେ ବରଯାତ୍ରୀ ହୋଇଯିବି—ଆସୁ ଆସୁ ରାତି ବାରଟା ହେବ । ଡର ମାଡ଼ିବ ନାହିଁ ତ । କହିଲି, ନାଁ ଦାମ ଅଛି—ଡର କଣ । ଯିବେତ ଯାଉ ନାହାନ୍ତି । ସେ ପୋଷାକ ବଦଳାଇ ଧୋତି ଓ ସିଲ୍କ ପଞ୍ଜାବି ପିନ୍ଧିଲେ । ତା'ପରେ ହସି ହସି କହିଲେ, ଯାଉଛି । ସେ ଚାଲିଗଲେ । ଘଡ଼ିଏ କାଳ ତାଙ୍କ ଗତି ପଥକୁ ଚାହିଁ ରହିଲି । ଭାବିଲି ଜୀବନରେ ଏ ମୋର ଶେଷ ଦେଖା—ହୁଏତ ଏ ଜନମରେ ଆଉ କେବେ ଦେଖା ହେବ ନାହିଁ ।

ଗୋପଭାଇ ଚାଲିଗଲାରୁ ମୋର ପଥ ପରିଷ୍କାର ହୋଇଗଲା । ଠିକ୍ କଲି ଦାମ ଶୋଇ ସାରିଲା ପରେ ରାତି ଠିକ୍ ଦଶଟାବେଳେ ଏ ଘରୁ ମୁଁ

ଝୁଲିଯିବ ଦୂରକୁ—ବହୁତ ଦୂରକୁ । ଶେଠି ଛନଖଣ୍ଡ ଲେଖିବାକୁ ଇଚ୍ଛା କଲା । ଖଣ୍ଡେ ଗୋପଭାଇଙ୍କ ହାତକୁ ଚାଲିଗଲା ।

ସ୍ୱାମୀ ମୋର,

ଜୀବନର ଶେଷ ବିଦାୟ ମୁହୂର୍ତ୍ତରେ ଆଜି ମୋର ଏଇ ସମ୍ବୋଧନ ଶୁଣି ଚମକି ପଡ଼ିବ ନାହିଁ । ଭାଇ ଭାଇ ବୋଲି ସାରା ଜୀବନ ଡାକି ଆସିଥିଲି, ଆଜି ଶେଷ ମୁହୂର୍ତ୍ତରେ ସ୍ୱାମୀ ବୋଲି ଡାକି ଜୀବନର ସବୁ ଇଚ୍ଛା ମେଣ୍ଟାଇ ନେଉଛି । ଘରକୁ ଫେରି ରାତି ପାହିଲା ବେଳକୁ ମୋତେ ବହୁତ ଖୋଜିବ—କିନ୍ତୁ ସେତେବେଳକୁ ମୁଁ ଥିବି ଯାଇ କାହିଁ କେତେ ଦୂରରେ । ଖୋଜିଲେ ପାଇବ ନାହିଁ କି ଖୋଜିବାର ବୃଥା ଚେଷ୍ଟା କରିବ ନାହିଁ ।

ଆଜି ମୋ ସୁଖରେ ମୁଁ ଚାଲିଯାଉଛି ହସି ହସି—ତମ ଉପରେ ମୋର କୌଣସି ଅଭିଯୋଗ ନାହିଁ—ଦୁଃଖ ନାହିଁ । ଚିର ହତଭାଗିନୀ ମୁଁ—ଆଉ କାହିଁକି ବଡ଼ ଆଶା ପୋଷି ଜୀବନଟାକୁ ହା ହୁତାଶରେ ଭରିବି । ହେମାଙ୍ଗିନୀକୁ ସୁଖୀ କର । ହେମାଙ୍ଗିନୀଙ୍କୁ ନେଇ ତମର ସଂସାର ନୂଆ କରି ଗଢ଼ । ତା'ର ଚିଠିଟା ମୋତେ ଆଜି ନୂଆ ଜୀବନ ଦେଇଛି । ଦେଖା ହେଲେ କହିଥାନ୍ତି, ହେମାଙ୍ଗିନୀ ତମେ କେତେ ମହତ୍; କିନ୍ତୁ ଏ ଜୀବନରେ ଆଉ ତାଙ୍କ ସହିତ ଦେଖା ହେବାର ସୁଯୋଗ ନାହିଁ ।

ଜୀବନ ନେଇ ଖେଳ ଖେଳିବାକୁ ଆଉ ସାହାସ କର ନାହିଁ । ଶେଷ ଥର କହୁଛି, ହେମାଙ୍ଗିନୀକୁ ସୁଖୀ କରିବ । ସେ ସୁଖୀ ହେଲେ ମୁଁ କେଉଁଠି ଥିଲେ ବି ସୁଖୀ ହେବି । ଅତୀତର ସବୁ ସ୍ମୃତି ଭୁଲି ମନରୁ ପୋଛି ପକାଇବ । ଏ ଜୀବନରେ ଆଉ ତୁମକୁ ମୁଁ, ଆପଣାର କରି ପାରିଲି ନାହିଁ । ହୁଏତ ପରଜୀବନରେ ହୋଇପାରେ—

ଏଇ ଆଶା ରହିଲା । ଅମରଙ୍କୁ ମଣିଷ କରିବ । ତାକୁ ତମର ପୁଅ ବୋଲି ସବୁଠି ପରିଚୟ ଦେବ । ଏତିକି ଶେଷ ମୁହୂର୍ତ୍ତରେ ଅଳି । ଆଉ କିଛି ଲେଖି ପାରୁନି—ଆଖିରୁ ଲୁହ ଧାର ଧାର ହୋଇ ଛୁଟୁଛି । ମୋ ପଥ ମୋତେ ହାତ ଠାରି ଡାକିଲାଣି—ଯାଉଛି । ଜୀବନର ଶେଷ ଲୁହଭିଜା ଚୁମ୍ବନଟି ମୋର ଗ୍ରହଣ କରିବ ।

ବିଦାୟ........

ତମର—ସୁନି

ଆଉ ଖଣ୍ଡେ ଚିଠି ଲେଖିଲି ହେମାଙ୍ଗିନୀ କତିକି ।

ଭଉଣୀ,

ଚିଠିଟା ପାଇ ତମକୁ ପଢ଼ିବ ନାହିଁ । ତମ ସ୍ୱାମୀଙ୍କୁ ମୁଁ ଆଜି ତମରି ହାତରେ ସମର୍ପି ଦେଇ ଚାଲିଯାଉଛି ଏକ ଅଜଣା ପଥରେ । ଜାଣେନି ଏ ପଥର ଶେଷ କେଉଁଠି ? ତମେ ତମର ସ୍ୱାମୀଙ୍କୁ ଫେର ପାଇବ—କିନ୍ତୁ ଏ ଜୀବନରେ ମୁଁ ଆଉ ସ୍ୱାମୀକୁ ଫେର ପାଇବି ନାହିଁ ।

ତମେ ଯାହାକୁ ସ୍ୱାମୀ ବୋଲି ହସି ହସି ଗ୍ରହଣ କରିଚ—ମୁଁ ବି ତାଙ୍କୁ ଅମ୍ଳାନ ବଦନରେ ସେଇପରି ଗ୍ରହଣ କରିଚି । କିନ୍ତୁ ତଥାପି ମୁଁ ହାରିଲି—ତମେ ଜିତିଲ । କାହିଁକି ତମେ ତାଙ୍କର ସ୍ତ୍ରୀ—ଦୁନିଆ ଜାଣିଛି । କିନ୍ତୁ ମୋତେ, ମୋତେ ଜାଣେ କିଏ ? ଜାଣେ ଗୋପଭିଲ—ଜାଣେ ଉପରେ ଅସୀମ ନୀଳ ଆକାଶ—ଆଉ ତଳେ ଶ୍ୟାମଳ ଧରଣୀର ମାଟି । କିନ୍ତୁ ପ୍ରଣୟରେ ଜିତାପଟ ନେଇଚି ମୁଁ ଆଗ—ହସିହସି ମୋ କୋଳରେ ଆସିଚି ଅମର ।

ତଥାପି ମୁଁ ଜଡ଼ ଦୁର୍ବଳ ହେମାଙ୍ଗିନୀ । ଦୁନିଆ ଆଗରେ ଶଙ୍କର ସ୍ୱାମୀ ହୋଇ ଦାବୀ କରି ପାରିଲି ନାହିଁ । ଭଲ ହେଲା—କିଏ ବିଶ୍ୱାସ କରିବ ଗରିବ ହତଭାଗିନୀ ଝିଅଟା ସହିତ ରାଉତରାୟ ବଂଶର ଖାନଦାନ ବୁନିଆଦ ଘରର ଗୋପବାବୁଙ୍କର ହୃଦୟର ମିଳନ । ଦୁନିଆ କହିବ ଅସମ୍ଭବ । ସଭ୍ୟ ଜଗତର ପାଚେରୀ ଉହାଡରେ ଇମିତି ନିତି ଦୁନିଆ କେତେ ଘଟଣା ଘଟୁଚି, ଜାଣିଥିବ ।

ଆଉ କିଛି ଲେଖୁନି, ଅମରକୁ ମୋର ତମରି ହାତରେ ଦେଲି । ଦିନେ ତମେ ମାଗି ଥିଲ ଦେଇନଥିଲି—ଆଜି ବଳେ ବଳେ ଯାଚି କରି ଦେଇ ଯାଉଚି । ଘୃଣା କରିବ ନାହିଁ—ହସି ହସି ଗ୍ରହଣ କରିଲେ—କାହିଁ କେତେ ଦୂରରେ ଥିଲେ ବି ଜୀବନଟା ମୋର ଶାନ୍ତିରେ କଟିବ । ବିଦାୟ ଭଉଣୀ.........................

ତମର ଚେହ୍ନା ଜଣେ

ଶେଷ ଚିଠି ଖଣ୍ଡିରେ ବିକାଶଭାଇଙ୍କ କତିକି ଦି'ଧାଡି ଲେଖିଲି ।

ବିକାଶ ଭାଇ,

ମୋତେ ଆଣି ଛାଡ଼ି ଦେଇ ଯାଇଥିଲ ସୁଖୀ କରିବାକୁ—ମୋ ଶୁଖିଲା ମୁହଁରେ ହସ ଫୁଟାଇବାକୁ କିନ୍ତୁ ବାସୀ ଗୋଲାପର ମଉଳା ମୁହଁରେ ହସ କଣ ଫୁଟି ପାରେ ? ଯେତେ ମଳୟ ବହିଲେ ଯେତେ ଭ୍ରମରର ଗୁଣୁ ଗୁଣୁରେ ବି ସେ ସେମିତି ପଡିଥାଏ—ମଳିନ, ନିସ୍ତେଜ, ଅଲୋଡ଼ା ଦରବ ପରି ।

ପାରିଲି ନାହିଁ ଜୀବନକୁ ସୁନ୍ଦର କରି—ମୋ ପଥରେ ମୁଁ ହାର ମାନି ଚାଲିଗଲି । ଜୀବନରେ ତମର ସ୍ନେହ ଭୁଲି ପାରୁନି—ଶେଷ ମୁହୂର୍ତ୍ତରେ ତମରି କଥା ବେଶି ମନେ ପଡୁଚି । ବାପା, ବୋଉଙ୍କୁ

ମୋର ଲୁହ-ଭିଜା ପ୍ରମାଣ ଦେବ । କହିବ, ପୁଣି ଯାଉଛି ବହୁତ ଦୂରକୁ—ସମ୍ବଲପୁର ଆହୁରି ସେପଟକୁ । ସେ ଫେରିବ ଏ ଜନମରେ ନୁହେଁ—ଆର ଜନମରେ । ଯେତେବେଳେ ଯେପରି ଖବର ବୋଲି ଭାବିବ ନାହିଁ—"କଳ୍ପନା" ବୋଲି ଭୋଳାକୁ [illegible] ଏଥର—ପୁଣି ଯାଇ କହିବ· · · · · · · · · · · ·

ତୁମର

ଅଲୋଡ଼ା ପୁଅ

ଚିଠି ତିନି ଖଣ୍ଡ ଲେଖି ସାର ଗୋପଭାଇଙ୍କ ଟେବୁଲ ଉପରେ ରଖିଲି ।

ଅମରକୁ ଦୁଧ ଖାଇବାକୁ ଦେଇ ଶୋଇ ପକାଇଲି । ଗଲି ରୋଷେଇ ଘରକୁ । ଦେଖିଲି, ଦାମ ସବୁ ରୋଷେଇ ସାରିଲାଣି । କହିଲି, ଦାମ ଆଜି କାହିଁକି ଭାରି ନିଦ ମାଡ଼ିଲାଣି—ଭାତ ବାଢ଼, ଖାଇବା । ବାବୁତ ଆଜି ଖାଇବେ ନାହିଁ । ସେ ଭାତ ବାଢିଲା—ମୁଁ ଖାଇ ବସିଲି । ପେଟକୁ ମୋର ଭାତ ଗଲା ନାହିଁ । ଆଖିରୁ ଲୁହ ଗଡ଼ି ଭାତ ଥାଳି ଓଦା ହୋଇଗଲା । ଲୁହ ପୋଛି ଉଠି ଆସିଲି । ଦାମ ଆସି ପଚାରିଲା, ମା ଖାଇଲେ ନାହିଁ, ଉଠିଗଲେ । ତରକାରି କଣ ଖରାପ ହୋଇଛି କି ? କହିଲି, ନାଁରେ ସବୁ ଭଲ ହୋଇଛି । ପେଟଟା କାହିଁକି ଠାଣି ଦେଉଛି—ବେଶି ଖାଇବାକୁ ଇଚ୍ଛା ହେଲା ନାହିଁ । ଦାମକୁ ଖାଇବାକୁ କହି ଉପରକୁ ଆସିଲି । ଟିକିଏ ପରେ ଦାମ ଖାଇସାରି ଶୋଇବାକୁ ଗଲା । ଦି'ଘଣ୍ଟା ବିତିଗଲା । ଘଣ୍ଟାକି ଅନାଇଲି ସାଢ଼େ ବାର । କାନ ପାତିଲି ଦାମ ନିଘୋଡ଼ ନିଦରେ ଶୋଇ ପଡିଲାଣି ।

ଅମର ଜିଦରେ ଶୋଇ ପଡ଼ିଥାଏ । ତାକୁ ଆଉଁସି ଦେଇ ଝା ଗାଲରେ ସବୁ ଚୁମ୍ବନ ଦେଲି । ଦେହରୁ ସୁନା ଗହଣା ସବୁ କାଢ଼ି ଖଟ ପାଖରେ ରଖି ଧୀରେ ଧୀରେ ତଳକୁ ଆସିଲି । ଆଖିରୁ ଲୁହ ଧାର ଧାର ହୋଇ ବହୁଥାଏ । ଯା, ପାଇଁ ଦିନେ ଘର-ଦୁଆର, ବୋଉ, ଝୁନ ସବୁ ଛାଡ଼ିଥିଲି—ତାକୁ ଆଜ ନିଛାଟିଆ ରାତିରେ ଏକାକୀ ଛାଡ଼ି ଯାଉଥାଏ ବୋଲି ହୃଦୟ ମୋର ଦୁଃଖରେ ଭରି ଯାଉଥାଏ । ମନର ସବୁ ଦୁର୍ବଳତା ପୋଛି ଧୀରେ ଧୀରେ ଅଗ୍ର ଦାଣ୍ଡ ଦରଜା ଥିବକାର ଖୋଲିଲି । ଗୋଡ଼ ଚିପି ପଦାକୁ ଆସିଲି । ଆକାଶରେ ମେଘ ଢାଙ୍କିଚି । ଚାରିଆଡେ ଜହ୍ନର ମଇଳା ଆଲୁଅ ବିଛାଡି ହୋଇ ପଡ଼ିଚି । ପଛକୁ ନ ଚାହିଁ ଜୋରରେ ଆଗକୁ ପାଦ କାଢି ଚାଲିଲି । ଇମିତ ଆଉ ଗୋଟିଏ ଦିନର ସ୍ମୃତି ଆଖି ଆଗରେ ନାଚି ଉଠିଲା । ବୋଉ, ଝୁନ, ଗାଁ ଘର-ଦୁଆର, ମାଣିକ, ମଧୁଭାଇ—କାହାନ୍ତି ସେ ସବୁ ଆଜ ? ସବୁକୁତ ଦିନେ ମୋର ମୋର ବୋଲି କହିଥିଲି ।

କେତେ ବାଟ ଆଗେଇ ଆସିଲି ପରେ ଦୂରରେ ଦ୍ୱାଦଶୀର ବଙ୍କା ଜହ୍ନ ବୁଡ଼ିଗଲା—ଗଛ ଗହଳି ସେ ପଟେରେ । ଚାରିଆଡ଼ ଢାଙ୍କିଲା ଅନ୍ଧାର । ପେଚୁଟା ଗଛ ଉପରୁ ବୋବାଉ ଥାଏ । କୁଆଡେ ଥିଲା ହଠାତ୍ ପବନଟା ଖୁବ୍ ଜୋରରେ ବହିଲା । ଆକାଶ ମେଘ ଘଡ ଘଡ଼ରେ ଗର୍ଜି ଉଠିଲା—ବିଜୁଳୀ ଜୋରରେ ପିଟୁଥାଏ । କୁଆଡକୁ କାନ ନ ଦେଇ ମୁଁ ଚାଲିଥାଏ ମୋର ପଥରେ—କେତେ ଗଛ ଗହଳୀ, ଖାଲ, ଢିପ, ବିଲ, ଅପନ୍ତରା, ନଈ, ନାଳ ମଶାଣି ଭୂଇଁ ଅତିକ୍ରମ କରି । ଗୋପଭାଇ, ବିକାଶଭାଇ, ଝୁନ କେତେ ପଛରେ ରହିଲେଣି କଛୁ ଜଣା ନାହିଁ । ମୁଁ ଚାଲିଚି—ସୀମାହୀନ ଅସୀମ

ପଥରେ । କେବେ କେଉଁଠି ଏ ଯାତ୍ରାର ଶେଷ ହେବ—କେବେ କେଉଁଠି ନୂତନ ସକାଳର ପ୍ରଥମ ଆଲୁଅ ଜୀବନକୁ ସରସ ସୁନ୍ଦର କରି ମୋ ପଥରେ ରଂଜନ କଅଁଳ ଗାଲିଚା ବିଛାଇ ଦେବ [ଜାଣେ ନାହିଁ ।

ମୁଁ ଚାଲିଛି........କାହୁଁ କେତେଦୂର.....ପଥ କାହୁଁ ?...
ସବୁ ଅନ୍ଧାର.................................................

ଜୀବନରେ ସୂର୍ଯ୍ୟ କଣ ଆଉ ଉଠିବନି ???

କବିତା ଭବନ, ଜାଁ
ଗ୍ରାମ ଦଣଠା।
ତା ୧୫ । ୪ । ୫୯

ଉତ୍କଳ ସଂଘ ଲାଇବ୍ରେରୀ
ନଂ ୧୫୨
ତା 17 JUL 1959
ରାଉରକେଲା

ମୁଦ୍ରାକର ଶ୍ରୀ ଘନଶ୍ୟାମ ଖଣ୍ଡୁଆଲ
ନବଯୁଗ ପ୍ରେସ, ପାଲିଡପଡ଼ା କଟକ—୨